R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୮
ତିଥି : ଚତୁର୍ଦ୍ଦଶୀ
୦୯ ଅକ୍ଟୋବର ୨୦୨୬, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
09 October 2026, Friday

ସମୟ SAMAYA

ସମୟ

30th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

# ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ

**ସଫଳ ହୋଇଥିବା ଭକ୍ତଙ୍କ ଦାବି**
**ଗଡ଼ିଲାନି ବସ୍, ଦୋକାନବଜାର ବନ୍ଦ**
**ବିଭିନ୍ନ ସ୍ଥାନରେ ବିରୋଧୀଙ୍କ ପିକେଟିଂ**
**ରାସ୍ତାରେ ଟାୟାର ଜାଳି ପ୍ରତିବାଦ**



ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ଏମ୍ଏମ୍ଡିଆର୍ ସଂଶୋଧନ ଆଇନକୁ ରଦ୍ଦ କରିବା, ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଓ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଅପସାରଣ ଦାବିରେ କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ବିରୋଧୀ ମେଣ୍ଟ ପକ୍ଷରୁ ବନ୍ଦ ସଫଳ ହୋଇଛି ବୋଲି ଦାବି କରାଯାଇଛି । ଓଡ଼ିଶା ବନ୍ଦକୁ ବ୍ୟାପକ ଜନ ସମର୍ଥନ ମିଳିଛି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ।

ବନ୍ଦର ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଥିଲା । ଦୋକାନ, ବଜାର ବସ୍ତୁତ ବନ୍ଦ ଥିବାବେଳେ ବସ୍ ଚଳାଚଳ ମଧ୍ୟ ହୋଇନଥିଲା । ବିଭିନ୍ନ ସ୍ଥାନରେ ବିରୋଧୀ ଦଳର ସଦସ୍ୟମାନେ ରାସ୍ତା ଅବରୋଧ କରିବା ସହ ଟାୟାର ଜାଳି ପ୍ରତିବାଦ କରିଥିଲେ । ବିଭିନ୍ନ ସ୍ଥାନରେ ମଧ୍ୟ ସ୍ଲୋଗାନ ଦିଆଯାଉଥିଲା । ପିକେଟିଂ ଓ ରାସ୍ତା ଅବରୋଧ ଯୋଗୁ ସାଧାରଣ ଯାତାୟାତରେ ସାମାନ୍ୟ ପ୍ରଭାବ ପଡିଥିଲା । ତେବେ କୌଣସି ସ୍ଥାନରେ ହିଂସା ଘଟିଥିବାର ସୂଚନା ମିଳିନାହିଁ । ରାଜଧାନୀ ଠାରୁ ଆରମ୍ଭ କରି ରାଜ୍ୟର ପ୍ରତି କୋଣଅନୁକୋଣରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ବିରୋଧୀ ଦଳର ନେତା ଓ କର୍ମୀମାନେ ରାଜରାସ୍ତାକୁ ଆସି ପ୍ରତିବାଦ କରିଛନ୍ତି । ଜାତୀୟ ରାଜପଥ ଅବରୋଧ ଯୋଗୁ ଗାଡି ଚଳାଚଳ ବ୍ୟାହତ ହୋଇଥିବା ବେଳେ କେତେକ ରେଳ ଷ୍ଟେସନରେ ପିକେଟିଂ ଯୋଗୁ ଟ୍ରେନ୍ ଚଳାଚଳ ମଧ୍ୟ ବ୍ୟାହତ ହୋଇଛି ।

ରାଜଧାନୀରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଏମାନଙ୍କ ଓଡ଼ିଶା ବନ୍ଦ ଡାକରାରେ ରାଜଧାନୀର (୯ ପୃଷ୍ଠାରେ)

# ପରଲୋକରେ ନାନା



ନୂଆଦିଲ୍ଲୀ, ୮ ।୧୦ : ଭାରତୀୟ ସିନେମା ଜଗତର ପ୍ରଖ୍ୟାତ ଅଭିନେତା ନାନା ପାଟକରଙ୍କର ଆଜି ବିୟୋଗ ହୋଇଯାଇଛି । ୭୫ ବର୍ଷ ବୟସରେ ଏହି ବରିଷ୍ଠ ଅଭିନେତାଙ୍କର ହଠାତ ମୃତ୍ୟୁ ଘଟିଛି । ମରାଠୀ ଭାଷାରେ ସିନେମା ଓ ଥିଏଟର ଓ ହିନ୍ଦୀ ସିନେମାରେ ସେ ଜଣେ ପ୍ରମୁଖ ଅଭିନେତା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ତେବେ ଗୋଆ ସ୍ଥିତ ତାଙ୍କ ବାସଭବନରେ ମୃତ୍ୟୁ ହୋଇଛି । ପୁନେରେ ତାଙ୍କର ଥିବା ଫାର୍ମ ହାଉସରେ ଅନ୍ତିମ ସଂସ୍କାର କରାଯିବ ଓ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଯିବ ବୋଲି ଘୋଷଣା କରାଯାଇଛି ।

ଗତକାଲି ରାତିରେ ନାନା ପାଟକର ହଠାତ୍ ଅସୁସ୍ଥ ହୋଇପଡିଥିଲେ । ସେ ଜଣେ ତାଙ୍କର ବନ୍ଧୁଙ୍କୁ ରାତି ପ୍ରାୟ ୨ ଟା ୪୫ ମିନିଟରେ ଫୋନ କରି ସୂଚନା ଦେଇଥିଲେ । ତାଙ୍କୁ ମଣିପାଲ ହସ୍ପିଟାଲରେ ଭର୍ତ୍ତି କରାଯଇଥିଲା । ସେ ତାଙ୍କ ବାସ ଭବନରେ ଅଚେତ ହୋଇପଡିଥିଲେ । ୪୫ ମିନିଟ ଧରି ସିପିଆର ଦେବା ସତ୍ତ୍ୱେ ବି ତାଙ୍କୁ ଡାକ୍ତରମାନେ ବଞ୍ଚାଇବା ସମ୍ଭବପର ହୋଇନଥିଲା । ତେବେ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି (୯ ପୃଷ୍ଠାରେ)




## ରାଜ୍ୟରୁ ଫେରିଲା ମୌସୁମୀ

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ସାରା ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଓଡିଶାରୁ ଗୁରୁବାର ଫେରିବା ଆରମ୍ଭ କରିଛି । ପ୍ରଥମ ଦିନରେ ୬ ଜିଲ୍ଲାରୁ ମୌସୁମୀ ଅପସାରଣ କରିଥିବା ବେଳେ ଆଗାମୀ ଦିନରେ ମୌସୁମୀ ଫେରିବା ପାଇଁ ପାଗ ପୂରା ଅନୁକୂଳ ରହିଛି । ସେପଟେ ୧୧ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଅଧିକ ଘୂର୍ଣ୍ଣିଭୂତ ହେବ । ତେବେ ଏହାର ଗତିପଥ ଅସ୍ୱଷ୍ଟ ରହିଛି । (୯ ପୃଷ୍ଠାରେ)

## ଜିଏସ୍ଟି ଅଧିକାରୀଙ୍କ ଗିରଫ କ୍ଷମତା ରଦ୍ଦ

ଭୁବନେଶ୍ୱର, ୮ ।୧୦ (ସବ୍ୟୁ) : ଦର୍ବ୍ୟ ଓ ସେବା କର (ଜିଏସ୍ଟି) ପରିଷଦର ବୈଠକରେ ଜିଏସ୍ଟିଙ୍କ ଅଧିକାରୀଙ୍କ ପାଖରେ ଥିବା ଗିରଫ କରିବା କ୍ଷମତାକୁ ରଦ୍ଦ କରିଦିଆଯାଇଛି । ଏହାଛଡା ଜରିମାନା ପରିମାଣକୁ ୧ କୋଟିରୁ ୫ କୋଟିକୁ ବୃଦ୍ଧି କରାଯାଇଛି । ୫୭ତମ ଜିଏସ୍ଟି ପରିଷଦ ବୈଠକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଅନୁଷ୍ଠିତ (୯ ପୃଷ୍ଠାରେ)









# ବିଦାୟ 'ନାନା'

ଆରପାରିରେ ବଲିଉଡର କ୍ରାନ୍ତିବୀର ନାନ ପାଟେକର । ୮ ଅକ୍ଟୋବର ସକାଳେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡିଥିଲା । ଗୋଆସ୍ଥିତ ନିଜ ଘରେହିଁ ତାଙ୍କର ହୃଦ୍‌ଘାତ ଜନିତ ମୃତ୍ୟୁ ଘଟିଛି । ତେବେ ନାନା ପାଟେକରଙ୍କ ମୃତ୍ୟୁରେ ବଲିଉଡରେ ଏକ ଯୁଗର ଅବସାନ ଘଟିଛି । ନାନାଙ୍କର ଅଗଣିତ ଫ୍ୟାନଙ୍କ ପାଇଁ ଏହି ଖବରଟି ଖୁବ ଦୁଃଖ ଦାୟକ । ଏତେ ଫିଟ୍ ଥି ବା ମିଷ୍ଟରଟି ହଠାତ୍ ସବୁକିଛି ପଛରେ ପକାଇ କେଉଁ ଅଫେରା ରାଇଜକୁ ଚାଲିଯାଇଛି । ତାଙ୍କର ଭର୍ସାଟାଇଲ ଆକ୍ଟିଂ, ଦମଦାର ଡାଇଲଗ ସବୁକୁ ସିନେପ୍ରେମୀ ସବୁବେଳ ପାଇଁ ଝୁରି ହେବେ । ଏଭଳି ଅନେକ ଚରିତ୍ର ରହିଛି ଯାହା ନାନାଙ୍କୁ ସବୁବେଳେ ବଲିଉଡର ଇତିହାସରେ ଜୀବନ୍ତ କରି ରଖିବ ।

ନାନାଙ୍କ ପୂରା ନାମ ଥିଲା ବିଶ୍ୱନାଥ ନାନା ପାଟେକର, ଯାହାଙ୍କ ଜନ୍ମ ୧, ଜାନୁୟାରୀ ୧୯୫୧ରେ ମହାରାଷ୍ଟ୍ର ମୁରାଦ ଜିଲ୍ଲାରେ ହେଇଥିଲା । ମୁମ୍ବାଇର ଜେ.ଜେ. ଇନଷ୍ଟିଚ୍ୟୁଟରେ ଆପ୍ଲାଏଡ ଆର୍ଟସରେ ପଢ଼ିଥିବା ନାନା ଅଭିନୟରେ ଥିଲେ ଖୁବ ନିପୁଣ । ନାନା ପାଟେକର ନିଜ କ୍ୟାରିୟରରେ ବିଭିନ୍ନ ପ୍ରକାର ଚରିତ୍ରରେ ଅଭିନୟ କରିଛନ୍ତି । କେତେବେଳେ ହିରୋ ତ କେବେ ଖଳନାୟକ, ଆଉକେତେବେଳେ କମେଡିଆନ ହୋଇ ଦର୍ଶକଙ୍କୁ ହସାଇଛନ୍ତି । ହିନ୍ଦୀ ଛଡା ସେ ଅନେକ ମରାଠି ଫିଲ୍ମରେ ଭି ଅଭିନୟ କରିଛନ୍ତି । ତାଙ୍କର ଫିଲ୍ମ 'ଗମନ' , 'ପ୍ରତିଘାତ', 'ମୋହରେ', 'ସଲାମ ବମ୍ବେ' ଖୁବ ଲୋକପ୍ରିୟ । ଖଳନାୟକ ଭୂମିକାରେ ସେ 'ପରିନ୍ଦା'ରେ ଅଭିନୟ କରି 'ଜାତୀୟ ଫିଲ୍ମ ପୁରସ୍କାର' ଲାଭ କରିଥିଲେ । ସେ ଖେଳ କୁଦରେ ମଧ୍ୟ ପାରଦର୍ଶିତା ଲାଭ କରିଥିଲେ । ରାଇଫଲ ଶୁଟିଂରେ ତାଙ୍କର ରୁଚି ରହିଛି । ଏଥିରେ ସେ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ମଧ୍ୟ ଯୋଗଦାନ କରିଛନ୍ତି । କେବଳ ଅଭିନୟ ନୁହେଁ ସଙ୍ଗୀତରେ ମଧ୍ୟ ତାଙ୍କର ରୁଚି ରହିଥିଲା । ନାନା ପାଟେକାର ଫିଲ୍ମ 'ଜସବନ୍ତ' , 'ବାଜୁଦ'ଓ 'ଆଞ୍ଚ'ରେ ଗୀତ ମଧ୍ୟ ଗାଇଛନ୍ତି । ଏହାସହ ଫିଲ୍ମନିର୍ଦ୍ଦେଶନାରେ ମଧ୍ୟ ରୁଚି ରଖିଥିଲେ ନାନା ପାଟେକର । 'ପ୍ରହାର' ନାମକ ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ନାନା। 'ପ୍ରହାର ' ଏକ ସାଧାରଣ ଧାରା ଚଳଚ୍ଚିତ୍ର ନ ହେଇ ଏକ ନୂଆ ଧାରାର ଚିତ୍ର ଭାବରେ ବହୁଳ ଆଦୃତ ହେଇଥିଲା।



ଭାରତୀୟ ସିନେମା ଜଗତର ଜଣେ ବଳିଷ୍ଠ ଓ ସ୍ୱାଭିମାନୀ କଳାକାର ଭାବେ ସମସ୍ତଙ୍କର ପ୍ରିୟ ଥିଲେ ନାନା ପାଟେକର । ନିଜର ଜୀବନ୍ତ ଅଭିନୟ, ଶାଣିତ ସଂଳାପ ଏବଂ ନିଷ୍କପଟ ଜୀବନଶୈଳୀ ପାଇଁ ସେ କୋଟି କୋଟି ଦର୍ଶକଙ୍କ ହୃଦୟରେ ସଦା ସର୍ବଦା ଅମର ହୋଇ ରହିବେ। ଏହି ମହାନ ଅଭିନେତାଙ୍କ ବିଦାୟ ଭାରତୀୟ ସିନେମା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଅବଦାନ କଳାପ୍ରେମୀଙ୍କ ମନରେ ଚିରଦିନ ପାଇଁ ସ୍ମୃତି ହୋଇ ରହିଥିବ।

## ଚଳଚ୍ଚିତ୍ରରେ ତାଙ୍କର ଆଳାପ

କ୍ରାନ୍ତିବୀର - "ଆ ଗଏ ମେରୀ ମୌତ୍ କା ତମାଶା ଦେଖ୍‌ନେ"

ତିରଙ୍ଗା - "ଅପ୍‌ନା ତୋ ଉସୁଲ୍ ହେଁ... ପହଲେ ଲାତ୍, ଫିର୍ ବାତ୍, ଉସ୍‌କେ ବାଦ୍ ମୁଲାକାତ୍"

ଯଶବନ୍ତ - "ସୋ ମେଁ ସେ ଅଶୀ ବେଇମାନ୍, ଫିର୍ ଭୀ ମେରା ଦେଶ୍ ମହାନ୍"

ଗୁଲାମ୍-ଏ-ମୁସ୍ତଫା - "ଜାନ୍ ମତ୍ ମାଙ୍ଗନା, ଇସ୍‌କୀ ବାଜାର୍ ମେଁ କୋଈ କୀମତ୍ ନହିଁ ହେଁ"

ୱେଲକମ୍ - "ଭଗବାନ୍ କା ଦିୟା ହୁଆ ସବ୍ କୁଛ୍ ହେଁ... ଦୌଲତ୍ ହେଁ, ଶୋହରତ୍ ହେଁ, ଇଜ୍ଜତ୍ ହେଁ"

## ତାଙ୍କ ଚଳଚ୍ଚିତ୍ର

ଗମନ
ଆଜକି ଆୱାଜ
ଅଙ୍କୁଶ
ସଲାମ ବମ୍ବେ
ପରିନ୍ଦା
ପ୍ରହାର
କ୍ରାନ୍ତିବୀର
ୱେଲକମ





ନାନା ୧୦୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି । ୧୯୮୯ର ଫିଲ୍ମ 'ପରିନ୍ଦା'ରେ ସେ 'ଆନ୍ନା' ଚରିତ୍ରରେ ଅଭିନୟ କରି ଶ୍ରେଷ୍ଠ ସହ-ଅଭିନେତା ଭାବେ ଜାତୀୟ ଫିଲ୍ମ ପୁରସ୍କାର ପାଇଥିଲେ । ୧୯୯୪ର 'କ୍ରାନ୍ତିବୀର' ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତାର ଜାତୀୟ ପୁରସ୍କାର ମିଳିଥିଲା । ୧୯୯୭ର 'ଅଗ୍ନିସାକ୍ଷୀ' ଫିଲ୍ମ ପାଇଁ ମଧ୍ୟ ତାଙ୍କୁ ଶ୍ରେଷ୍ଠ ସହ-ଅଭିନେତାର ଜାତୀୟ ପୁରସ୍କାର ମିଳିଥିଲା । ଏହିପରି ଭାବେ ସେ ନିଜ କ୍ୟାରିୟରରେ ୩ଟି ଜାତୀୟ ଫିଲ୍ମ ପୁରସ୍କାର ଜିତିଥିଲେ । ଭାରତୀୟ ସିନେମାରେ ତାଙ୍କର ଯୋଗଦାନ ପାଇଁ ୨୦୧୩ରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହାସହ ତାଙ୍କୁ ପରିନ୍ଦାରେ ଶ୍ରେଷ୍ଠ ସହ-ଅଭିନେତା , ଅଙ୍ଗାରରେ ଶ୍ରେଷ୍ଠ ଖଳନାୟକ , କ୍ରାନ୍ତିବୀରରେ ଶ୍ରେଷ୍ଠ ଅଭିନେତା, ଅପହରଣ ପାଇଁ ଶ୍ରେଷ୍ଠ ଖଳନାୟକ ଭୂମିକା ପାଇଁ ୪ଥର ଫିଲ୍ମ ଫେୟାର ଆୱାର୍ଡ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ତାଙ୍କର ଭାରତୀୟ ସିନେମା ଓ କଳା ପ୍ରତି ଥି ବା ଅୁଳନୀୟ ଅବଦାନ ପାଇଁ ୨୦୧୩ ମସିହାରେ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥି ଲା।

## ୩ଟି ଜାତୀୟ ଫିଲ୍ମ ପୁରସ୍କାର



## ଚରିତ୍ର ପାଇଁ କରୁଥି ଲେ କଠିନ ପରିଶ୍ରମ

୨୦୦୭ରେ ଆସିଥିବା ଫିଲ୍ମ 'ୱେଲକମ୍'ରେ ନାନା ପାଟେକର ଗ୍ୟାଙ୍ଗଷ୍ଟର ଉଦୟ ଶେଟ୍ଟୀଙ୍କ ଚରିତ୍ରରେ ଅଭିନୟ କରିଥିଲେ । ଏହି କମେଡ଼ି ରୋଲ୍‌କୁ ଦର୍ଶକ ବହୁତ ପସନ୍ଦ କରିଥିଲେ । ସେ ଏହାର ସିକ୍ୱେଲ୍ 'ୱେଲକମ୍ ବ୍ୟାକ୍'ରେ ବି ଉଦୟ ଶେଟ୍ଟୀ ଭୂମିକାରେ ନଜର ଆସିଥିଲେ। ନାନାଙ୍କ ଉଦୟ ଶେଟ୍ଟୀ ଚରିତ୍ରର ଡାଇଲଗ୍‌କୁ ନେଇ ସୋସିଆଲ ମିଡିଆରେ ଅନେକ ପୋଷ୍ଟ ଭାଇରାଲ ହୋଇଥାଏ । କେବଳ କମେଡି ନୁହେଁ ବିଭିନ୍ନ ଚରିତ୍ରପାଇଁ ସେ ସବୁବେଳେ ପରିଶ୍ରମ କରନ୍ତି । ନାନା ଫିଲ୍ମ 'ପ୍ରହାର: ଦ ଫାଇନାଲ୍ ଆଟାକ୍'ରେ ଆର୍ମି ମେଜରଙ୍କ ଭୂମିକା ନିଭାଇବା ପାଇଁ ଭାରତୀୟ ସେନାର ମରାଠା ଲାଇଟ୍ ଇନ୍‌ଫାଣ୍ଟ୍ରି ସହ ସୈନ୍ୟ ପ୍ରଶିକ୍ଷଣ ନେଇଥିଲେ। ଏହି ସମୟରେ ସେ ପ୍ରାୟ ତିନି ବର୍ଷ ଧରି ଟ୍ରେନିଂ ନେଇଥିଲେ । ଟ୍ରେନିଂ ପୂରା କରିବା ପରେ ନାନା ପାଟେକର ଟେରିଟୋରିଆଲ୍ ଆର୍ମି ସହ ଯୋଡ଼ିହୋଇଥିଲେ। ତେଣୁ ତାଙ୍କୁ ସମ୍ମାନଜନକ 'କ୍ୟାପ୍ଟେନ୍' ପଦବୀ ମିଳିଥିଲା। ପରବର୍ତ୍ତୀ ସମୟରେ ସେ 'ଲେଫ୍ଟନାଣ୍ଟ କର୍ନେଲ'ର ସମ୍ମାନଜନକ ପଦବୀ ପର୍ଯ୍ୟନ୍ତ ସେବା ଦେଇଥିଲେ ଏବଂ ୨୦୧୩ରେ ଅବସର ନେଇଥିଲେ ।












ପତ୍ନୀ ନୀଳକଣ୍ଠିଙ୍କ ସହ ନାନା



**ମେଷ:** କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ଦୂରଯାତ୍ରା, ମାନସିକ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଉତ୍ସବକୁ ନେଇ ଆଲୋଚନା, ଅଯଥା କଷ୍ଟ, ପାରିବାରିକ ସୁଖ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ବିଷ୍ଣୁ ଭଗବାନ।

**ବୃଷ:** ପିଲାଙ୍କ ସୁଖ, ବ୍ୟବସାୟରେ ସାମାନ୍ୟ ଲାଭ, ଗୃହେ ସାହାଯ୍ୟ, ଶତ୍ରୁ ପରାଜିତ, କିଛି ମନସ୍ତାପ, ଦ୍ରବ୍ୟଲାଭ, ଆଶା ସଫଳ, ଶରୀର ସୁସ୍ଥ, ସମ୍ପତ୍ତିଲାଭ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ।

**ମିଥୁନ:** ହେବାକାର୍ଯ୍ୟ ବିଳମ୍ବ, ସ୍ୱଜନ ବିରୋଧ, ଶୁଭଖବର, ଗୃହେ ସହାୟତା, ବାଣିଜ୍ୟେ ସ୍ୱଳ୍ପ ଲାଭ, ସନ୍ତାନ ସମସ୍ୟା, ଉଚ୍ଚବ୍ୟକ୍ତିଙ୍କ ସାହାଯ୍ୟ, ଧର୍ମକାର୍ଯ୍ୟରେ ଖୁସି। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ।

**କର୍କଟ:** ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ଶୁଭ ଆଲୋଚନା, ବ୍ୟକ୍ତି ସହାୟତା, ଶତ୍ରୁ ପରାଜିତ, କର୍ମକ୍ଷେତ୍ରେ ଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁଲାଭ, ଦେବଦର୍ଶନ, ନୂତନ ସମାଚାର। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୭, ଆରାଧନା-ମା' ଭଗବତୀ।

**ସିଂହ:** ଅର୍ଥହାନି, ବନ୍ଧୁ ସହଯୋଗ, ଆଶା ସଫଳ, ଦୂରଯାତ୍ରା, ପାରିବାରିକ ସହଯୋଗ, ନୂତନ କର୍ମପ୍ରତି ଆଗ୍ରହ, ଦେବକାର୍ଯ୍ୟରେ ସନ୍ତୋଷ, ସ୍ୱଜନ ବିରୋଧ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ସନ୍ତୋଷୀ।

**କନ୍ୟା:** ବାଣିଜ୍ୟରେ ଲାଭ, ବନ୍ଧୁ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ମାନପ୍ରାପ୍ତି, ସନ୍ତାନଲାଭ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ପ୍ରଭୁ ହନୁମାନ।

**ତୁଳା:** କିଛି କାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟଲାଭ, ପାରିବାରିକ ଖୁସି, ଦାମ୍ପତ୍ୟଖୁସି, ଅଯଥା ହଇରାଣ, ସମ୍ପତ୍ତିଲାଭ, ବନ୍ଧୁଲାଭ, ନୂତନ ନିଯୁକ୍ତି, ଦୂରଯାତ୍ରା ସଫଳ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୧୦, ଆରାଧନା-ବୃଷଭ ମହାରାଜ।

**ବିଛା:** ଅର୍ଥଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ଶୁଭଖବର, ଦୂରଯାତ୍ରାରେ କଷ୍ଟ, ସମସ୍ୟା ସମାଧାନ, ବିଶିଷ୍ଟ କାର୍ଯ୍ୟରେ ଧନଲାଭ, ଗୃହେ ଉତ୍ସବ, ସୁମିଷ୍ଟ ଭୋଜନ ପ୍ରାପ୍ତି। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ବିଷ୍ଣୁ ଭଗବାନ।

**ଧନୁ:** ଶତ୍ରୁରେ ବିଜୟ, ଅଯଥା ଚିନ୍ତା, ଧନଲାଭ, ଗୃହେ କଳହ, ଶୁଭକାର୍ଯ୍ୟକୁ ନେଇ ବିବାଦ, ଦୂରଯାତ୍ରା, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ନୂତନ ନିଯୁକ୍ତି। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ଭଗବତୀ।

**ମକର:** ଦେବକାର୍ଯ୍ୟରେ ଆନନ୍ଦ, ଶୁଭ ଆଲୋଚନା, ବ୍ୟବସାୟରେ ସ୍ୱଳ୍ପଲାଭ, ବିଦ୍ୟାରେ ସଫଳ, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଶୁଭକାର୍ଯ୍ୟରେ ଧନବ୍ୟୟ, ସନ୍ଥ ଦର୍ଶନ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା- ମା' କୋଟିଳାଇ।

**କୁମ୍ଭ:** ସ୍ୱାସ୍ଥ୍ୟଚିନ୍ତା, ଧର୍ମକାର୍ଯ୍ୟକୁ ନେଇ ଖୁସି, ପରିବାରର ସମସ୍ୟା, ଅଳ୍ପଲାଭ, ସନ୍ତାନଚିନ୍ତା, ବନ୍ଧୁଗୃହେ ଯାତା, ଶତ୍ରୁସମସ୍ୟା, ଶୁଭ ଆଲୋଚନା। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ।

**ମୀନ:** ଧନଦ୍ରବ୍ୟ ଲାଭ, ଶୁଭଖବର, ପାରିବାରିକ ଶାନ୍ତି, ଦ୍ରବ୍ୟଲାଭ, ଦାମ୍ପତ୍ୟଖୁସି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଦେବଦର୍ଶନ, କ୍ରୟବିକ୍ରୟରେ ଶାନ୍ତି। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା।

ଆଶ୍ୱିନ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ
୯.୧୦.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮







ଇଣ୍ଡିମେଣ୍ଟ ପକ୍ଷରୁ ଡାକରା ଦିଆଯାଇଥିବା ବନ୍ଦ ସମୟରେ ରାଜଧାନୀ ଭୁବନେଶ୍ୱରର ଦୃଶ୍ୟ

### କାଠଯୋଡ଼ି ସୁଭଦ୍ରାପୁର ବାଲିଘାଟ ନିଲାମ ବିବାଦ

# ୪ ବର୍ଷ ପରେ ଆସିଥିବା ଆବେଦନକୁ ଖାରଜ କଲେ ହାଇକୋର୍ଟ

କଟକ, (ସବ୍ୟୁ): କାଠଯୋଡ଼ି ସୁଭଦ୍ରାପୁର ବାଲି ସୈରାତ ଲିଜ୍ ରଦ୍ଦ ମାମଲାରେ ଓଡ଼ିଶା ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସରକାରୀ ରାଜସ୍ୱ ଓ ବାକିଆ ଅର୍ଥ ଜମା ନକରି ବହୁ ବର୍ଷ ବିଳମ୍ବରେ ଆସିଥିବା ଆବେଦନକାରୀଙ୍କ ରିଟ୍ ପିଟିସନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଏମ ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ରାୟରେ ସ୍ପଷ୍ଟ କରିଛନ୍ତି ଯେ, ସରକାରୀ ନିୟମ ଅନୁସାରେ ଉଚିତ ଅର୍ଥ ପୈଠ ନକଲେ ନିଲାମ ପ୍ରକ୍ରିୟା ରଦ୍ଦ କରିବା ନିଷ୍ପତ୍ତିରେ କୌଣସି ତ୍ରୁଟି ନାହିଁ। ମାମଲାରୁ ପ୍ରକାଶ ଯେ, ୨୦୧୮ ମସିହାରେ କଟକ ସଦର ତହସିଲଦାରଙ୍କ ପକ୍ଷରୁ କାଠଯୋଡ଼ି ସୁଭଦ୍ରାପୁରସ୍ଥିତ ୩୦ ଏକର ପରିମିତ ବାଲିଘାଟକୁ ୫ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେବାକୁ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ଆବେଦନକାରୀ ସୁକାନ୍ତ ସାହୁ ବିଡର ଭାବେ ପ୍ରଥମ ମନୋନୀତ ହୋଇଥିଲେ । ପରବର୍ତ୍ତୀ ସମୟରେ ପରିବେଶ ମଞ୍ଜୁରୀ ମିଳିବା ପରେ ୨୦୧୯ ଏପ୍ରିଲ ୧୬ରେ ତହସିଲଦାର ରୟାଲଟି, ସୁରକ୍ଷା ଜମା ସମେତ ସମସ୍ତ ବୈଧାନିକ ଦେୟ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆବେଦନକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଟଙ୍କା ଜମା ନ କରିବାରୁ ୨୦୧୯ ମେ ୭ରେ ତାଙ୍କ ବିଡ୍ ବାତିଲ କରାଯାଇଥିଲା । ଏହା ବିରୋଧରେ ଆବେଦନକାରୀ ପୂର୍ବରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଅଦାଲତ ତାଙ୍କୁ ବିଭାଗୀୟ ଅପିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ୨୦୨୧ ଅକ୍ଟୋବର ୧ରେ ଅପିଲେଟ୍ କର୍ତ୍ତୃପକ୍ଷ ଉକ୍ତ ଅପିଲକୁ ଖାରଜ କରିଦେଇଥିଲେ । ଉକ୍ତ ଆଦେଶ ପ୍ରକାଶ ପାଇବାର ଦୀର୍ଘ ୪ ବର୍ଷ ପର୍ଯ୍ୟନ୍ତ ଅବେଦନକାରୀ ନୀରବ ରହିବା ପରେ ପୁନର୍ବାର ହାଇକୋର୍ଟରେ ମାମଲା ଦାୟର କରିଥିଲେ । ଏହି ମଧ୍ୟବର୍ତ୍ତୀ ସମୟରେ ଦ୍ୱିତୀୟ ଓ ତୃତୀୟ ବିଡ଼ରଙ୍କୁ ନେଇ ସଲଭେନ୍ସି ସାର୍ଟିଫିକେଟ୍ ବିବାଦ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା ଏବଂ ସୁପ୍ରିମକୋର୍ଟ ଦ୍ୱିତୀୟ ବିଡରଙ୍କ ଲିଜ୍ ମଧ୍ୟ ରଦ୍ଦ କରିଥିଲେ । ହାଇକୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି ଯେ, ଓଏମସି ରୁଲ୍ସ ୨୦୧୬ ଅନୁସାରେ ପ୍ରଥମ ବିଡର ଅର୍ଥ ଜମା କରିବାରେ ବିଫଳ ହେଲେ କର୍ତ୍ତୃପକ୍ଷ ବିଡ୍ ବାତିଲ କରି ପରବର୍ତ୍ତୀ ବିଡ଼ରଙ୍କୁ ଆମନ୍ତ୍ରଣ କରିବା ଆଇନଗତ ଅଟେ। ଏଥିସହିତ ସେତେବେଳେ ନିର୍ଦ୍ଧାରିତ ଅର୍ଥ ଉପରେ କୌଣସି ପ୍ରଶ୍ନ ନ ଉଠାଇ, ଅପିଲ ଖାରଜ ହେବାର ବର୍ଷ ବର୍ଷ ପରେ ପୁରୁଣା ଦାବିକୁ ପୁଣିଥରେ ଦୋହରାଇବା ପାଇଁ କରାଯାଇଥିବା ଉଦ୍ୟମ ଗ୍ରହଣଯୋଗ୍ୟ ନୁହେଁ ଏବଂ ୫ ବର୍ଷର ମୂଳ ଲିଜ୍ ଅବଧି ମଧ୍ୟ ବିତିସାରିଛି। ଏହି ଆଧାରରେ ଖଣ୍ଡପୀଠ ମାମଲାଟିକୁ ଖାରଜ କରିଛନ୍ତି।

### କଟକରେ ବନ୍ଦ୍ ର ମିଶ୍ର ପ୍ରଭାବ

# ବ୍ୟାଙ୍କ୍ କାରବାର ବନ୍ଦ, ବସ୍ ଚଳାଚଳ ଠପ୍

କଟକ, (ସବ୍ୟୁ): ଇଣ୍ଡିମେଣ୍ଟ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାର କଟକରେ ମିଶ୍ରିତ ପ୍ରଭାବ ପଡିଛି । ରାସ୍ତାରେ ଗାଡ଼ିର ଭିଡ଼ ନଥିଲା, ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ କୋଳାହଳ ଶୁଭୁନଥିଲା । ଅନ୍ୟଦିନ ସକାଳୁ ଯେଉଁ ମାଲଗୋଦାମରେ ମାଲ୍ ଉଠାଣ-ଓହ୍ଲାଣକୁ ନେଇ ବ୍ୟବସାୟୀ ଓ ଶ୍ରମିକଙ୍କ ବ୍ୟସ୍ତତା ଦେଖାଯାଏ, ସେଠାରେ ମଧ୍ୟ କାରବାରର ଗତି ଧିମେଇ ଯାଇଥିଲା । ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ଓ ଏହାର ସହଯୋଗୀ ସିପିଏମ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା । ଦଳୀୟ କର୍ମୀମାନେ ରାସ୍ତାକୁ ଓହ୍ଲାଇ ଦୋକାନବଜାର, ଯାନବାହନ ଚଳାଚଳ ଓ ଅନ୍ୟାନ୍ୟ କାରବାର ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ । ପିକେଟିଂ ଚାଲୁଥିବା ସମୟରେ କଂଗ୍ରେସ ଓ ସିପିଏମ୍‌ର କେତେକ କର୍ମୀଙ୍କୁ ପୁଲିସ ଥାନାରେ ଅଟକ ରଖିଥିଲା ।ବନ୍ଦର ସବୁଠାରୁ ବଡ଼ ପ୍ରଭାବ ପଡ଼ିଥିଲା ଗଣପରିବହନ ବ୍ୟବସ୍ଥା ଉପରେ । ବସ୍ ଚଳାଚଳ ପ୍ରାୟ ଠପ୍ ରହିବାରୁ ଦୈନନ୍ଦିନ ଯାତ୍ରୀମାନେ ହଇରାଣ ହୋଇଥିଲେ । ଚାକିରି, ବ୍ୟବସାୟ, ଚିକିତ୍ସା ଓ ଅନ୍ୟାନ୍ୟ କାମରେ ବାହାରିଥିବା ଲୋକେ ବିକଳ୍ପ ଯାତାୟାତ ଖୋଜୁଥିବା ଦେଖାଯାଇଥିଲା । ବନ୍ଦର ପ୍ରଭାବ କେବଳ ରାସ୍ତାରେ ସୀମିତ ରହିନଥିଲା । ବ୍ୟାଙ୍କିଂ କାରବାର ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଥିଲା । କଟକର ମାଲଗୋଦାମର ଅନେକ ବ୍ୟବସାୟୀ ଦୋକାନ ଖୋଲିଥିଲେ । ହେଲେ ଦୋକାନ ଖୋଲା ଥିଲେ ବି ବ୍ୟବସାୟରେ ଚଳଚଞ୍ଚଳତା ନଥିଲା ।

# ଜିଏସଟିକୁ ଅଧିକ ସରଳ, ଶୀଘ୍ର ଓ ସ୍ୱଚ୍ଛ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ଜିଏସଟିକୁ ଅଧିକ ସରଳ, ଶୀଘ୍ର ଓ ସ୍ୱଚ୍ଛ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଯାହାଦ୍ୱାରା ଏହାର ଅନୁପାଳନ ସହଜ ହୋଇପାରିବ । ଜିଏସଟିକୁ ସରଳୀକରଣ ଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରାଯାଇପାରିବ । କରଦାତାଙ୍କ ପାଇଁ ଜିଏସଟି ପ୍ରକ୍ରିୟାକୁ ଅଧିକ ସରଳ, ଶୀଘ୍ର, ସ୍ୱଚ୍ଛ ଏବଂ ସହଜ କରିବା ପାଇଁ, ପରିଷଦ ବିଭିନ୍ନ ପଦକ୍ଷେପ ଉପରେ ବିଚାରବିମର୍ଶ କରିଥିଲା । ପ୍ରସ୍ତାବିତ ସଂସ୍କାରଗୁଡ଼ିକ ମଧ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ପ୍ରକୃତ କରଦାତାମାନଙ୍କର ଅନୁପାଳନ ସମ୍ବନ୍ଧୀୟ ସମସ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଏସଟି ପରିଷଦର ୫୭ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ତଥା ମନୋନୀତ ମନ୍ତ୍ରୀମାନଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧିତ୍ୱ କରି ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବୈଠକରେ ଯୋଗଦେଇ ପ୍ରମୁଖ ସଂସ୍କାରଗୁଡ଼ିକ ଉପରେ ଉପସ୍ଥାପନ କରିଥିଲେ ।

ଆଲୋଚନା ହୋଇଥିବା ବିଭିନ୍ନ ପ୍ରସ୍ତାବ ମଧ୍ୟରେ ଏକ ପ୍ରମୁଖ ପ୍ରସ୍ତାବ ହେଉଛି, ସିଷ୍ଟମ-ଆଧାରିତ ପ୍ରୋସେସିଙ୍ଗ୍ ଓ ରିଫଣ୍ଡ ସମ୍ପର୍କୀତ ମଞ୍ଜୁରୀ । ଏହାଦ୍ୱାରା କରଦାତା ମାନଙ୍କର ତଥ୍ୟକୁ ସ୍ୱୟଂଚାଳିତ ଭାବେ ପ୍ରକ୍ରିୟା କରାଯାଇ ସେମାନଙ୍କ ଆବଶ୍ୟକ ରିଫଣ୍ଡକୁ ମଞ୍ଜୁରୀ ମଧ୍ୟ ଦିଆଯାଇପାରିବ । ଏହା ଫଳରେ ପ୍ରକୃତ କରଦାତାମାନେ ଅଧିକ ସ୍ୱଚ୍ଛତା ସହିତ ଶୀଘ୍ର ରିଫଣ୍ଡ ପାଇପାରିବେ । ଜିଏସଟି ରିଟର୍ଣ୍ଣ ଦାଖଲ ଏବଂ ଦେୟ ତଥା ଆଇଟିସି ସଂଶୋଧନ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ସମ୍ବନ୍ଧୀୟ ସୁପାରିସକୁ ଜିଏସଟି ରିଟର୍ଣ୍ଣ ଏବଂ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟକାରୀ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଜିଏସଟି ଟିମ୍ ମଧ୍ୟ ଏହାର ସଦସ୍ୟ ଥିଲେ । ଏହି ବିକଳ୍ପ ବ୍ୟବସ୍ଥାରେ ତଥ୍ୟଗତ ଅମେଳ ଏବଂ ଅନାବଶ୍ୟକ ନୋଟିସକୁ ହ୍ରାସ ହୋଇପାରିବ । ଏହା ବ୍ୟତୀତ, ଜିଏସଟି ଆଇନ କମିଟି ମାଧ୍ୟମରେ ଅନ୍ୟାନ୍ୟ ପ୍ରକ୍ରିୟା-ଭିତ୍ତିକ ସଂସ୍କାରରେ ମଧ୍ୟ ଓଡ଼ିଶା ନିଜର ଯୋଗଦାନ ରଖିଛି । ଜିଏସଟି ଆଇନ ଅଧୀନରେ ସମାଧାନ ଯୋଗ୍ୟ ଥିବା ଆର୍ଥିକ ଅପରାଧଗୁଡ଼ିକ ପାଇଁ ଗିରଫଦାରୀ ବ୍ୟବସ୍ଥାକୁ ହଟାଇବାର ପ୍ରସ୍ତାବ, ଆଇନ କାର୍ଯ୍ୟକାରିତା ଏବଂ କରଦାତାଙ୍କ ଆତ୍ମବିଶ୍ୱାସ ମଧ୍ୟରେ ସନ୍ତୁଳନକୁ ସୁଦୃଢ଼ କରିବ । ସାମଗ୍ରିକ ଭାବରେ, ଏହି ସଂସ୍କାରଗୁଡ଼ିକ ବ୍ୟବସାୟିକ ସହଜତା ଏବଂ ଅନୁପାଳନର ସରଳତାକୁ ପ୍ରୋତ୍ସାହିତ କରିବ, ଯାହା ଜିଏସଟି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, କରଦାତା-ଅନୁକୂଳ ଏବଂ ସହାନୁଭୂତିଶୀଳ କରିବ । ଏହା ସହିତ ଓଡ଼ିଶାର ଏମଏସଏମଇ ଉଦ୍ୟୋଗ ତଥା ଅନ୍ୟାନ୍ୟ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ଯଥେଷ୍ଟ ଆଶ୍ୱସ୍ତି ଓ ସହାୟତା ପ୍ରଦାନ କରିବ, ଯାହା ସେମାନଙ୍କୁ ସହଜରେ ଅନୁପାଳନ କରିବା ସହ ନିଜର ବ୍ୟବସାୟିକ ବିକାଶ ଓ ପ୍ରସାର ଉପରେ ଧ୍ୟାନ ଦେବାରେ ସାହାଯ୍ୟ କରିବ ।

# ନୂଆପଡା ଶିଶୁ ବିଦ୍ୟାମନ୍ଦିରରେ ମାତୃକର୍ମଶାଳା

କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପ୍ରାନ୍ତ ତଥା କ୍ଷେତ୍ରର ପ୍ରଶିକ୍ଷଣ ସଂଯୋଜକ ନରେନ୍ଦ୍ର କୁମାର ରାଉଳ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ମାତୃକର୍ମଶାଳାର ଉଦ୍ଦେଶ୍ୟ କଥନ ରଖିଥିଲେ । ଶିଶୁବାଟିକା ପ୍ରମୁଖ ସୁପ୍ରିୟା ମହାପାତ୍ର ମାଆ ମାନଙ୍କର ସର୍ବାଙ୍ଗୀନ ଉନ୍ନତିରେ ଶିଶୁଟି ଉଜ୍ଜ୍ୱଳ ଭବିଷ୍ୟତ ନିର୍ଭର କରେ ବୋଲି କଥା ରଖିଥିଲେ । ପରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପରିଚାଳନା ସମିତିର ଉପ ସଭାପତି ଦିଲ୍ଲୀପ କୁମାର ଆଚାର୍ଯ୍ୟ ଯୋଗଦେଇ ମାଆ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ଓ ଶିଶୁର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ମାଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ । ବିଦ୍ୟାଳୟର ପ୍ରାକ୍ତନ ସଂପାଦକ ଅମିତାଭ ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁ ବାଟିକା ପ୍ରମୁଖ ସୁପ୍ରିୟା ମାହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପ୍ରୟାସ : ପବ୍ଲିକ ସର୍ଭିସ୍ ଆଶାୟୀଙ୍କୁ କୋଚିଂ ସୁବିଧା

ଭୁବନେଶ୍ୱର, (ସବ୍ୟୁ): ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ଥିବା କିଟ୍ କିସ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମାର୍ଗଦର୍ଶନ ଓ ମେଣ୍ଟରିଂ ପ୍ରଦାନ ଲକ୍ଷ୍ୟରେ କିଟ୍ ଆଇଏଏସ୍ ଏକାଡେମୀ (କିଆସା) ଶୁଭାରମ୍ଭ ହୋଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାର ଉଦ୍‌ଘାଟନ କରିଥିଲେ । ସୂଚନାଯୋଗ୍ୟ, କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ସହ ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ପିଲାଙ୍କୁ ହାତ ପାଆନ୍ତାରେ ବିନାଦେୟରେ କୋଚିଂ ଯୋଗାଇ ଦେବା ନିମନ୍ତେ ଶ୍ରୀ ସାମନ୍ତ ଦୀର୍ଘ ଦିନ ଧରି ପ୍ରୟାସ କରି ଆସୁଥିଲେ । କିଆସାକୁ ଉଦ୍‌ଘାଟନ କରି ଶ୍ରୀ ସାମନ୍ତ କହିଲେ, ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରାର୍ଥୀମାନଙ୍କୁ ଉତ୍ତମ ମାର୍ଗଦର୍ଶନ ଓ ପ୍ରସ୍ତୁତି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଛି । କିଟ୍ ଓ କିସ୍ ପରିବାରର ପବ୍ଲିକ ସର୍ଭିସ୍‌ରେ ଯୋଗଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ମେଣ୍ଟରିଂ ପାଇଁ କିଆସା ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ । ଗୁଣାତ୍ମକ ମାର୍ଗଦର୍ଶନ ପାଇଁ ଛାତ୍ରଛାତ୍ରୀମାନେ ପାରଂପରିକ ଭାବେ ଓଡ଼ିଶା ବାହାରକୁ ଯାଇ ସିଭିଲ୍ ସର୍ଭିସ୍ ପ୍ରସ୍ତୁତି ନେଉଥିଲେ । କିଆସା ଶୁଭାରମ୍ଭ ହେବା ଫଳରେ ଏବେ ସେମାନେ ଘର ନିକଟରେ ଏଭଳି ସୁବିଧା ପାଇପାରିବେ ବୋଲି ଶ୍ରୀ ସାମନ୍ତ କହିଥିଲେ ।



ଏହି କାର୍ଯ୍ୟକ୍ରମରେ ସିଆଇଏସ୍‌ଏଫ୍ ଆଇଜି ଶିବ କୁମାର ମୋହାଙ୍କା ଯୋଗଦେଇ ଏହି ପଦକ୍ଷେପକୁ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ବର୍ଣ୍ଣନା କରିଥିଲେ । ସେ କହିଲେ, ସାଧାରଣତଃ ବିଶ୍ୱବିଦ୍ୟାଳୟଗୁଡ଼ିକ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ କରିଥାନ୍ତି । ମାତ୍ର କିଆସା ଭଳି ପଦକ୍ଷେପ ପାରଂପରିକ ଶିକ୍ଷାର ସୀମା ଅତିକ୍ରମ କରି ଯୁବପିଢ଼ିଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବ । କିଟ ସ୍କୁଲ ଅଫ ପବ୍ଲିକ ପଲିସି (କେଏସ୍‌ପିପି)ର ନିର୍ଦ୍ଦେଶକ ତଥା କିଆସା ବିଭାଗୀୟ ମୁଖ୍ୟ ବିମ୍ବାଧର ପ୍ରଧାନ କହିଲେ, ଏହି ଏକାଡେମୀ ଅଞ୍ଚଳରେ ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଏକ ପ୍ରତିଷ୍ଠାନଭିତ୍ତିକ ମଞ୍ଚ ସୃଷ୍ଟି କରିବାର ସ୍ୱପ୍ନକୁ ସାକାର କରିଛି । ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ମାନବିକତା ମାଧ୍ୟମରେ ସମାଜର ବଞ୍ଚିତ ବର୍ଗଙ୍କୁ ସଶକ୍ତ କରିବା ପାଇଁ କିଟ୍ ନିରନ୍ତର ଭାବେ ଏକ ସୁଦୃଢ଼ ପରିବେଶ ସୃଷ୍ଟି କରିଆସିଛି ବୋଲି ସେ କହିଥିଲେ । ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍‌ଏଲ୍‌ପିର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଯାଦବ ମଧ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ଏହି ପଦକ୍ଷେପର ଅଂଶ ଭାବେ କିଟ୍ ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍‌ଏଲ୍‌ପି ସହ ଭାଗୀଦାରି କରିଛି । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।

### ବିରୋଧୀଙ୍କ ବନ୍ଦ ପାଳନ ସମ୍ପୂର୍ଣ୍ଣ ବିଫଳ, ହିଂସାତ୍ମକ ଆଚରଣ ନିନ୍ଦନୀୟ : ଅନୀଲ ବିଶ୍ୱାଳ

# ଯେଉଁ ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଥିଲେ ତାହାକୁ ଲୋକେ ସମର୍ଥନ କରିନାହାନ୍ତି

ଭୁବନେଶ୍ୱର, (ସବ୍ୟୁ) : କଂଗ୍ରେସ ଓ ବାମ ଦଳ ଦ୍ୱାରା ହୋଇଥିବା ବନ୍ଦ ପାଳନ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଛି । ସାରା ଓଡ଼ିଶାରେ ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା। ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଏହି ବନ୍ଦ ପାଳନ ପ୍ରମାଣିତ କରୁଛି ଯେ, ଯେଉଁ ପ୍ରସଙ୍ଗରେ ସେମାନେ ରାସ୍ତାକୁ ଓହ୍ଲାଇ ଥିଲେ ତାହାକୁ ଲୋକମାନେ ସମର୍ଥନ କରିନାହାନ୍ତି। କିନ୍ତୁ ଯେଉଁଭଳି ଭାବେ କିଛି ସ୍ଥାନରେ କଂଗେସ ଓ ବାମ ଦଳର ଗୁଣ୍ଡାମାନେ ଆତଙ୍କରାଜ କରି ସାଧାରଣ ଲୋକଙ୍କୁ ଭୟଭୀତ କରିଛନ୍ତି, ଏହାକୁ ଓଡ଼ିଶାର ଲୋକେ କେବେବି କ୍ଷମା ଦେବେନାହିଁ। ଗଣମାଧ୍ୟମରେ ପ୍ରକାଶିତ ବିଭିନ୍ନ ଭିଡିଓରୁ ଜଣାପଡୁଛି ଯେ, କେଉଁଭଳି ଭାବେ କିଏ ଡାକ୍ତରଖାନା ଯାଉଛି ତାକୁ କଂଗ୍ରେସ କର୍ମୀମାନେ ଅଟକାଇ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି, କିଏ ନିଜ ପିଲାଙ୍କୁ ସ୍କୁଲରେ ଛାଡ଼ିବାକୁ ଯାଉଛି ତାକୁ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି। ଏପରିକି ଗର୍ଭବତୀ ମହିଳା ମଧ୍ୟ ଏହି କଂଗ୍ରେସ ଓ ଇଣ୍ଡି ଗଠବନ୍ଧନର ଅସଭ୍ୟ ନେତା ଓ କର୍ମୀମାନଙ୍କର ଅରାଜକତା ଆଚରଣରୁ ବର୍ତୀ ନାହାନ୍ତି। ଶାନ୍ତିପୂର୍ଣ୍ଣ ଓଡ଼ିଶା ଲୋକ ଏହାର ଉଚିତ ଜବାବ୍ ଦେବେ ବୋଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖପାତ୍ର ଶ୍ରୀ ଅନୀଲ ବିଶ୍ୱାଳ କହିଛନ୍ତି ।

ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ସମ୍ବିଧାନ ବଂଚାଇବା ନାରା ଦେଇ ରାସ୍ତାରେ ଆନ୍ଦୋଳନ କରୁଥିବା କଂଗ୍ରେସ ଦଳ ସ୍ପଷ୍ଟ କରିବା ଉଚିତ୍ ଯେ, ଏହିଭଳି ହିଂସାତ୍ମକ ଆଚରଣ ସମ୍ବିଧାନର କେଉଁ ଧାରାରେ ଉଲ୍ଲେଖ ରହିଛି? କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ ବନାମ୍ ଭରତ କୁମାରଙ୍କ ମାମଲାରେ ସୁପ୍ରିମ କୋର୍ଟ ରାୟରେ କହିଥିଲେ ଯେ, କୌଣସି ରାଜନୈତିକ ଦଳ କାହାକୁ ଜୋର୍ ଜବରଦସ୍ତି କରି ବନ୍ଦ ପାଳନ କରିପାରିବେ ନାହିଁ। ଯଦି ବିରୋଧି ଦଳମାନଙ୍କର ସମ୍ବିଧାନ ପ୍ରତି ସମ୍ମାନ ଥାନ୍ତା ତାହାଲେ ଆଜି ସେମାନେ ସୁପ୍ରିମକୋର୍ଟଙ୍କ ରାୟର ବିରୋଧାଚରଣ କରି ନ ଥାନ୍ତେ । ଆଜି ବିରୋଧି ଦଳମାନଙ୍କର ଅରାଜକତାର ଭିଡିଓ ସବୁଦିନ ପାଇଁ ଓଡ଼ିଶା ଲୋକମାନଙ୍କ ଆଗରେ ସେମାନଙ୍କ ହିଂସାତ୍ମକ ଆଚରଣର ପ୍ରମାଣ ହୋଇ ରହିଥିବ । ଓଡ଼ିଶାରେ ୦.୧୪% ଭୋଟ ପାଉଥିବା ବାମ ଦଳ କହୁଛି ଯେ, ସେମାନଙ୍କ ଭୋଟ ଚୋରି ହୋଇଗଲା ବୋଲି । ୧୯୯୫ ମସିହା ନିର୍ବାଚନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରତ୍ୟାଖ୍ୟାତ ହୋଇ ଆସିଥିବା ତଥା ନିର୍ବାଚନରୁ ନିର୍ବାଚନ ଭୋଟ ପ୍ରତିଶତ ହରାଉଥିବା କଂଗ୍ରେସ ଦଳ କହୁଛି ଯେ ଏସ୍ଆଇଆର୍ ପାଇଁ ସେମାନେ ନିର୍ବାଚନ ହାରିଯାଉଛନ୍ତି । ବାସ୍ତବରେ ଯେଉଁମାନେ ଭୋଟ ଚୋରିର ନାରା ଦେଉଛନ୍ତି ସେମାନେ ଜାଣିବା ଆବଶ୍ୟକ ଯେ ଲୋକମାନେ ଆଉ ଚୋରଙ୍କୁ ଭୋଟ ଦେଉନାହାନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।



# ଚୌଦ୍ୱାରରେ ନଗର କଂଗେସ ଓ ସିପିଆଇମ୍ ପକ୍ଷରୁ ଓଡ଼ିଶା ବନ୍ଦ

ଚୌଦ୍ୱାର, (ସବ୍ୟୁ) : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଏମ୍‌ଡିଆର ଆକ୍ଟ ପ୍ରତ୍ୟାହାର ଦାବୀରେ ଆଜି ଚୌଦ୍ୱାର ନଗର କଂଗ୍ରେସ ଓ ସିପିଆଇଏମ୍ ପକ୍ଷରୁ ଗାନ୍ଧିଛକ ଠାରେ ୫୫ନମ୍ବର ଜାତୀୟ ରାଜପଥକୁ ଅବରୋଧ କରଯିବା ସହ ସ୍ଲୋଗାନ୍ ଦିଆଯାଇଥିଲା । କୌଣସିପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଚୌଦ୍ୱାର ପୁଲିସ୍ ପକ୍ଷରୁ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିବା ବେଳେ ନାରାବାଜି ଓ ବିରୋଧ ସମୟରେ କିଛି କଂଗ୍ରେସ କର୍ମୀଙ୍କୁ ପୁଲିସ୍ ଦ୍ୱାରା ଗିରଫ୍ ମଧ୍ୟ କରାଯାଇଥିଲା । ଏହି ଆନ୍ଦୋଳନରେ ଚୌଦ୍ୱାର ନଗର କଂଗ୍ରେସ ସଭାପତି ହରିହର ପରିଡ଼ାଙ୍କ ସହ ପୂର୍ବତନ ସଭାପତି ବିଜୟ କୁମାର ବେହେରା, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ଭୂୟାଁ, ପିସିସି ସଦସ୍ୟ ରାଜୀବ ମହାନ୍ତି, ନାରୀ ନେତ୍ରୀ ମୋନାଲିସା ଦାସ, ସୁବାସ ସୁବୁଦ୍ଧିରାୟ, ଶ୍ରୀମତ ବେହେରା, ଅଜୟ ଦାସ, ଏସ୍‌କେ ଅସଲାମ୍, ଏସ୍‌କେ ସବିର, ଏସ୍‌କେ ହୀରା, ଅର୍ଣ୍ଣବ ସାମଲ, ଏସ୍‌କେ ଇମ୍ରାନ୍, ସୌରଭ କୁମାର ଦାସ, ସୁମନ ଲେଙ୍କା ଓ ଜୟନ୍ତୀ ନାଥ ପ୍ରମୁଖ ସାମିଲ ଥିବା ବେଳେ ସିପିଆଇଏମ୍ ପକ୍ଷରୁ ଜୟ ସିଂଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ଧାରଣାରେ ସାମିଲ ହୋଇଥିଲେ ।

# ବିସ୍ଫୋରକ ନଷ୍ଟ ବେଳେ ବିସ୍ଫୋରଣ, ୪ ଯବାନ ଆହତ

ମାଲକାନଗିରି, (ସବ୍ୟୁ) : ଛତିଶଗଡ଼ର ସୁକମା ଜିଲ୍ଲାର ଭେଜ୍ଜି ଥାନା ଅନ୍ତର୍ଗତ ଏଲାର୍ମଡଗୁ କ୍ୟାମ୍ପ ନିକଟରେ ବିସ୍ଫୋରକ ନଷ୍ଟ ସମୟରେ ଦୁର୍ଘଟଣା ଘଟି ୪ ଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨ ଜଣଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭଦ୍ରାଚଳମ ରେଫର୍ କରାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କ ଚିକିତ୍ସା କ୍ୟାମ୍ପରେ ଜାରି ରହିଛି । ସୂଚନା ଅନୁସାରେ, ସିଆରପିଏଫ କୋଣ୍ଟା ରେଞ୍ଜ ଅଧୀନରେ ଥିବା ପିଡ଼ମେଲ, ଡ୩କୋଣ୍ଡା, କୋଲାଇଗୁଡ଼ା ଓ ଏଲାର୍ମଡଗୁ କ୍ୟାମ୍ପରେ ରହିଥିବା ଅନୁପଯୋଗୀ ଓ ଅବଶିଷ୍ଟ ବିସ୍ଫୋରକକୁ ସୁରକ୍ଷିତ ଭାବେ ନଷ୍ଟ କରିବା ପାଇଁ ଜଗଦଲପୁରରୁ ଏମ୍ୟୁନିସନ ଟେକ୍ନିସିଆନ ଟିମ ଏଲାର୍ମଡଗୁ କ୍ୟାମ୍ପରେ ପହଞ୍ଚିଥିଲା । ଏଲାର୍ମଡଗୁ କ୍ୟାମ୍ପଠାରୁ ପ୍ରାୟ ୨୦୦ ମିଟର ଦୂର ବୋଦରାଜପଦର ନାଳା ନିକଟରେ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ବିସ୍ଫୋରକ ନଷ୍ଟୀକରଣ ପ୍ରକ୍ରିୟା ଚାଲିଥିଲା । ଏହି ସମୟରେ ଦୁର୍ଘଟଣାବଶତଃ ଏକ ବିସ୍ଫୋରକର ଅଂଶ ଉଡ଼ି ନିକଟରେ ପଡ଼ିବା ପରେ ବିସ୍ଫୋରଣ ଘଟିଥିଲା । ଏଥିରେ ଏଟିଟି ଟିମର ଏଏସଆଇ ଏମ. କେ. ତିଓ୍ୱାରୀ ଓ ସିଆରପିଏଫର ୫୦ତମ ବାହିନୀର ଏଏସଆଇ ଅନୀଶ ଖାନ ଗୁରୁତର ଆହତ ହୋଇଥିବା ବେଳେ ଇନ୍ସପେକଟର ଅମରନାଥ ମିଶ୍ର ଏବଂ ସିଆରପିଏଫ ୫୦ତମ ବାହିନୀର ପ୍ରଧାନ ଆରକ୍ଷୀ କୁଲଦୀପ ରାଜ ସାମାନ୍ୟ ଆହତ ହୋଇଛନ୍ତି । ଘଟଣା ପରେ ସମସ୍ତ ଆହତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇ କୋଣ୍ଟା ସରକାରୀ ହସ୍ପିଟାଲକୁ ନିଆଯାଇଥିଲା । ପରେ ଗୁରୁତର ଆହତ ୨ ଜଣଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭଦ୍ରାଚଳମ ରେଫର୍ କରାଯାଇଛି । ଅନ୍ୟ ୨ ଜଣଙ୍କ ଚିକିତ୍ସା କ୍ୟାମ୍ପରେ ଜାରି ରହିଛି । ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ।



# ଯୋରନ୍ଦା ଆକାଶବାଣୀ କେନ୍ଦ୍ର
## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅତିରିକ୍ତ ଡିଜିଙ୍କ ପରିଦର୍ଶନ




ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଆକାଶବାଣୀ କେନ୍ଦ୍ରକୁ କେନ୍ଦ୍ର ସରକାରଙ୍କ ପତ୍ର ଓ ସୂଚନା କାର୍ଯ୍ୟାଳୟର କେନ୍ଦ୍ର ସଂସ୍ଥାର ବ୍ୟୁରୋ ଓଡିଶା ଏବଂ ଝାଡଖଣ୍ଡର ଦାୟିତ୍ୱରେ ଥିବା ଅତିରିକ୍ତ ମହାପ୍ରବନ୍ଧକ ଅଖିଳ କୁମାର ମିଶ୍ର ଦିନିକିଆ ଗସ୍ତରେ ଆସି ସାମ୍ବାଦିକ ମାନଙ୍କ ସହିତ ଭାବ ବିନିମୟ କରିଥିବାର ଜଣାପଡିଛି । ଯୋରନ୍ଦା ଆକାଶବାଣୀ କେନ୍ଦ୍ରକୁ ଆଜି ପୂର୍ବାହ୍ନରେ ପରିଦର୍ଶନରେ ଆସିଥିଲେ ।

ଏହି ଅବସରରେ ସେ ଯୋରନ୍ଦା ଏବଂ ଢେଙ୍କାନାଳର କିଛି ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହିତ ଭାବ ବିନିମୟ କରିବା ସହିତ ବିଭିନ୍ନ ବିଷୟରେ ଅଲୋଚନା କରିଥିଲେ । ଏହି ଅବସରରେ ଇଣ୍ଟର ମିଡିଆ ପବ୍ଲିସିଟି କୋର୍ଡିନେସନ୍ କମ୍ୟୁନିଟିର ସେକ୍ରେଟାରୀ ପ୍ରଦୀପ କୁମାର ଚୌଧୁରୀ, ଗଣ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ମିଶ୍ର, କାର୍ଯ୍ୟକ୍ରମ ମୁଖ୍ୟ ଶୁଭଙ୍କର ଦେ, ଯୋରନ୍ଦା ଆକାଶବାଣୀ ଷ୍ଟେସନ ମୁଖ୍ୟ ଛବିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ ସେ ମହିମାଧର୍ମୀ ଆଦିପୀଠ ମହିମାଗାଦୀ ପରିଦର୍ଶନ କରିଥିବା ସହିତ ସାଧୁସନ' ମାନଙ୍କ ଆଶୀର୍ବାଦ ଲାଭ କରିଥିଲେ । ତାଙ୍କ ସହିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ସାମିଲ ରହିଥିଲେ ।

# ଧାର ଟଙ୍କା ମାଗିବାକୁ କେନ୍ଦ୍ରକରି ହତ୍ୟା ଉଦ୍ୟମ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଧାର ଟଙ୍କା ମାଗିବାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଲୁହା କାତିରେ ଆକ୍ରମଣ କରି ହତ୍ୟା ଉଦ୍ୟମ ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଖାଜାସାହିର ମହମ୍ମଦ ତୌଫିକ (୧୯) । କେସ୍ ନମ୍ବର ୭୬୬/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ପୋଲିସ ଘଟଣାରେ ବ୍ୟବହୃତ କାତି ଜବତ କରି ତଦନ୍ତ ଜାରି ରଖିଥିବା କହିଛି ।

ପ୍ରକାଶ ଯେ, ଜଗନ୍ନାଥ ବିହାର ୭ମ ଲେନର କେ. ସୁନ୍ଦରୀ ଦାସ (୩୬)ଙ୍କ ଘରେ ଭଡ଼ାଟିଆ ଭାବେ ସଇରା ଭୂୟାଁ ରହୁଥିଲେ । କୌଣସି କାମ ପାଇଁ ସଇରା ୩୦ ହଜାର ଟଙ୍କା ଘରମାଲିକାଣିଙ୍କ ଠାରୁ ଧାର ନେଇଥିଲେ । ପରେ ଟଙ୍କା ନଦେଇ ସେ ଘର ଛାଡ଼ି ଚାଲିଯାଇଥିଲେ । ଉକ୍ତ ଭଡାଘରର ଚାବି ଫେରାଇ ସମୟରେ ଅଭିଯୋଗକାରୀ ସାଇରାଙ୍କ ମା'ଙ୍କୁ ଟଙ୍କା ସମ୍ପର୍କରେ ପଚାରିଥିଲେ । ଯାହାକୁ ନେଇ ସଇରା ଉପରୋକ୍ତ ଅଭିଯୁକ୍ତ ତୌଫିକଙ୍କୁ ମାଲିକାଣି ସୁନ୍ଦରୀ ଦାସଙ୍କ ଘର ପାଖକୁ ଆସିବାକୁ କହିଥିଲା । ତୌଫିକ ସେଠାରେ ପହଞ୍ଚି ଅଭିଯୋଗକାରୀ ଓ ତାଙ୍କ ସ୍ୱାମୀ କୁଳଦୀପ ଡମାଲଙ୍କୁ ଗାଳିଗୁଲଜ କରିବା ସହ କୁଳଦୀପଙ୍କ ମୁଣ୍ଡ ଓ ବେକକୁ ଲୁହା କାତିରେ ଆକ୍ରମଣ କରିଥିଲେ । କୁଳଦୀପ ହାତରେ ଗଭୀର ଆଘାତ ଲାଗିଥିଲା । ଘଟଣା ନେଇ ଘର ମାଲିକାଣି ବଡବଜାର ଥାନାରେ ଅଭିଯୋଗ କରିବା ପର୍ବ ପୋଲିସ ଏସଂକ୍ରାନ୍ତରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଆହତ କୁଳଦୀପଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ସିଟି ହସ୍ପିଟାଲ ପଠାଯାଇଥିଲା । ପରେ ପୋଲିସ ବୁଧବାର ରାତ୍ର ଖଜାସାହି ସ୍ଥିତ ତୌଫିକଙ୍କ ଘରେ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲା ।

# ବନ୍ୟପ୍ରାଣୀ ସପ୍ତାହ : ଶିମିଳିପାଳରେ
## ଚିତ୍ରକଳା ଶିବିରରେ ଭାଗନେଲେ ୧୫ ଶିଳ୍ପୀ

ବାରିପଦା, (ସବ୍ୟୁ) : ବନ୍ୟପ୍ରାଣୀ ସପ୍ତାହ-୨୦୨୬ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ତଥା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ଶିମିଳିପାଳରେ ଏକ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି । ଶିମିଳିପାଳର ରଙ୍ଗ ଶୀର୍ଷକରେ ଆୟୋଜିତ ଏହି ଶିବିରରେ ସର୍ବମୋଟ ୧୫ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଶିବିରରେ ଚିତ୍ରଶିଳ୍ପୀ ମାନସ ପତି ମଧ ଅଂଶଗ୍ରହଣ କରି ଜଳ ଶୀର୍ଷକରେ ଏକ ଚିତ୍ର ଆଙ୍କିଥିଲେ । ଶିମିଳିପାଳର ସବୁଜିମା, ବୃକ୍ଷଲତା ଏବଂ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ପକ୍ଷୀ ଓ ସରୀସୃପଙ୍କ ଜୀବନଧାରଣ ପଛରେ ଏଠାକାର



ଜଳସ୍ରୋତର ଗୁରୁତ୍ୱକୁ ଚିତ୍ର ମାଧ୍ୟମରେ ପ୍ରତିଫଳିତ କରିଥିଲେ । ଶିବିରରେ ପ୍ରଦର୍ଶିତ ସମସ୍ତ ଚିତ୍ରକୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବୁଲି ଦେଖିବା ସହ ଶିଳ୍ପୀମାନଙ୍କ ସୃଜନଶୀଳତାର ଉଚ୍ଚ ପ୍ରଶଂସା କରିଥିଲେ । ବନ ଓ ବନ୍ୟପ୍ରାଣୀ ସଂରକ୍ଷଣ ନେଇ ଏଭଳି ସୃଜନଶୀଳ ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।

# ମୟୂରଭଞ୍ଜରେ ଇଣ୍ଡିଆ ମେଣ୍ଟର ୧୨ ଘଣ୍ଟିଆ ବନ୍ଦ ସଫଳ

ବାରିପଦା, (ସବ୍ୟୁ) : ଇଣ୍ଡିଆ ମେଣ୍ଟ ପକ୍ଷରୁ ୧୨ଘଣ୍ଟିଆ ଓଡିଶା ବନ୍ଦ ମୟୂରଭଞ୍ଜରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି । ବନ୍ଦକୁ ଜିଲ୍ଲାବାସୀଙ୍କ ବ୍ୟାପକ ସମର୍ଥନ ଦେଖିବାକୁ ମିଳିଥିଲା। ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ-୨୦୨୬ ରଦ୍ଦ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ କରି ତାଙ୍କ ବିରୋଧରେ ଉଠିଥିବା ଅଭିଯୋଗର ସ୍ୱତନ୍ତ୍ର ତଦନ୍ତ, ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଅବନତି ପାଇଁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା। ସକାଳୁ ସକାଳୁ ପାଲବଣିଠାରେ ଇଣ୍ଡିଆ ମେଣ୍ଟର କର୍ମୀମାନେ ପିକେଟିଂ କରି ବନ୍ଦକୁ ସଫଳ କରିବାକୁ ଉଦ୍ୟମ କରିଥିଲେ ।

ଏଥିରେ କଂଗ୍ରେସର ବରିଷ୍ଠ ନେତା ଶ୍ୟାମସୁନ୍ଦର ହାଁସଦାଃ, ଶାନ୍ତନୁ ପାଲ, ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ ଓ କାହ୍ନୁଚରଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ । ବନ୍ଦ ପ୍ରଭାବରେ



ବାରିପଦା ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ, ବୀମା ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ବାରିପଦା ପୌରପରିଷଦ ଓ ବାରିପଦା ବ୍ଲକ କାର୍ଯ୍ୟାଳୟରେ ମଧ କାର୍ଯ୍ୟ ବନ୍ଦ ରହିଥିଲା । ବସ୍ ଚଳାଚଳ ସହ ଛୋଟ ଯାନବାହନ ଚଳାଚଳ ମଧ ପ୍ରଭାବିତ ହୋଇଥିଲା । କୋର୍ଟ ସମ୍ମୁଖରେ ମେଣ୍ଟ କର୍ମୀମାନେ ଉପସ୍ଥିତ ହୋଇ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଫେରିଯିବାକୁ ଅନୁରୋଧ କରିଥିଲେ । ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ କର୍ମୀମାନେ ପହଞ୍ଚି କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଏହି ବନ୍ଦ କାର୍ଯ୍ୟକ୍ରମରେ କଂଗ୍ରେସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଶାନ୍ତନୁ କୁମାର ପାଲ, ନାରାୟଣ ପଟ୍ଟନାୟକ, ଜ୍ୟୋତି ପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ନିରୋଜ ଲୋଚନ ଦାସ, ପ୍ରଦୀପ ମିଶ୍ର, ମୁନା ଗିରି, ଚୈତନ୍ୟ ହାଁସଦାଃ, ଉତ୍ତମ ବେହେରା, ଦୀପକ ଦାସ, ବନମାଳୀ ବାରିକ, ସେକ ରଖିମ୍, ଅସିତ ଦାସ, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ସୁସ୍ମିତା ଘୋଷାଲ, ପିଙ୍କି ମହାପାତ୍ର, ଶୁଭସ୍ମିତା ଦାସ, ଜୀବନ ବାରିକ, ସବିତା ସୋରେନ, ସୁନିତା ନାୟକ ଓ ବିକାଶ ମହାଭୋଇ ପ୍ରମୁଖ ଯୋଗଦେଇଥିଲେ । ସେହିପରି ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ରବି ସିଂ ଏବଂ ମୟୂରଭଞ୍ଜ ପରିବହନ କର୍ମଚାରୀ ସଂଘର ସଭାପତି ରଘୁନାଥ ପଣ୍ଡା, ମନୋରଞ୍ଜନ ପରିଡ଼ା, ଗଙ୍ଗାଧର ସାମଲ, ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ, ଅଶୋକ ବେହେରା, ଜୀବନ ମହାକୁଡ଼ ଓ ଉତ୍ତମ ବେହେରା ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ । ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିବାରୁ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବଣୁଆ ହାତୀଙ୍କ ଉପଦ୍ରବ, ଗୋଠରେ ପଶି ଗାଈକୁ ଦଳିଦେଲେ

ଭଞ୍ଜନଗର, (ସବ୍ୟୁ) : ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ବନାଞ୍ଚଳରେ ବ୍ରାହ୍ମଣପଦର ଗ୍ରାମ ନିକଟରେ ବଣୁଆ ହାତୀଙ୍କ ଉପଦ୍ରବ । ଗୁହାଳରେ ପଶି ଗୋଟିଏ ଗାଈକୁ ଦଳି ମାରି ଦେଇଥିବା ଅଭିଯୋଗ କରିଛନ୍ତି, ଗାଈ ମାଲିକ ଅଶୋକ ଗୌଡ । ଏହା ସହ ଗୋଟିଏ ବାଛୁରୀକୁ ମଧ ଆହତ କରାଇଛନ୍ତି । ଫଳରେ ଘଟଣା ସମୟରେ ଗୋଠରେ ଥିବା ଅନ୍ୟ ଗାଈ ବାଛୁରୀ ସବୁ ଏଣେତେଣେ ଦୌଡ଼ି ପଳାଇଥିଲେ । ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରାଣୀ ଚିକିତ୍ସକ ଆହତ ବାଛୁରୀର ଚିକିତ୍ସା କରିବା ସହ ମୃତ ଗାଈର ବ୍ୟବଚ୍ଛେଦ କରିଥିଲେ । ବର୍ତ୍ତମାନ ଧାନ ଅମଳ ସମୟ ପାଖେଇ ଆସୁଥିବାରୁ ତୁରନ୍ତ ହାତୀପଲକୁ ଜଙ୍ଗଲ ଭିତରକୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ସରୋଜ କୁମାର ମହାନ୍ତି କହିଛନ୍ତି । ମୁଜାଗଡ଼ ବନାଞ୍ଚଳରେ ଗତ କିଛିଦିନ ହେଲା ୩୭ଟିକିଆ ହାତୀପଲ ଘୁରି ବୁଲୁଛନ୍ତି । ଗତ ମାସରେ ଏହି ବନାଞ୍ଚଳର ଖଣ୍ଡିକୋଟି ଗ୍ରାମରେ ଗୋଟିଏ ଗାଈକୁ ଆକ୍ରମଣ କରି ମାରି ଦେଇଥିଲା ହାତୀ । ରାତି ହେଲେ ହାତୀପଲ ଜନବସତି ଆଡ଼କୁ ମାଡ଼ି ଆସୁଥିବାରୁ ଲୋକେ ଭୟଭୀତ ହୋଇ ରହୁଥିବା ବେଳେ, ଏବେ ଫସଲ ସୁରକ୍ଷା ଚାଷୀଙ୍କ ଚିନ୍ତାର କାରଣ ହୋଇଛି ।

# କାନ୍ଥ ତଳେ ଚାପି ହୋଇ ଶିଶୁର ମୃତ୍ୟୁ, ମା' ଗୁରୁତର

ବାରିପଦା, (ସବ୍ୟୁ) : ଘରର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ଦୁଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା ଗୁରୁତର ଆହତ ହୋଇଛନ୍ତି । ରାଇରଙ୍ଗପୁର ଥାନା ଅଧୀନ ହାଟବଦଳା ନିକଟସ୍ଥ ଚିଲିଗୁଡ଼ିପୋଖରୀ ଗ୍ରାମରେ ମଦନ ଟୁଡୁଙ୍କ ପରିବାରରେ ଏହି ଅଘଟଣ ଘଟିଛି । ସୂଚନା ଅନୁଯାୟୀ, ଘରର କାନ' ଭୁଶୁଡ଼ି ପଡ଼ିବା ସମୟରେ ମଦନଙ୍କ ଦୁଇ ବର୍ଷର ପୁଅ ଅନୁଜ ଟୁଡୁ ଓ ତାଙ୍କ ମା ବାସନ୍ତୀ ଟୁଡୁ (୪୯) ତଳେ ଚାପି ଯାଇଥିଲେ । ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଘଟଣା ପରେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଅନୁଜଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଅନୁଜଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷରେ, ବାସନ୍ତୀଙ୍କ ଅବସ୍ଥା ମଧ ଗୁରୁତର ରହିଥିବାବେଳେ ଡାକ୍ତରଖାନାରେ ତାଙ୍କର ଜରୁରୀକାଳୀନ ଚିକିତ୍ସା ଚାଲିଛି । ଘଟଣା ପରେ ଚିଲିଗୁଡ଼ି ପୋଖରୀ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଋଷିକୁଲ୍ୟା କେନାଲରେ ଭାସିଯାଇ ବୃଦ୍ଧ ମୃତ

ଧରାକୋଟ, (ସବ୍ୟୁ) : ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଗଡଦାମୋଦର ପଲ୍ଲୀ ଗ୍ରାମର କୃଷ୍ଣ ଗୌଡଙ୍କ ପୁଅ ଦେବରାଜ ଗୌଡ ( ୬୫) ଆଜି ସକାଳ ଦଶ ଘଣ୍ଟ ସମୟରେ ଗାଁ ନିକଟରେ ବହିଯାଉଥିବା ଋଷିକୁଲ୍ୟା ମୁଖ୍ୟ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ । କଇଁଠବାଟିଆ ତୁଠ ରେ ଗାଧେଇବା ବେଳେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ କେନାଲରେ ଭାସିଯାଇ ନିଖୋଜ ହୋଇଯାଇଥିଲେ । ଲୋକଙ୍କ ନିକଟରୁ ସୁଚନା ପାଇବା ପରେ ପରିବାର ଲୋକେ ତୁରନ୍ତ ଧରାକୋଟ ଥାନା ଓ ଦମକଳ ବାହିନୀକୁ ଖବର ଦେଇଥିଲେ । ଏହାପରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଉପସ୍ଥିତିରେ ଖୋଜିବା ଆରମ୍ଭ ହୋଇଥିଲା । ଅପରାହ୍ନ ଚାରି ଘଣ୍ଟା ସମୟରେ ତାଳପାଟଣା ବ୍ରିଜ ନିକଟରୁ ଦମକଳ ବାହିନୀ ଶବଟିକୁ ଉଦ୍ଧାର କରିଥିଲେ । ଧରାକୋଟ ପୋଲିସ ଶବ ଜବତ କରି ୧୪/୨୦୨୬ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ରେଳ ମନ୍ତ୍ରଣାଳୟ
(ପୂର୍ବ ତଟ ରେଳପଥ)
ସୂଚନାପତ୍ର
ଭୁବନେଶ୍ୱର, ତାରିଖ-10.09.2026
ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା

**S.O.5037(E).-** ରେଲୱେ (ସଂଶୋଧନ) ଆଇନ, 1989 (24/89) - ର ସେକ୍ସନ 20A ର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ସୁର୍ଲା ରୋଡ୍ (SLRD) - ଇଚ୍ଛାପୁରମ୍ (IPM) ଷ୍ଟେସନ ମଧ୍ୟରେ KM. 620/6-8 ରେ ଲେଭେଲ୍ କ୍ରସିଂ ସଂଖ୍ୟା-325 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି ।

ଉକ୍ତ ଜମିରେ ରୁଚିଯୁକ୍ତ କୌଣସି ବ୍ୟକ୍ତି, ଅଧିକୃତ ଗେଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶ ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ଆପତ୍ତି ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଚିକିଟି ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ସୁର୍ଲା ରୋଡ୍ (SLRD) - ଇଚ୍ଛାପୁରମ୍ (IPM) ଷ୍ଟେସନ ମଧ୍ୟରେ KM. 620/6-8 ରେ ଲେଭେଲ୍ କ୍ରସିଂ ସଂଖ୍ୟା - 325 ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାଓଡ଼ା - ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୋର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ । ଏହାର ତଥ୍ୟ ଓ ଯୁକ୍ତିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର । କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ କିମ୍ବା ଏକ ଆଇନ ସମ୍ବିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ ।

ଏହି କାନୁନର 20D ର ସବ୍-ସେକ୍ସନ୍ (2)ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ । ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରିପାରିବେ ।

ସୂଚୀ

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଆନେକ୍ସଚର-1) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବା ପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା "ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାଓଡ଼ା - ବିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ସୁର୍ଲା ରୋଡ୍ (SLRD) - ଇଚ୍ଛାପୁରମ୍ (IPM) ଷ୍ଟେସନ ମଧ୍ୟରେ KM. 620/6-8 ରେ ଲେଭେଲ୍ କ୍ରସିଂ ସଂଖ୍ୟା - 325 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ" ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ ।

ଜିଲ୍ଲାର ନାମ : ଗଞ୍ଜାମ — ଆନେକ୍ସଚର-1

ଜମି ସୂଚୀ
ପ୍ରକଳ୍ପର ନାମ :- ଆରଓବି-325 ନିର୍ମାଣ
ଜିଲ୍ଲାର ନାମ :- ଗଞ୍ଜାମ, ବିଭାଗର ନାମ :- ଖୋର୍ଦ୍ଧା ରୋଡ୍, ତହସିଲର ନାମ :- ଚିକିଟି

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ ନମ୍ବର | ଭୂମିର କିସମ | ସମ୍ପୂର୍ଣ୍ଣ ଜମି ଏକରରେ | ଆବଶ୍ୟକ ଜମି ଏକରରେ | ଭୂମିର ପ୍ରକାର |
|---|---|---|---|---|---|---|
| 1 | ଗିରିସୋଲା | 2113 | ବିଲ ଅଣଜଳସେଚିତ ଏକ | 0.010 | 0.250 | ବ୍ୟକ୍ତିଗତ |
| 2 | ଗିରିସୋଲା | 2113/3569 | ରାସ୍ତା | | | ସରକାରୀ |
| 3 | ଗିରିସୋଲା | 2107 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 4 | ଗିରିସୋଲା | 2107/3292 | ନୟନଯୋରୀ | | | ସରକାରୀ |
| 5 | ଗିରିସୋଲା | 2107/3566 | ରାସ୍ତା | 0.057 | 0.041 | ସରକାରୀ |
| 6 | ଗିରିସୋଲା | 2107/ 8020 | ଘରବାରି | | | ବ୍ୟକ୍ତିଗତ |
| 7 | ଗିରିସୋଲା | 2107/8024 | ଘରବାରି | | | ବ୍ୟକ୍ତିଗତ |
| 8 | ଗିରିସୋଲା | 2107/8024/8140 | ଘରବାରି | | | ବ୍ୟକ୍ତିଗତ |
| 9 | ଗିରିସୋଲା | 2106 | ବିଲ ଅଣଜଳସେଚିତ ଏକ | 0.131 | 0.131 | ବ୍ୟକ୍ତିଗତ |
| 10 | ଗିରିସୋଲା | 2105 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 11 | ଗିରିସୋଲା | 2105/8028/8145 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 12 | ଗିରିସୋଲା | 2105/8028/8119 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 13 | ଗିରିସୋଲା | 2105/8028/8113 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 14 | ଗିରିସୋଲା | 2105/8028 | ବିଲ ଅଣଜଳସେଚିତ ଏକ | 0.048 | 0.343 | ବ୍ୟକ୍ତିଗତ |
| 15 | ଗିରିସୋଲା | 2105/8022 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 16 | ଗିରିସୋଲା | 2105/8018 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 17 | ଗିରିସୋଲା | 2105/7151 | ଘରବାରି | | | ବ୍ୟକ୍ତିଗତ |
| 18 | ଗିରିସୋଲା | 2105/8028/8349 | ବିଲ ଅଣଜଳସେଚିତ ଏକ | | | ବ୍ୟକ୍ତିଗତ |
| 19 | ଗିରିସୋଲା | 2105/7151/8350 | ଘରବାରି | | | ବ୍ୟକ୍ତିଗତ |
| 20 | ଗିରିସୋଲା | 2104 | ବିଲ ଅଣଜଳସେଚିତ ଏକ | 0.295 | 0.156 | ବ୍ୟକ୍ତିଗତ |
| 21 | ଗିରିସୋଲା | 2102 | ବିଲ ଅଣଜଳସେଚିତ ଏକ | 1.200 | 0.196 | ବ୍ୟକ୍ତିଗତ |
| 22 | ଗିରିସୋଲା | 2101 | ବିଲ ଅଣଜଳସେଚିତ ଏକ | 0.180 | 0.003 | ବ୍ୟକ୍ତିଗତ |
| 23 | ଗିରିସୋଲା | 2100 | ଜଳାଶୟ 1 | 2.500 | 0.223 | ସରକାରୀ |
| 24 | ଗିରିସୋଲା | 2099 | ବିଲ ଅଣଜଳସେଚିତ ଏକ | 0.520 | 0.132 | ବ୍ୟକ୍ତିଗତ |
| 25 | ଗିରିସୋଲା | 2098 | ବିଲ ଅଣଜଳସେଚିତ ଏକ | 0.298 | 0.107 | ବ୍ୟକ୍ତିଗତ |
| 26 | ଗିରିସୋଲା | 2097 | ବିଲ ଅଣଜଳସେଚିତ ଏକ | 0.380 | 0.045 | ବ୍ୟକ୍ତିଗତ |
| 27 | ଗିରିସୋଲା | 2075 | ବିଲ ଅଣଜଳସେଚିତ ଏକ | 0.295 | 0.149 | ବ୍ୟକ୍ତିଗତ |
| 28 | ଗିରିସୋଲା | 2074 | ବିଲ ଅଣଜଳସେଚିତ ଏକ | 0.280 | 0.002 | ବ୍ୟକ୍ତିଗତ |
| 29 | ଗିରିସୋଲା | 2076 | ବିଲ ଅଣଜଳସେଚିତ ଏକ | 0.320 | 0.135 | ବ୍ୟକ୍ତିଗତ |
| 30 | ଗିରିସୋଲା | 2071 | ବିଲ ଅଣଜଳସେଚିତ ଏକ | 0.260 | 0.055 | ବ୍ୟକ୍ତିଗତ |
| 31 | ଗିରିସୋଲା | 2070 | ବିଲ ଅଣଜଳସେଚିତ ଏକ | 0.595 | 0.175 | ବ୍ୟକ୍ତିଗତ |
| 32 | ଗିରିସୋଲା | 2065 | ବିଲ ଅଣଜଳସେଚିତ ଏକ | 0.358 | 0.004 | ବ୍ୟକ୍ତିଗତ |
| 33 | ଗିରିସୋଲା | 2066 | ବିଲ ଅଣଜଳସେଚିତ ଏକ | 0.208 | 0.131 | ବ୍ୟକ୍ତିଗତ |
| 34 | ଗିରିସୋଲା | 2067 | ବିଲ ଅଣଜଳସେଚିତ ଏକ | 0.250 | 0.018 | ବ୍ୟକ୍ତିଗତ |
| 35 | ଗିରିସୋଲା | 2063 | ବିଲ ଅଣଜଳସେଚିତ ଏକ | 0.160 | 0.001 | ବ୍ୟକ୍ତିଗତ |
| 36 | ଗିରିସୋଲା | 2050 | ନୟନଯୋରୀ | 3.125 | 0.119 | ସରକାରୀ |
| 37 | ଗିରିସୋଲା | 2049 | ରାସ୍ତା | 1.920 | 0.071 | ସରକାରୀ |
| 38 | ଗିରିସୋଲା | 2048 | ନୟନଯୋରୀ | 0.840 | 0.034 | ସରକାରୀ |
| 39 | ଗିରିସୋଲା | 2047 | ନୟନଯୋରୀ | 1.520 | 0.051 | ସରକାରୀ |
| 40 | ଗିରିସୋଲା | 2025 | ବିଲ ଜଳସେଚିତ ଏକ ଫସଲି | 0.075 | 0.014 | ବ୍ୟକ୍ତିଗତ |
| 41 | ଗିରିସୋଲା | 2024 | ବିଲ ଜଳସେଚିତ ଏକ ଫସଲି | 0.715 | 0.249 | ବ୍ୟକ୍ତିଗତ |
| 42 | ଗିରିସୋଲା | 2023 | ବିଲ ଜଳସେଚିତ ଏକ ଫସଲି | 0.250 | 0.006 | ବ୍ୟକ୍ତିଗତ |
| 43 | ଗିରିସୋଲା | 1977 | ବିଲ ଜଳସେଚିତ ଏକ ଫସଲି | 0.170 | 0.023 | ବ୍ୟକ୍ତିଗତ |
| 44 | ଗିରିସୋଲା | 1978 | ବିଲ ଜଳସେଚିତ ଏକ ଫସଲି | 0.235 | 0.133 | ବ୍ୟକ୍ତିଗତ |
| 45 | ଗିରିସୋଲା | 1979 | ବିଲ ଜଳସେଚିତ ଏକ ଫସଲି | 0.635 | 0.137 | ବ୍ୟକ୍ତିଗତ |
| 46 | ଗିରିସୋଲା | 1975 | ବିଲ ଜଳସେଚିତ ଏକ ଫସଲି | 0.488 | 0.026 | ବ୍ୟକ୍ତିଗତ |
| 47 | ଗିରିସୋଲା | 1981 | ବିଲ ଜଳସେଚିତ ଏକ ଫସଲି | 0.650 | 0.286 | ବ୍ୟକ୍ତିଗତ |
| 48 | ଗିରିସୋଲା | 1982 | ବିଲ ଜଳସେଚିତ ଏକ ଫସଲି | 0.200 | 0.001 | ବ୍ୟକ୍ତିଗତ |
| 49 | ଗିରିସୋଲା | 1963 | ବିଲ ଜଳସେଚିତ ଏକ ଫସଲି | 0.360 | 0.014 | ବ୍ୟକ୍ତିଗତ |
| 50 | ଗିରିସୋଲା | 1983 | ବିଲ ଜଳସେଚିତ ଏକ ଫସଲି | 0.090 | 0.042 | ବ୍ୟକ୍ତିଗତ |
| 51 | ଗିରିସୋଲା | 1962 | ବିଲ ଜଳସେଚିତ ଏକ ଫସଲି | 0.345 | 0.105 | ବ୍ୟକ୍ତିଗତ |
| 52 | ଗିରିସୋଲା | 1935 | ବିଲ ଜଳସେଚିତ ଏକ ଫସଲି | 0.335 | 0.148 | ବ୍ୟକ୍ତିଗତ |
| 53 | ଗିରିସୋଲା | 1934 | ବିଲ ଜଳସେଚିତ ଏକ ଫସଲି | 0.670 | 0.169 | ବ୍ୟକ୍ତିଗତ |
| 54 | ଗିରିସୋଲା | 1933 | ବିଲ ଜଳସେଚିତ ଏକ ଫସଲି | 0.312 | 0.081 | ବ୍ୟକ୍ତିଗତ |
| 55 | ଗିରିସୋଲା | 1931 | ବିଲ ଜଳସେଚିତ ଏକ ଫସଲି | 0.210 | 0.057 | ବ୍ୟକ୍ତିଗତ |
| 56 | ଗିରିସୋଲା | 1930 | ବିଲ ଜଳସେଚିତ ଏକ ଫସଲି | 0.160 | 0.052 | ବ୍ୟକ୍ତିଗତ |
| 57 | ଗିରିସୋଲା | 1929 | ଗୋଚର | 0.870 | 0.028 | ସରକାରୀ |
| 58 | ଗିରିସୋଲା | 1936 | ରାସ୍ତା | 0.200 | 0.090 | ସରକାରୀ |
| 59 | ଗିରିସୋଲା | 1926 | ରାସ୍ତା | 0.390 | 0.173 | ସରକାରୀ |
| 60 | ଗିରିସୋଲା | 1924 | ଜଳାଶୟ 2 | 4.375 | 0.041 | ସରକାରୀ |
| | | | ସର୍ବମୋଟ | | 3.927 | |

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ଆରଏସପି/
ପୂର୍ବ ତଟ ରେଳପଥ/ଭୁବନେଶ୍ୱର

PR-220/CJ/26-27

# ଚୋରି ଘଟଣାରେ ବଡ଼ଗଡ଼ ପୋଲିସକୁ ସଫଳତା
## ଚବିଶ ଘଣ୍ଟାରେ ଅଭିଯୁକ୍ତ ଗିରଫ, ଟଙ୍କା ଉଦ୍ଧାର

ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନା ଅନ୍ତର୍ଗତ ବଳରାମପୁର ପଞ୍ଚାୟତର କେ. ବୁରୁପଡ଼ା ଗ୍ରାମରେ ଗତ ସୋମବାର ମଧ୍ୟ ରାତ୍ରୀରେ ଘଟିଥିବା ଚୋରି ଘଟଣାରେ ବଡ଼ଗଡ଼ ପୋଲିସକୁ ବଡ଼ ସଫଳତା ମିଳିଛି । ଚୋରି ଘଟଣାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଧରିବା ସହ ଚୋରି ହୋଇଥିବା ଟଙ୍କା ମଧ୍ୟରୁ ୧,୯୯,୮୦୦ ଟଙ୍କା ଉଦ୍ଧାର କରି ପୋଲିସ ତରଫରୁ ପୀଡ଼ିତାଙ୍କୁ ହସ୍ତାନ୍ତର କରା ଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୫ ତାରିଖ ବିଳମ୍ବିତ ରାତିରେ କେ. ବୁରୁପଡ଼ା ଗ୍ରାମର ବବିତା ମଲ୍ଲିକଙ୍କ ଘରୁ ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା ଚୋରି ହୋଇଥିଲା । ଏନେଇ ବବିତା ବଡ଼ଗଡ଼ ଥାନାରେ ଏତଲା ଦେଇଥିଲେ । ଏତଲାରେ ସେ ଚୋରକୁ ଦେଖିଥିବା ଏବଂ ଚିହ୍ନିପାରିବେ ବୋଲି ଉଲ୍ଲେଖ କରିଥିଲେ । ଏତଲା ଆଧାରରେ ବଡ଼ଗଡ଼ ଥାନା ଅଧିକାରୀ ବିମଳ କୁମାର କହଁର ତତ୍ପରତା ପ୍ରକାଶ କରି ତୁରନ୍ତ ପୋଲିସ ଟିମ ଅଭିଯୁକ୍ତକୁ ଧରିବା ପାଇଁ ନିୟୋଜିତ କରିଥିଲେ । ଥାନା ଅଧିକାରୀ ନିଜେ ମଧ ଘଟଣାସ୍ଥଳକୁ ଯାଇ ଚୋରି କିପରି ଘଟିଥିଲା, ସେନେଇ ତଦନ୍ତ କରିଥିଲେ । ମିଳିଥିବା ଖବର ଅନୁଯାୟୀ, ଗତ ୫ ତାରିଖ ରାତିରେ ବଳରାମପୁର ଗ୍ରାମରେ ଏକ ସାମାଜିକ ନାଟକ ମଞ୍ଚସ୍ଥ ହେଉଥିଲା । ଏହାକୁ ଦେଖିବା ପାଇଁ ବୁରୁପଡ଼ା ଗ୍ରାମର ଅଧିକାଂଶ ଲୋକ ବଳରାମପୁର ଯାଇଥିଲେ ।

ଘରେ ଏକାକି ବବିତା ଶୋଇଥିବା ସମୟରେ ଚୋର ଘରର ମଝି ଅଗଣା ପଟୁ ପ୍ରବେଶ କରି ଟଙ୍କା ଥିବା କାଠ ପେଡ଼ି ଖୋଲି ଟଙ୍କା ନେଇ ଚାଲିଯାଉଥିଲା । କବାଟ ଖୋଲିବାର ଶବ୍ଦ ଶୁଣି ବବିତା ମୋବାଇଲ୍ ଟର୍ଚ୍ଚ ଧରି ପଛ ଘରକୁ ଯାଇଥିଲେ । ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ଟଙ୍କା ନେଇ ଚାଲିଯାଉଥିବା ଦେଖିଥିଲେ । ପରେ ଉକ୍ତ ବ୍ୟକ୍ତିଙ୍କୁ ସେ ଚିହ୍ନିଥିବା ପୋଲିସକୁ କହିଥିବା ଜଣାପଡ଼ିଛି ।

ସୂଚନା ମୁତାବକ ବିଧବା ମହିଳା ବବିତା ମଲ୍ଲିକ ଏକ ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ଆଣି ଘର କାମରେ ଲଗାଇବା ପାଇଁ ତିନି କିସ୍ତିରେ ମିଳିଥିବା ମୋଟ ୨ ଲକ୍ଷ ୧୦ ହଜାର ଟଙ୍କା ସେ ନିଜ ଘରର କାଠ ପେଡ଼ିରେ ସାଇତି ରଖିଥିଲେ । ଟଙ୍କା ଚୋରି ହୋଇଯିବା ପରେ ବବିତା ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ । ତେବେ ତାଙ୍କ ଏତଲାର ୨୪ ଘଣ୍ଟା ମଧ୍ୟରେ ବଡ଼ଗଡ଼ ପୋଲିସ ଅଭିଯୁକ୍ତକୁ ଧରିବା ସହ ଚୋରି ହୋଇଥିବା ଟଙ୍କା ମଧ୍ୟରୁ ୧,୯୯,୮୦୦ ଟଙ୍କା ଉଦ୍ଧାର କରି ବବିତା ମଲ୍ଲିକଙ୍କୁ ହସ୍ତାନ୍ତର କରିଥିଲା । ପରେ ଅଭିଯୁକ୍ତକୁ ହାଜତକୁ ପଠାଯାଇଥିବା ଜଣାପଡ଼ିଛି । ବଡ଼ଗଡ଼ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।

# ମାରପିଟ ଘଟଣାରେ ମହିଳା ଗିରଫ

ବ୍ରହ୍ମପୁର, (ସବ୍ୟୁ) : ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମାରପିଟ ଘଟଣାରେ ଫେରାର ଥିବା ଜଣେ ମହିଳା ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଛି । ସେ ହେଲେ ସାତପାଣ୍ଡିଆ ଅଞ୍ଚଳର ବାସନ୍ତୀ ନାୟକ (୩୭) । ମାମଲା ନଂ ୫୭୩/୨୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ଶିବ ନାୟକ ଓ ତାଙ୍କ ବାପା ପ୍ରଶାନ୍ତ ନାୟକଙ୍କୁ ଗତ ସେପଟେମ୍ବର ମାସରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପ୍ରକାଶ ଯେ, ସାତପାଣ୍ଡିଆ ଗ୍ରାମର ନିବେଦିତା ନାୟକଙ୍କ ଅଭିଯୋଗକ୍ରମେ ଗତ ସେପଟେମ୍ବର ୯ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଗ୍ରାମର ଶିବା ନାୟକ ରାସ୍ତା ଉପରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହା ସହ ଶିବାଙ୍କ ବାପା ପ୍ରକାଶ ନାୟକ ଓ ମା' ବାସନ୍ତୀ ନାୟକ ତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରି ପ୍ରାଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗ ପରେ ସଦର ଥାନାରେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ବାସନ୍ତୀ ନାୟକଙ୍କୁ ଧରିଥିଲା ବୋଲି କହିଛି ।

# ଆସିକା ଥାନା ଅଧିନକୁ ଗଲା ଗହଙ୍ଗୁ ପଞ୍ଚାୟତ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅଧୀନରେ ଦୀର୍ଘ ପଚାଶ ବର୍ଷରୁ ଅଧିକ ସମୟ ଥିବା ଆସିକା ବ୍ଲକ ଅଧୀନସ୍ଥ ଗହଙ୍ଗୁ ପଞ୍ଚାୟତ ଏବେ ଆସିକା ଥାନା ଅଧିନକୁ ଯାଇଛି । ଗୃହ ବିଭାଗ ଗେଜେଟ୍ ନୋଟିଫିକେସନ ଅନୁସାରେ ଚଳିତ ଅକ୍ଟୋବର ମାସ ୧ ତାରିଖରୁ ଏହାକୁ ଲାଗୁ କରାଯାଇଛି । ଫଳରେ ଚଳିତ ମାସର ୧ ତାରିଖରୁ ସମସ୍ତ ମାମଲା ଆସିକା ଥାନା ଅଧୀନରେ ପରିଚାଳିତ ହେବ । ଗହଙ୍ଗୁ ପଞ୍ଚାୟତର ଲୋକେ ବ୍ଲକ୍ ଓ ତହସିଲ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସିକା ଉପରେ ନିର୍ଭର କରୁଥିବା ବେଳେ ମକଦ୍ଦମା ଓ କୋର୍ଟ ହାଜିରା ପାଇଁ ବୁଗୁଡ଼ା ଆସୁଥିଲେ । ବୁଗୁଡ଼ା ପୋଲିସକୁ ମଧ୍ୟଏଥି ଯୋଗୁଁ ହଇରାଣ ହେବାକୁ ପଡୁଥିଲା । ବର୍ତ୍ତମାନ ଗହଙ୍ଗୁ ପଞ୍ଚାୟତ ଆସିକା ଥାନା ଅଧିନକୁ ଯିବାପରେ ସେହି ଅଞ୍ଚଳର ଜନସାଧାରଣ ଏବେ ଆସିକା ଯିବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ଜଗନ୍ନାଥପ୍ରସାଦ ବ୍ଲକ ଅଧିନସ୍ଥ ନିମପଦର ପଞ୍ଚାୟତ ଏବେବି ବୁଗୁଡ଼ା ଥାନା ଅଧୀନରେ ରହିଥିବା ଜଣାଯାଇଛି ।

# ବିଭିନ୍ନ ଦାବି ନେଇ ଓଡିଶା ବନ୍ଦ ବ୍ରହ୍ମପୁରରେ ସଫଳ

ବ୍ରହ୍ମପୁର, (ସବ୍ୟୁ) : ଶାସକ ଭାଜପାର ବିଜୟ ପାଇଁ ଦେଶର ନିର୍ବାଚନ କମିଶନଙ୍କ ଖୋଲାଖୋଲି ଭୋଟ ଚୋରୀକୁ ବିରୋଧ କରି ତଥା ଜନଗଣଙ୍କ ଅନ୍ୟାନ୍ୟ ଦାବି ନେଇ ବିରୋଧୀ ଦଳମାନଙ୍କ ଦ୍ୱାରା ଆହୂତ ଓଡିଶା ବନ୍ଦ ଆଜି ବ୍ରହ୍ମପୁରରେ ଆୟୋଜିତ ହୋଇଛି ।

ପୂର୍ବାହ୍ନରେ ଦୁଇ ବାମପନ୍ଥୀ ପାର୍ଟି, ସିପିଆଇ (ଏମ୍- ଏଲ୍) ନିଉ ଡେମୋକ୍ରାସୀ ଓ ସିପିଆଇ (ଏମ୍- ଏଲ୍) ରେଡଷ୍ଟାରର କର୍ମୀମାନେ ହାତରେ ପ୍ଲାକାର୍ଡ ଓ ପତାକା ଧରି ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଫିସ ଆଗରେ ପିକେଟିଂ କରି ବନ୍ଦ କରାଇଥିଲେ । ଭୋଟ ଚୋରୀରେ ସାମିଲ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ପ୍ରଦାନ, ନିର୍ବାଚନ କମିଶନର ନିଯୁକ୍ତି ଆଇନରେ



ସଂଶୋଧନ, ଏସଆଇଆର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାତିଲ କରିବା, ଏସଆଇଆରରେ ଭୋଟର ତାଲିକାରୁ ବାଦ ପଡିଯାଇଥିବା ଦେଶର ୧୩ କୋଟିରୁ ଉର୍ଦ୍ଧ୍ୱର୍ ନାଗରିକଙ୍କୁ ତାଲିକାରେ ପୁନଃ ସାମିଲ କରାଇବା, ରାଜ୍ୟରେ ବିକାଶ ନାଁରେ ସବୁ ଖଣି ଖାଦାନକୁ ବଡ଼ ବଡ କମ୍ପାନୀ ହାତକୁ ଟେକିଦେବା ବନ୍ଦ କରିବା, ରାଜ୍ୟର ସ୍ୱାର୍ଥ ବିରୋଧୀ ତଥା ଆଦିବାସୀ ବିରୋଧୀ ଖଣି ଖଣିଜ ଆଇନ (ଏମଏମ ଡି ଆର ଆକଟ ୨୦୨୬) କୁ ବାତିଲ କରିବା ଆଦି ଦାବି ନେଇ ଆଜି ଓଡିଶା ବନ୍ଦ ର ଡାକରା ଦିଆଯାଇଥିଲା । ଆଜିର ଏହି ବନ୍ଦ ପାଳନରେ ସିପିଆଇ (ଏମ୍-ଏଲ୍) ନିଉ ଡେମୋକ୍ରାସୀର ରାଜ୍ୟ ମୁଖପାତ୍ର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା କମିଟି ସଦସ୍ୟ ଲଡୁ କିଶୋର ଡାକୁଆ, ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ନାରାୟଣ ବିଷୋୟୀ, ସିପିଆଇ (ଏମ୍- ଏଲ୍) ରେଡଷ୍ଟାରର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ୍, ଜିଲ୍ଲା କମିଟି ସଭ୍ୟ ରାମଚନ୍ଦ୍ର ବାଡତ୍ୟା ପ୍ରମୁଖ ନେତୃତ୍ୱ ନେଇଥିଲେ ।

# କୁଲତା ସମାଜର ନୂଆଁଖାଇ ଭେଟଘାଟ



ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଗ୍ରାମରେ ବୁଧବାର କୁଲୁତା ସମାଜ ବଡ ଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ରର ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇ ଯାଇଛି । ବଡ ଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସଭାପତି ବସୁଦେବ ଗଦତ୍ୟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଲୁତା ସମାଜ ବଲାଙ୍ଗିର ଜିଲ୍ଲା ସଭାପତି ବେଲାଲସେନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଜିଲ୍ଲାର ବିଭିନ୍ନ କେନ୍ଦ୍ର ସଭାପତି ସମେତ ଲାଠୋର ଥାନା ଅଧିକାରୀ ଅବିନାଶ ପଧାନ, ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ଖପ୍ରାଖୋଲ ଥାନା ଏସ ଆଇ, ନାରାୟଣ ସାହୁ, ରଣେଶ୍ୱର ରାମ ଚଣ୍ଡୀ ମନ୍ଦିର ଟ୍ରଷ୍ଟର ସଭାପତି ଭିକାରୀ ଚରଣ ବିଶ୍ୱାଳ, ସମ୍ପାଦକ କଳାକାହ୍ନୁ ସାହୁ, ମାଧବ ସାହୁ, ମୁଖ୍ୟ ବକ୍ତା ଭାବେ ଲୋହିତ ଗଡ଼ତ୍ୟା ଯୋଗଦେଇ କୁଳତା ସମାଜର ସାମାଜିକ, ଅର୍ଥ ନୈତିକ ତଥା ସର୍ବାଙ୍ଗୀନ ବିକାଶ ଉପରେ ଆଲୋଚନା କରିଥିଲେ । ମାଁ ରଣେଶର ରାମଚଣ୍ଡି ପୂଜକ ଲଳିତ ଭୋଇ ପୂଜା ଅର୍ଚ୍ଚନା କରି ମାଁ ରଣେଶର ରାମଚଣ୍ଡିଙ୍କୁ ସମାଜର ସମସ୍ତ ଭକ୍ତ ଦର୍ଶନ କରି ଆଶୀର୍ବାଦ ଭିକ୍ଷ୍ୟା କରଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମହୁରୁଣ୍ଡି ସଂଜୟ ଗଡ଼ତ୍ୟା , ବର୍ଥଳା କେନ୍ଦ୍ରର ସଭାପତି ଯତି ପଧାନ ,କାନୁଟ କେନ୍ଦ୍ର ସଭାପତି ବାବୁଲାଲ, ଶିକ୍ଷପତି ଖଗେଶ୍ୱର ସାହୁ, ନୁଆପଡା ଜିଲ୍ଲାରୁ ସୁବାସ ପଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ଆୟୋଜନ ଭାବେ ଉପେନ୍ଦ୍ର ଭୋଇ, ନରେନ୍ଦ୍ର ଭୋଇ, ଶ୍ରୀପତି ଭୋଇ ସମେତ ମହୁରୁଣ୍ଡି ଗ୍ରାମର ଜାତି ଭାଇ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ ।

# ଜିଏମ୍‌ୟୁରେ ପରୋକ୍ଷ ନିର୍ବାଚନ, ସଙ୍କଟରେ ଛାତ୍ର ନେତୃତ୍ୱ

ସମ୍ବଲପୁର,(**ସତ୍ୟଜିତ ମହାପାତ୍ର**): ପ୍ରତ୍ୟକ୍ଷ ନିର୍ବାଚନ ହେଉଛି ଗଣତନ୍ତ୍ରର ପ୍ରାଣ । ଏହାଦ୍ୱାରା ଛାତ୍ରମାନେ ସିଧାସଳଖ ଭୋଟ ଦେଇ ପାରିବେ । ନିଜ ପସନ୍ଦର ନେତା ବାଛିବା ଦ୍ୱାରା ହିଁ ନେତୃତ୍ୱ ଗୁଣ ବିକଶିତ ହୁଏ । ପରୋକ୍ଷ ନିର୍ବାଚନରେ କେବଳ କ୍ଲାସ୍ ରିପ୍ରେଜେଣ୍ଟେଟିଭ୍ ମାନେ ଭୋଟ୍ ଦେବେ । ଫଳରେ ସାଧାରଣ ଛାତ୍ରଙ୍କ ସ୍ୱର ଚାପି ହୋଇ ଯାଇଥାଏ । ଏଥିସହ ପରୋକ୍ଷ ନିର୍ବାଚନରେ ଅର୍ଥ ବଳ ଓ ମାନେଜ୍ ଆଶଙ୍କା ଅଧିକ ରହିଛି । ତେଣୁ ଚଳିତ ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପରୋକ୍ଷ ନିର୍ବାଚନ କରିବାକୁ ନିଷ୍ପତି ନେଇଛନ୍ତି । ଏହାକୁ ପ୍ରତ୍ୟାହାର କରି ପ୍ରତ୍ୟକ୍ଷ ନିର୍ବାଚନ କରିବାକୁ ଦାବି ହେଉଛି । ବିଶେଷ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ପରୋକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ କୁଳସଚିବ ଏକ ବିଜ୍ଞପ୍ତି ଜାରି କରିଛନ୍ତି । ଏହି କଲେଜ/ବିଶ୍ୱବିଦ୍ୟାଳୟରୁ ଅନେକ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ନେତା ସୃଷ୍ଟି ହୋଇଛନ୍ତି । ସେମାନେ ପ୍ରତ୍ୟକ୍ଷ ନିର୍ବାଚନ ଲଢି ହିଁ ନେତା ହୋଇଛନ୍ତି । ତେବେ ପରୋକ୍ଷ ନିର୍ବାଚନ ଦ୍ୱାରା ସେ ପରମ୍ପରା ଶେଷ ହୋଇଯିବାର ଆଶଙ୍କା ରହିଛି ।

ସମ୍ବଲପୁରର ପ୍ରତିଷ୍ଠିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଅନେକ ଛାତ୍ରନେତା ବାହାରିଛନ୍ତି । ପରବର୍ତ୍ତୀ ସମୟରେ ସେମାନେ ପ୍ରତିଷ୍ଠିତ ରାଜନେତା ହୋଇ ପାରିଛନ୍ତି । ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ୧୯୮୦-୮୧ରେ ଛାତ୍ର ସଂସଦର ସଭାପତି ଥିଲେ । ତାଙ୍କ ନେତୃତ୍ୱରେ ଓଡିଶାରେ ଛାତ୍ର ଆନ୍ଦୋଳନ ଗଢି ଉଠିଥିଲା। ଯାହା ଓଡିଶାର ଶାସନ କଳକୁ ଦୋହଲାଇ ଦେଇଥିଲା । ଏକଦା ଛାତ୍ର ସଂସଦ ସଭାପତି ଶ୍ରୀବଲ୍ଲଭ ପାଣିଗ୍ରାହୀ କଂଗ୍ରେସ ଶାସନ କାଳରେ କ୍ୟାବିନେଟ୍ ମନ୍ତ୍ରୀ ଓ ଲୋକସଭା ସଦସ୍ୟ ହୋଇଥିଲେ । ତାଙ୍କ ସମୟରେ ସାଧାରଣ ସମ୍ପାଦକ ଥିବା




ନିରଞ୍ଜନ ପଟ୍ଟନାୟକ ମନ୍ତ୍ରୀ ହେବା ସହ ପିସିସି ସଭାପତି ଦାୟିତ୍ୱ ତୁଲାଇଥିଲେ । ବୀରମହାରାଜପୁରର ପୂର୍ବତନ ବିଧାୟକ ରବି ନାରାୟଣ ପାଣିଗ୍ରାହୀ ଓ ବିଜେପୁରର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ମଧ୍ୟ ଛାତ୍ର ରାଜନୀତିରୁ ରାଜନେତା ହୋଇଥିଲେ । ଛାତ୍ର ସଂସଦର ସାଧାରଣ ସମ୍ପାଦକ ଥିବା ଅଶ୍ୱିନୀ ଗୁରୁ ସମ୍ବଲପୁର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ । ମୁରାରୀ ପ୍ରସାଦ ମିଶ୍ର ମଧ୍ୟ ଛାତ୍ର ରାଜନୀତିରୁ ପୂର୍ବତନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ସୁନ୍ଦରଗଡ଼ର ବରିଷ୍ଠ ଆଇନଜୀବୀ ତଥା ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମନ୍ୱୟ ସମିତିର ସଭାପତି ଅଶୋକ ଦାଶ ମଧ୍ୟ ଏକଦା ଛାତ୍ର ସଂସଦ ସଭାପତି ଥିଲେ ।

ଜିଏମ୍ କଲେଜ ଛାତ୍ର ରାଜନୀତିରୁ ସଫଳ ରାଜନେତା ହୋଇଥିବା ବ୍ୟକ୍ତିଙ୍କ ଲମ୍ବା ତାଲିକା ରହିଛି । ଅନେକ ଛାତ୍ର ନେତା ପ୍ରତ୍ୟକ୍ଷ ନିର୍ବାଚନ ଲଢି ପରବର୍ତ୍ତୀ ସମୟରେ ଓଡିଶା ରାଜନୀତିରେ ପ୍ରବେଶ କରିଛନ୍ତି । ତେବେ ୧୯୯୮ ମସିହାରେ ନିର୍ବାଚନ ହିଂସା ଦେଖା ଯାଇଥିଲା। ଶଙ୍କର୍ଷଣ ଦାସ ନାମକ ଜଣେ ଯୁବକଙ୍କୁ କଲେଜ ନିକଟରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣା ପରେ ପ୍ରତ୍ୟକ୍ଷ ନିର୍ବାଚନ ହେଉନାହିଁ । ଇଲେକ୍ସନ୍ ବଦଳରେ ସିଲେକ୍ସନ ଜରିଆରେ ଛାତ୍ର ନେତା ଚୟନ କରାଯାଉଛି । ୨୦୧୫ ମସିହାରେ ଏହି କଲେଜ ଆନୁଷ୍ଠାନିକ ଭାବେ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇଥିଲା। ତେବେ ୨୦୧୮ମସିହା ଠାରୁ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ଉପରେ କଟକଣା ଲଗାଇଥିଲେ । ଦୀର୍ଘ ୮ବର୍ଷ ପରେ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଅଣ୍ଟା ଭିଡିଛନ୍ତି । ଏହାକୁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସରଗରମ ରହିଛି । ମାତ୍ର ଜିଏମ୍‌ୟୁରେ ପରୋକ୍ଷ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖା ଦେଇଛି ।

# ୧୨ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ, ଜୀବନଯାତ୍ରା ପ୍ରଭାବିତ



ସମ୍ବଲପୁର, (ସବ୍ୟୁ): କେନ୍ଦ୍ରର ଏମଏମଡିଆର ଆଇନ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଓ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ପ୍ରଭୃତି ଦାବିରେ ୧୨ଘଣ୍ଟିଆ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି । ଜାତୀୟ କଂଗ୍ରେସ ଓ ସହଯୋଗୀ ଦଳ ଇଣ୍ଡିଆ ମେଣ୍ଟ ପକ୍ଷରୁ ବନ୍ଦ ପାଳନ ଯୋଗୁଁ ସାଧାରଣ ଜୀବନ ଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା। ସମ୍ବଲପୁର ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି । ବିଭିନ୍ନ ରାଜନୈତିକ ଦଳର କର୍ମୀ ମାନେ ବାଇକ ରାଲି ସହ ସ୍ଥାନେ ସ୍ଥାନେ ପିକେଟିଂ ଓ ରାସ୍ତାରୋକ କରିଥିଲେ । ଫଳରେ ସମସ୍ତ ଦୋକାନ, ବଡ଼ ବଡ଼ ସୋ ରୁମ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ପେଟ୍ରୋଲ ପମ୍ପ, ସରକାରୀ ଓ ବେସରକାରୀ ବସ ଚଳାଚଳ ବନ୍ଦ ରହିଥିଲା । ସେହିପରି ସରକାରୀ ଓ ଘରୋଇ ବୀମା, ବ୍ୟାଙ୍କ ସହ ଆର୍ଥିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ , ଶିକ୍ଷାନୁଷ୍ଠାନ, କୋର୍ଟ ଓ କଚେରୀ ମଧ୍ୟ ପ୍ରଭାବିତ ହୋଇଥିଲା। ସମସ୍ତ ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ସମ୍ବଲପୁର ସହରର ଅଇଁଠାପାଲି, ଧନୁପାଲି, ସିନ୍ଦୁରପଙ୍କ, ଚୌଧୁରୀ ଛକ, ରେମେଡ଼ ଛକ ଆଦି ସମସ୍ତ ପ୍ରବେଶ ପଥକୁ ସଂଯୋଗ କରୁଥିବା ବିଭିନ୍ନ ଜାତୀୟ ରାଜପଥ ଉପରେ ଭାରୀଯାନ ଗୁଡ଼ିକ ଛିଡ଼ା ହୋଇ ରହିଥିଲା । ଫଳରେ ଜାତୀୟ ରାଜପଥ ଜାମ୍‌ର ଭ୍ରମ ସୃଷ୍ଟି କରିଥିଲା । ଅଇଁଠାପାଲି ବସ ଟର୍ମିନାଲରେ ଉଭୟ ବେସରକାରୀ ଓ ଆମ ବସ ଗୁଡ଼ିକ ଅଟକି ରହିଥିଲା । ଅନ୍ୟପଟେ ସୁରକ୍ଷା ଓ ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ବିଭିନ୍ନ ଛକରେ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଇଂ. ଅମିତ କୁମାର ଗୁରୁ, ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର, ନିରଞ୍ଜନ ତ୍ରିପାଠୀ, ସୁଧୀର କୁମାର ପଣ୍ଡା, ଜିତେନ୍ଦ୍ର ପ୍ରଧାନ, ଦିନବନ୍ଧୁ ପରିଡା, ରାଜଲକ୍ଷ୍ମୀ ବେହେରା, ମୋହନ ସାହା, ଜୟରାମ ବନିଆ, ଅଭିରାମ ପଟେଲ, ଓକିଲ ଚୌଧୁରୀ ପ୍ରମୁଖ ସାମିଲ ଥିଲେ ।

# ଜୟପୁରରେ 'ଇଣ୍ଡିଆ ବ୍ଲକର' ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ



ଜୟପୁର,(ସବ୍ୟୁ) : ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ସମେତ ୩ ଦଫା ଦାବି ନେଇ କଂଗ୍ରେସ ଓ 'ଇଣ୍ଡିଆ ବ୍ଲକର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ଆହୂତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଅବସରରେ ଗୁରୁବାର ଜୟପୁରରେ ଆନ୍ଦୋଳନ ଜୋରଦାର ହୋଇଛି । ସକାଳୁ ଆନ୍ଦୋଳନକାରୀମାନେ ସହରର ବିଭିନ୍ନ ଛକ ଓ ମୁଖ୍ୟ ରାସ୍ତାରେ ପିକେଟିଂ କରି ଯାନବାହନ ଚଳାଚଳ ବନ୍ଦ କରିଥିଲେ । ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ 'ଗଣତନ୍ତ୍ର ବଞ୍ଚାଅ ସପ୍ତାହ' ପାଳନ କରାଯାଉଛି । 'ଭୋଟ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ନାରା ଦେଇ ଆହୂତ ବନ୍ଦକୁ କଂଗ୍ରେସ ସମର୍ଥନ କରିଛି । ସେହିପରି 'ଇଣ୍ଡିଆ' ମେଣ୍ଟର ଆହ୍ୱାନ କ୍ରମେ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ମଧ୍ୟ ଜୟପୁରରେ ପ୍ରତିବାଦ କରାଯାଇଛି । ଆନ୍ଦୋଳନକାରୀମାନେ ଏମଏମଡ଼ିଆର୍ ସଂଶୋଧନ ଆଇନ-୨୦୨୬ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ଦାବି କରିଛନ୍ତି । ଏଥିସହ ୟୁପିଆଇ ଡିଜିଟାଲ ପେମେଣ୍ଟ ଉପରେ ଲାଗୁ ହେଉଥିବା କଥିତ ଅଦୃଶ୍ୟ କର ପ୍ରତ୍ୟାହାର, ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସୁଧାର ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଉଠିଛି । ସାମ୍ପ୍ରତିକ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଆବଶ୍ୟକୀୟ ସହାୟତା ସହ ଉପଯୁକ୍ତ କ୍ଷତିପୂରଣ ଦେବାକୁ ମଧ୍ୟ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ରାଜ୍ୟର ଅଧିକାର, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି କଂଗ୍ରେସ ଓ 'ଇଣ୍ଡିଆ ବ୍ଲକ ନେତୃବୃନ୍ଦ କହିଛନ୍ତି । ବିଧାୟକ ତାରା ପ୍ରସାଦ ବାହିନୀପତି ବାଇକ୍‌ରେ ଜୟପୁର ସହର ବୁଲି ବନ୍ଦ କରିବାକୁ ନିବେଦନ କରୁଥିବା ବେଳେ ଅନ୍ୟ କଂଗ୍ରେସ କର୍ମୀ ମାନେ ଦଳୀୟ ପତକା ଧରି ବିଭିନ୍ନ ଅଫିସ ଗୁଡିକ ବନ୍ଦ କରିଥିଲେ ।

# ଇଣ୍ଡିଆ ବ୍ଲକ ବନ୍ଦ ଡ଼ାକରାରେ ରାୟଗଡ଼ାରେ ଜନଜୀବନ ପ୍ରଭାବିତ

ରାୟଗଡ଼ା,(ସବ୍ୟୁ): ଚାରିଦଫା ଦାବି ନେଇ ଇଣ୍ଡିଆ ବ୍ଲକ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକର ପ୍ରଭାବ ରାୟଗଡ଼ା ଜିଲାରେ ବ୍ୟାପକ ଭାବେ ପରିଲକ୍ଷିତ ହୋଇଛି । ବନ୍ଦ ଯୋଗୁ ରାୟଗଡ଼ା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଦୋକାନବଜାର ବନ୍ଦ ରହିବା ସହ ଯାନବାହନ ଚଳାଚଳ ଠପ ହୋଇଯାଇଥିଲା । ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା । ରାୟଗଡ଼ା ସହରର କପିଳାସ ରୋଡ଼ରେ ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ଅପଲାସ୍ୱାମୀ କାଡ୍ରାକାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଧାରଣା ଦେଇଥିଲେ । ସେହିପରି ଶିରିକଣା ଛକ ଓ ସାଇ ଇଣ୍ଟରନ୍ୟାଶନାଲ ଛକରେ ମଧ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଆନ୍ଦୋଳନକାରୀମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦକୁ ସମର୍ଥନ କରିବାକୁ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଏମଏମଡ଼ିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫା, ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିବା ଆନ୍ଦୋଳନକାରୀମାନେ କହିଛନ୍ତି ।



ଗଣତନ୍ତ୍ରର ସୁରକ୍ଷା ଓ ମୁଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନକୁ ଆହୁରି ଜୋରଦାର କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ବନ୍ଦର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଛନ୍ତି । ଜିଲାର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ସହଯୋଗରେ ଦୋକାନବଜାର ବନ୍ଦ ରହିଥିଲା । ତେବେ ବନ୍ଦ ସମୟରେ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଥିଲା । ଆମ୍ବୁଲାନ୍ସ, ପୋଲିସ ଗାଡ଼ି, ମେଡିକାଲ ସେବା ଓ ପରୀକ୍ଷାର୍ଥୀଙ୍କ ଯାତାୟାତରେ କୌଣସି ବାଧା ଦିଆଯାଇନଥିଲା ।

ଅନ୍ୟପକ୍ଷରେ ବନ୍ଦ ଯୋଗୁ ଦୈନିକ ମଜୁରିଆ, ଯାତ୍ରୀ ଓ ସାଧାରଣ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଆନ୍ଦୋଳନରେ ରାୟଗଡ଼ା ବିଧାୟକ ଅପଲାସ୍ୱାମୀ କାଡ୍ରାକା, ଏଆଇସିସିଟ୍ୟୁ ଜିଲା ସଭାପତି ଭବାନୀ ଶଙ୍କର ଜେନା, ସିପିଆଇ(ଏମଏଲ) ନେତା ବୃନ୍ଦାବନ ବିଡ଼ିକାଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ସକ୍ରିୟ ଭାବେ ସାମିଲ ହୋଇଥିଲେ । ଗୁଣପୁର ନିର୍ବାଚନମଣ୍ଡଳୀରେ ମଧ୍ୟ ବନ୍ଦର ପ୍ରଭାବ ପଡ଼ିଥିଲା। ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ସିପିଆଇ(ଏମଏଲ) ନେତା ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ସେହିପରି ବିଷମକଟକରେ କଂଗ୍ରେସ ବିଧାୟକ ନୀଳମାଧବ ହିକକାଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିବା ଜଣାପଡ଼ିଛି । ଇଣ୍ଡିଆ ବ୍ଲକର ନେତାମାନେ ନିଜ ଦାବି ଓ ଅଧିକାର ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ କହିଛନ୍ତି ।

# ଦାଦପୁରରେ ଏକ ପେଡ୍ ମାଆ କେ ନାମ୍ କାର୍ଯ୍ୟକ୍ରମ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ପି ଏମ ଶ୍ରୀ ଦଧିବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଦିନ ପ୍ରଧାନ ଶିକ୍ଷକ ରବି ପ୍ରସାଦ କାନୁନଗୋ ମହୋଦୟଙ୍କ ସକ୍ରିୟ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତା ନେଇ ଏକ ସତନ୍ତ୍ର କାର୍ଯ୍ୟକ୍ରମ 'ଏକ ପେଡ ମାଆ କେ ନାମ' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଗ୍ରାମର କିଛି ମାଆମାନେ ଉତ୍ସାହର ସହିତ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ପ୍ରତ୍ୟେକ ଗଛକୁ ମାଆଙ୍କ ପ୍ରତି ସ୍ନେହ, ସମ୍ମାନ ଓ ପ୍ରକୃତି ପ୍ରତି ଦାୟିତ୍ୱର ପ୍ରତୀକ ଭାବେ ଗ୍ରହଣ କରି ଏହାର ଯତ୍ନ ନେବାକୁ ଛାତ୍ରଛାତ୍ରୀମାନେ ସଙ୍କଳ୍ପ ନେଇଥିଲେ । ପରିବେଶ ସନ୍ତୁଳନ ରକ୍ଷା, ବୃକ୍ଷର ମହତ୍ତ୍ୱ, ଜଳ ସଂରକ୍ଷଣ ଓ ସ୍ୱଚ୍ଛତା ତଥା ସବୁଜ ପରିବେଶ ଗଠନ ସମ୍ପର୍କରେ ଶିକ୍ଷକ ବଳରାମ ସାହୁ ଛାତ୍ରଛାତ୍ରୀଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ମାନନୀୟ ଶ୍ରୀ କାନୁନଗୋ ମହୋଦୟ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ଆକର୍ଷଣୀୟ କରିବା ସହିତ ଆଗାମୀ ଦିନରେ ଅଧିକ ବୃକ୍ଷରୋପଣ ଓ ସେଗୁଡିକର ସୁରକ୍ଷା ପାଇଁ ଦାୟିତ୍ୱବୋଧ ପ୍ରକାଶ କରିବାକୁ ସମସ୍ତଙ୍କୁ ପ୍ରୋତ୍ସାହିତ କରି ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ।

# କଳାହାଣ୍ଡି ଜିଲ୍ଲାରେ ବନ୍ଦର ପ୍ରଭାବ, ଜୀବନଯାତ୍ରା ପ୍ରଭାବିତ








ଭବାନୀପାଟଣା/ନର୍ଲା/ମ. ରାମପୁର/କଲମପୁର/ଜୟପାଟଣା/କୋକସରା (ସବ୍ୟୁ) : ଇଣ୍ଡିଆ ବ୍ଲକ ପକ୍ଷରୁ ୪ଦଫା ଦାବିରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ୮ ତାରିଖ ଗୁରୁବାର କଳାହାଣ୍ଡି ଜିଲ୍ଲାର ମଧ୍ୟ ବିଭିନ୍ନ ବ୍ଲକ ସମେତ ସହରାଞ୍ଚଳ ଗୁଡିକରେ ପ୍ରଭାବିତ ହୋଇଥିବା ଦେଖାଦେଇଥିଲା। ବିଶେଷକରି ଯାନବାହାନ ଚଳାଚଳ, ଯାତ୍ରୀବାହି ବସ ଚଳାଚଳ, ଦୋକାନ, ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଓ ସରକାର କାର୍ଯ୍ୟାଳୟ ଗୁଡିକୁ ଇଣ୍ଡିଆ ବ୍ଲକର କମ୍ୟୁନିଷ୍ଟ ଦଳ, ସମାଜବାଦୀ ପାର୍ଟି, ସି.ପି.ଆଇ.ଏମ. ସମେତ ଅନ୍ୟାନ୍ୟ ଦଳ ଗୁଡିକର କର୍ମୀମାନେ ପିକେଟିଂ କରିବା ଫଳରେ ବନ୍ଦ କରାଯାଇଥିଲା। ଇଣ୍ଡିଆ ବ୍ଲକର କର୍ମକର୍ତ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ବେଆଇନ ନିଷ୍ପତ୍ତି, ପ୍ରାଥମିକ ପାଠ୍ୟ ପୁସ୍ତକ ଗୁଡିକରେ ଶହ ଶହ ସଂଖ୍ୟାରେ ଶବ୍ଦ ଗୁଡିକ ଭୁଲ ମୁଦ୍ରଣ ସକାଶେ ମନ୍ତ୍ରୀ ନିତ୍ୟାନନ୍ଦଙ୍କ ଇସ୍ତଫା ଦାବି, ଭୋଟ ବଞ୍ଚାଓ ଏବଂ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଓ ଏମଏମଡ଼ିଆର ସଂଶୋଧନ ଆଇନ ରଦ୍ଦ (ମାଇନିଂ ଲିଜ ନୀୟମ ରଦ୍ଦ) କରିବା ଆଦି ଦାବିରେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜୀ କରିଥିଲେ । ବନ୍ଦ ସମୟରେ ଭବାନୀପାଟଣା ସହରର ଚାରି ଦିଗର ମୁଖ୍ୟ ରାସ୍ତା କଲେଜ ଛକ, ନକଟିଗୁଡା ଛକ, ଘୋଡାଘାଟ ଛକ, ହସ୍ପିଟାଲ ଛକ, ଅର୍କାବାହାଲିପଡା ଛକ ଗୁଡିକରେ ରାସ୍ତା ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା।

ସେହିପରି ନର୍ଲାରେ ସଫଳ ହୋଇଛି ଇଣ୍ଡିଆ ବ୍ଲକର ୧୨ ଘଣ୍ଟିଆ ଓଡିଶା ବନ୍ଦ ପାଳନ । କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ନୀରଜ ଶର୍ମା, ନର୍ଲା ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ତଥା ନର୍ଲା ଏନଏସି ଇନଚାର୍ଜ କୁମୁଦ ଚନ୍ଦ୍ର ନାଏକ, ସିପିଆଇଏମର ଜିଲ୍ଲା କମିଟି ସଦସ୍ୟ ନରସିଂହ ଥପାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକର କର୍ମୀ ମାନେ ନର୍ଲା, ବାଲିପଡା, ଶେରଗଡ, ଛତିକୁଡ଼ା, ରୁପ୍ରାରୋଡ ପ୍ରଭୃତି ସ୍ଥାନକୁ ଯାଇ ଦୋକାନ ବଜାର, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ, ତହସିଲ ଅଫିସ, ବ୍ଲକ ଅଫିସ ପ୍ରଭୃତି ବନ୍ଦ କରିଥିଲେ। କର୍ମୀମାନେ କେନ୍ଦ୍ର ସରକାରଙ୍କ ଏମଏମଡିଆର ସଂଶୋଧନ ବିଲକୁ ବିରୋଧ କରିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରି ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ। ବନ୍ଦ ପାଳନରେ ଇଣ୍ଡିଆ ବ୍ଲକର ସଦସ୍ୟ କଂଗ୍ରେସର ଯୁବ ନେତା କମଲ ତାଣ୍ଡି, ପିଣ୍ଟୁ ନାଗ, ଗଣପତି ପରଭୋଇ, ଅଲେଖ ସେନାପତି, ବରିଷ୍ଠ ସଦସ୍ୟ ରିଚେକର ଦୀପ, ନର୍ଲା ଅଟୋ ଚାଳକ ସଂଘର ସଭାପତି ନବଘନ ଭୋଇ, ସମ୍ପାଦକ ଶଙ୍କର ସାହୁ, ସିପିଆଇଏମର ନର୍ଲା ସମ୍ପାଦକ ନବ କିଶୋର ସାହୁ, ଜିଲ୍ଲା କମିଟି ସଦସ୍ୟ ଦେବରାଜ ମାଝୀ, ଯୋଗେଶ୍ୱର ସାହୁ, ସୁଜ୍ଞାନି ବାଗ, ଦୁର୍ଯ୍ୟୋଧନ ସା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସକ୍ରିୟ ଅଂଶ ଗ୍ରହଣ କରି ଗାଡି ମୋଟର ଅଟକାଇବାରେ ସହଯୋଗ କରିଥିଲେ ।

କୋକସରା ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର କଂଗ୍ରେସ ଓ ସମର୍ଥକ ଇଣ୍ଡିଆ ବ୍ଲକ ପକ୍ଷରୁ ବନ୍ଦ ଡାକରା ଦିଆ ଯାଇଥିଲା।। କୋକସରା ବ୍ଲକ କଂଗ୍ରେସ ପକ୍ଷରୁ କୋକସରା ବ୍ଲକ କଂଗ୍ରେସ ଦଳ ସଭାପତି ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ କୋକସରା ଜାତୀୟ ରାଜପଥ ୨୬ ଥାନା ସମ୍ମୁଖରେ ଜାତୀୟ ରାଜପଥ ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସକାଳ ୬ ଘଣ୍ଟାରୁ ଅପରାହ୍ନ ୪ ଘଣ୍ଟା ଦୀର୍ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ ଯୋଗୁଁ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ ଠପ ହୋଇଥିଲା।। ରାସ୍ତାରେ ଅନେକ ଦୂରଗାମୀ ଯାତ୍ରୀବାହୀ ବସ ସମେତ ଶତାଧିକ ଟ୍ରକ ଓ ଭାରିଯାନ ଅଟକି ରହିଥିଲା।। କଂଗ୍ରେସ କର୍ମକର୍ତ୍ତାଙ୍କ ପକ୍ଷରୁ ପିକେଟିଂ କରି ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଦୋକାନ ବଜାରକୁ ବନ୍ଦ କରାଯାଇଥିଲା। ଏହି ଆନ୍ଦୋଳନରେ ବ୍ଲକ କଂଗ୍ରେସର ଉପ ସଭାପତି ଟିକିଚନ୍ଦ୍ର ଧଙ୍ଗଡା ମାଝୀ, ପୂର୍ବତନ ସଭାପତି ଘନଶ୍ୟାମ ଜାଲ, ନିମାଇଁ ଚରଣ ଧଙ୍ଗଡା ମାଝୀ, ଅରୁଣ ମାଝୀ, ବ୍ଲକ ସଭାନେତ୍ରୀ ଫୁଲତୋଳା ଖମାରି, ଗୀତାଞ୍ଜଳି ଗୋପାଳ, ସବିତା ଗୋପାଳ ସମେତ ଶତାଧିକ କଂଗ୍ରେସର ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସଫଳ ବନ୍ଦ ପାଳନରେ ସହଯୋଗ କରିଥିଲେ ।

କଲମପୁର ବ୍ଲକ କଂଗ୍ରେସ ଓ ଇଣ୍ଡିଆ ବ୍ଲକ ପକ୍ଷରୁ ଏମଏମଡିଆର ସଂଶୋଧନ ବିଲର ପ୍ରତିବାଦରେ ରାଜ୍ୟ କଂଗ୍ରେସର ଓଡିଶା ବନ୍ଦ ଡାକରା କଲମପୁରରେ ମଧ୍ୟ ତାର ପ୍ରଭାବ ଦେଖିବାକୁ ମିଳିଛି । ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିପିନ ପ୍ରଧାନୀ, ବ୍ଲକ ସଭାପତି ତରଣି ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ଶ୍ୟାମ ନାଗ, ଡମ୍ବରୁଧର ଦୁର୍ଗା ସମେତ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ସ୍ତରରୁ କଂଗ୍ରେସ କର୍ମୀ ମାନେ ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ କରିବା ସହ ବନ୍ଦ ପାଳନ କୁ ସଫଳ କରିଥିଲେ ।

ମ.ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ ଇଣ୍ଡିଆ ବ୍ଲକର ବନ୍ଦ ଡାକରାରେ ସାମିଲ ହୋଇ କଂଗ୍ରେସ ଓ ସିପିଆଇଏମ ଦଳ ୧୨ ଘଣ୍ଟିଆ ଓଡିଶା ବନ୍ଦ ପାଳନ କରିଛନ୍ତି । ସକାଳ ୬ ଘଣ୍ଟାରୁ ନିଜ ନିଜ ଦଳୀୟ ପତାକା ଧରି କର୍ମି ଓ କର୍ମକର୍ତ୍ତା ମାନେ ଜାତୀୟ ରାଜପଥ ୫୯ ଏବଂ ରାଜ୍ୟ ରାଜ ପଥକୁ ଅବରୋଧ କରି ରଖିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶରେ ଯାତ୍ରୀବାହି ବସ ମାଲବାହି ଟ୍ରକ ଅଟକି ରହିଥିଲା । ଫଳରେ ଯାତାୟାତ ସମ୍ପୂର୍ଣ ଠପ ହୋଇଥିଲା । ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ କୋର୍ଟ ସମେତ ବ୍ୟାଙ୍କ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଦୋକାନ, ବଜାର ସମ୍ପୂର୍ଣ ବନ୍ଦ ରହିଥିଲା । ଏହି ଆନ୍ଦୋଳନ ରେ କଂଗ୍ରେସ ର ବ୍ଲକ ସଭାପତି ରୁଦ୍ରପ୍ରତାପ ସିଂ, ବରିଷ୍ଠ ନେତା ଚମରା ବଗର୍ତି, ପ୍ରକାଶ ମାଝୀ,ନାରାୟଣ ପ୍ରସାଦ ଅଗ୍ରୱାଲ, ଚିତ୍ତରଞ୍ଜନ ବାଗ, ଯଶୋଦା ନାଗ, ଦୁଷ୍ମନ୍ତ ରଣା ଓ ସିପିଆଇଏମ ଦଳର ରାଜ୍ୟ କମିଟି ସଦସ୍ୟ ବିଶ୍ୱଜିତ ଚଟର୍ଜି, ଜିଲ୍ଲା ସମ୍ପାଦକ ସତ୍ୟଜିତ ଚଟର୍ଜି, ଗଙ୍ଗାଧର ପ୍ରହରାଜ ପ୍ରମୁଖଙ୍କ ସମେତ ଉଭୟ ଦଳର କର୍ମୀ ସାମିଲ ଥିଲେ ।

# କନ୍ଧମାଳରେ ଇଣ୍ଡିଆ ବ୍ଲକ ପକ୍ଷରୁ ଘଣ୍ଟିଆ ବନ୍ଦ ସଫଳ

କନ୍ଧମାଳ, (ସବ୍ୟୁ) : ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ଓ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟିର ସମର୍ଥନ କ୍ରମେ ଗୁରୁବାର କନ୍ଧମାଳ ବ୍ଲକ ଅଞ୍ଚଳରେ ବନ୍ଦକୁ ସମ୍ପୂର୍ଣ୍ଣ ସଫଳତା ମିଳିଛି । କନ୍ଧମାଳ ବରିଷ୍ଠ କଂଗ୍ରେସ ନେତା ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ସକାଳ ୬ଘଣ୍ଟା ଠାରୁ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । କନ୍ଧମାଳ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ପିକେଟିଂ କରି କନ୍ଧମାଳ ରେ ଯାନବାହାନ ଚଳାଚଳ ସହ ସ୍କୁଲ, କଲେଜ, ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କୋର୍ଟ, ପେଟ୍ରୋଲ ପମ୍ପ ଆଦି ବନ୍ଦ କରିଥିଲେ । ବନ୍ଦ ଯୋଗୁଁ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ଏମ ଏମ ଡି ଆର ସଂଶୋଧିତ ଅଧିନିୟମ ରଦ୍ଦ କରିବା, ସିଇ ସି ଜ୍ଞାନେଶ କୁମାର ଙ୍କ ବହିଷ୍କାର ଓ ଗିରଫଦାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଏବଂ ବନ୍ୟା ବିପନ୍ନଙ୍କ ପ୍ରତି ସରକାରୀ ଉଦାସୀନତା ଆଦି ପ୍ରମୁଖ ମୁଦ୍ଦାକୁ ନେଇ ସକାଳେ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ମାନଙ୍କ ପକ୍ଷରୁ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେତେକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଚାଲିଥିବା ପରୀକ୍ଷା ବନ୍ଦ ଯୋଗୁଁ ବାତିଲ ହୋଇଥିଲା । କନ୍ଧମାଳ ବ୍ଲକର ଖୁଣ୍ଟିଗୋରା, ଅମ୍ବଗାଁ, କନ୍ଧମାଳ, ପଲସାଗୋରା, ଖଟଖଟିଆ, ମନମୁଣ୍ଡା ଆଦି ସ୍ଥାନରେ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଘଣ୍ଟାପଡା ରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା । ଏହି ବନ୍ଦ ପାଳନରେ ସୁଶାନ୍ତ କୁମାର ମଲ୍ଲିକ, ସରୋଜ ସାହୁ, ନିତ୍ୟାନନ୍ଦ କର୍ମୀ, ସୁକ ମଙ୍ଗରାଜ, ମୁକେଶ ଖଟୁଆ, ଗୋବର୍ଦ୍ଧନ ରଣା, ହୃଦାନନ୍ଦ କହଁର, ଗୋପ ରଣା, ଉଗ୍ରେସନ ପଟ୍ଟନାୟକ, ନିବାସ ବାରିକ, ମକୁନ୍ଦ ନାୟକ ଓ କେଶବ ଖେତିଙ୍କ ସମେତ କନ୍ଧମାଳ ବ୍ଲକ ଅଞ୍ଚଳର ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଭୟାବାହ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦେଇଛନ୍ତି ।

# ସୁବର୍ଣ୍ଣପୁରରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ

ସୋନପୁର,(ସବ୍ୟୁ): ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ପାଳନ ଅବସରରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁବର୍ଣ୍ଣପୁରରେ ବନ୍ଦ ଡାକରା ଦିଆଯାଇଥିଲା ।ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ଓ ବିଭିନ୍ନ ଗଣସଂଗଠନ ଏହାକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଫଳରେ ସକାଳୁ ସନ୍ଧ୍ୟା ଯାଏଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବା ସହ ଯାତାୟାତ ଏବଂ ବ୍ୟବସାୟ ବାଣିଜ୍ୟ ସମ୍ପୂର୍ଣ୍ଣ ଠପ ହୋଇଥିଲା । ଗାଡିମୋଟର ବନ୍ଦ ରହିଥିବା ବେଳେ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ବନ୍ଦ ପାଳନ ସମୟରେ ୫୭ ନମ୍ବର ଜାତୀୟ ରାଜପଥରୁ ଗଳିକନ୍ଦି ଯାଏଁ ଯାନବାହନ ଚଳାଚଳ ବନ୍ଦ ରହିଛି । ସୁବର୍ଣ୍ଣପୁର ଜିଲ୍ଲାର ସହର ତଥା ଗ୍ରାମାଞ୍ଚଳର ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ, ସ୍କୁଲ ଓ କଲେଜ ବନ୍ଦ ରହିଥିଲା । ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକୀୟ ସେବାକୁ ବନ୍ଦ ଡାକରାରୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି । ଏହି ବନ୍ଦକୁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ କରୁଥିବାରୁ ସୁବର୍ଣ୍ଣପୁର ଜିଲ୍ଲାର ପ୍ରମୁଖ ସହର ଯଥା ସୋନପୁର, ବିନିକା,ବୀରମହାରାଜପୁର,ତରଭା, ରାମପୁର ଓ ଉଲୁଣ୍ଡାରେ ଏହାର ବିଶେଷ ଭାବେ ପ୍ରଭାବ ପଡିଛି । ଜିଲ୍ଲାର ଜାତୀୟ ଓ ରାଜ୍ୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ । ରାସ୍ତା ରେ କାଁ ଭାଁ ଗାଡିମୋଟର ଦେଖିବାକୁ ମିଳିଛି । ଦୂରଦୂରାନ୍ତରରୁ କାମଧନ୍ଦା ପାଇଁ ସହରକୁ ଆସୁଥିବା ଖଟିଖିଆ ଲୋକ ଓ ସାଧାରଣ ଯାତ୍ରୀ ଯେପରି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଜିଲ୍ଲାର ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ବୋରିଗୁମ୍ମା କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସରକାରୀ ଏମଇ ସ୍କୁଲ ପରିସରରେ ଚଳିତ ବର୍ଷର ଶିଶୁ ମହୋତ୍ସବ ସୁରଭି-୨୬ ଅନୁଷ୍ଠିତ ହୋଇଯାଇଛି । ବୋରିଗୁମ୍ମା କ୍ଲଷ୍ଟରର ସିଆରସିସି ଆଶିଷ କୁମାର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଶିଶୁ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ, ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ମହେନ୍ଦ୍ର ତ୍ରିପାଠୀ, ଗୌରୀ ଶଙ୍କର ସାମନ୍ତରା ଉପସ୍ଥିତ ରହି ଉଦଘାଟନ କରିଥିଲେ । କନିଷ୍ଠ ଓ ବରିଷ୍ଠ ବର୍ଗରେ ୨୧ ପ୍ରକାର ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଉଦଯାପିନୀ ଉତ୍ସବରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ସବିତା ମହାପାତ୍ର, ମହେନ୍ଦ୍ର ତ୍ରିପାଠୀ, ସୁମନ୍ତ ଶତପଥି, ପୂର୍ଣ୍ଣବାସୀ ମିଶ୍ର, ଗୌରୀ ମହାନ୍ତି, ଭାରତୀ ମହାପାତ୍ର, ଭାରତୀ ପ୍ରଧାନ, ବାସନ୍ତୀ ଦାଶ, ପ୍ରଣତି ପଣ୍ଡା, ସୁଭଦର୍ଶନୀ, ଭି ରମେଶ, ପିଙ୍କି ମଣ୍ଡଳ, ନବ ବନ୍ଦିତା ପାଢ଼ୀ, ମିନତୀରାଣୀ ତ୍ରିପାଠୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ୧୫ ଗୋଟି ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭଦର୍ଶନୀ ପଣ୍ଡା,ସସ୍ମିତା ରଥ, ନିରଞ୍ଜନ ସ୍ୱାଇଁ, ସସ୍ମିତା ପଟ୍ଟନାୟକ, ଅର୍ଚ୍ଚନା ଭଞ୍ଜ,ଏଲୋରା ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପାନପୋଷ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

# ରାତି ଅଧରେ ଜଳିଗଲା ୫ ଦୋକାନ

ରାଉରକେଲା,(ସବ୍ୟୁ) : ରାତି ଅଧରେ ପାନପୋଷ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ । ହଠାତ୍ ଲାଗିଥିବା ନିଆଁରେ ୫ଟି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ଦୋକାନ ଭିତରେ ଥିବା ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ବ୍ୟବସାୟୀମାନେ ବଡ଼ ଧରଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ । ଏହି ଅଗ୍ନିକାଣ୍ଡରେ ଅନନ୍ତ କିଶୋର ସାହୁଙ୍କ ଜଳଖିଆ ଦୋକାନ, ହିତ କୁମାର ସାହଙ୍କ ଫଳ ଦୋକାନ, ମଧୁସୂଦନ ସାହଙ୍କ ଫଳ ଦୋକାନ, ଏମଡ଼ି ରିୟାଜ ଅହମଦଙ୍କ ଫଳ ଦୋକାନ ଏବଂ ଏମଡ଼ି ନବାବଙ୍କ କପଡ଼ା ଦୋକାନ ଜଳି ପୋଡ଼ି ନଷ୍ଟ ହୋଇଯାଇଛି ।

ସୂଚନା ଅନୁସାରେ, ରାତିରେ ମାର୍କେଟରୁ ହଠାତ୍ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଲାଠିକଟା ଅଗ୍ନିଶମ ବିଭାଗର ଗାଡ଼ି ପ୍ରାୟ ୧୫ କିଲୋମିଟର ଦୂରରୁ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ଅପରେସନ ଚଳାଇ ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିଶମ ବାହିନୀର ତତ୍ପରତା ଯୋଗୁଁ ନିଆଁ ନିକଟସ୍ଥ ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପିବାରୁ ରୋକାଯାଇପାରିଥିଲା। ଫଳରେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇଥିଲା । ତେବେ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ୫ଟି ଦୋକାନର ବହୁ ସାମଗ୍ରୀ ନିଆଁରେ ପୋଡ଼ି ଯାଇଥିଲା। ଅନ୍ୟପକ୍ଷରେ, ନିଆଁ କିପରି ଲାଗିଲା ସେନେଇ ଏବେବି ସ୍ପଷ୍ଟତା ଆସିନାହିଁ। ବିଦ୍ୟୁତ୍ ସର୍ଟସର୍କିଟ ନା ଅନ୍ୟ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ପୁଲିସ ପକ୍ଷରୁ ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି ।



ପାନପୋଷ ମାର୍କେଟରେ ଅଗ୍ନିକାଣ୍ଡ ଏହା ପ୍ରଥମ ଘଟଣା ନୁହେଁ । ପ୍ରାୟ ୧୫ ଦିନ ପୂର୍ବେ ମଧ୍ୟ ପୁରୁଣା ପାନପୋଷ ମାର୍କେଟରେ ହଠାତ୍ ନିଆଁ ଲାଗି ୨ରୁ ୩ଟି ଦୋକାନ ଜଳିପୋଡ଼ି କ୍ଷତିଗ୍ରସ୍ତ ହୋଇଥିଲା । ପୁଣି ଅଳ୍ପଦିନର ବ୍ୟବଧାନରେ ୫ଟି ଦୋକାନ ଜଳିଯିବା ଘଟଣା ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଛି। ବାରମ୍ବାର ଅଗ୍ନିକାଣ୍ଡକୁ ନେଇ ମାର୍କେଟର ବିଦ୍ୟୁତ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ଏବଂ ଆପାତକାଳୀନ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ମାର୍କେଟରେ ନିୟମିତ ବିଦ୍ୟୁତ ସଂଯୋଗ ଯାଞ୍ଚ ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି । ଏହି ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ୫ ଜଣ ବ୍ୟବସାୟୀଙ୍କ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବା ସହ ଅଗ୍ନିକାଣ୍ଡର ପ୍ରକୃତ କାରଣର ତଦନ୍ତ କରିବାକୁ ଦାବି ହୋଇଛି ।

## ଅମ୍ବାଭୋନାରେ ଓଡ଼ିଶା ବନ୍ଦ ସଫଳ

# ଶାନ୍ତିପୂର୍ଣ୍ଣ ଭାବେ ପିକେଟିଂ, ରାସ୍ତାଘାଟ ଶୂନଶାନ

ଅମ୍ବାଭୋନା, (ସବ୍ୟୁ) : ବିଭିନ୍ନ ଦାବି ନେଇ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳ ଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକର ପ୍ରଭାବ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ ଦେଖିବାକୁ ମିଳିଥିଲା । ବ୍ଲକ କଂଗ୍ରେସ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ ସମେତ ସହଯୋଗୀ ଦଳର କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦକୁ ସଫଳ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଓ ଯୋଜନାକୁ ନେଇ ପ୍ରତିବାଦ ସହ ଏମଏମଡ଼ିଆର୍ ଆଇନ ରଦ୍ଦ, ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଓ ଗିରଫ, ଏସଆଇଆର୍ ପ୍ରତ୍ୟାହାର, ଇଭିଏମ ବ୍ୟବସ୍ଥା ବନ୍ଦ କରି ବାଲଟ ପେପର ମାଧ୍ୟମରେ ନିର୍ବାଚନ କରାଇବା, ଉଚ୍ଚଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ରାଜ୍ୟରେ ସମ୍ପ୍ରତି ଘଟିଥିବା ବନ୍ୟା ବିପର୍ଯ୍ୟୟରେ ସରକାରଙ୍କ ଉଦାସୀନତା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିଲା। ଅମ୍ବାଭୋନା ବ୍ଲକରେ ବନ୍ଦକୁ ଜନସାଧାରଣଙ୍କ ପକ୍ଷରୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି । ବନ୍ଦ ସମୟରେ ବ୍ଲକ କଂଗ୍ରେସ ସମ୍ପାଦକ ଇମାନୁଏଲ ଦତ୍ତ ରଣବୀର, ବରିଷ୍ଠ ନେତା ନିରଞ୍ଜନ ପଟେଲ, ସୁଧୀର ପ୍ରଧାନ, ବିପିନ ଭୋଇ, ସନ୍ତୋଷ ଭୋଇଙ୍କ ସମେତ ସହଯୋଗୀ କମ୍ୟୁନିଷ୍ଟ ପାର୍ଟିର ପାଣ୍ଡବ ଦୁଆନ, ନେହେରୁ ଦେହେରୀ, ସ୍ୱାଧୀନ ତନସନା ପ୍ରମୁଖ ଉପସ୍ଥିତ ରହି ପିକେଟିଂ କରିଥିଲେ।

# ଷ୍ଟେସନ ବସ୍ତି ଭଡାଘରେ ଚାଲିଛି ଅଙ୍ଗନବାଡି ପାଠପଢା

ସମ୍ବଲପୁର, (ସବ୍ୟୁ): ବାମରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଷ୍ଟେସନ ବସ୍ତି-୧ ଅଙ୍ଗନବାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଗତ ୩ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡି ରହିଛି । ଛାତ ପଡି ନଥିବାରୁ ଏକ ଭଡା ଘରେ କୁନିକୁନି ଶିଶୁମାନେ ପାଠ ପଢୁଛନ୍ତି । ସରକାରୀ ଯୋଜନାରେ ଅଙ୍ଗନବାଡିକୁ ଆଦର୍ଶ କେନ୍ଦ୍ର କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଠାରେ ବିନା ଆଙ୍ଗନରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି । ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଏନଆରଇଜିଏସ୍‌ରେ ପ୍ରାୟ ୮ ଲକ୍ଷ ଟଙ୍କା ବଯୟ ଅଟକଳରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ରୁଫଟପ୍ ଲେବଲ ପର୍ଯ୍ୟନ୍ତ କାମ ସରିବା ପରେ ହଠାତ୍ କାମ ବନ୍ଦ ହୋଇଯାଇଛି । ଏନେଇ ଗ୍ରାମବାସୀ ଓ ଅଭିଭାବକ ମାନେ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ତଥାପି ସମସ୍ୟାର ସମାଧାନ ନହେବାରୁ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ଜଣାଇ ଥିଲେ । ବାମରା ବିଡିଓଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରର ଅସମ୍ପୂର୍ଣ୍ଣ କାମ ଶୀଘ୍ର ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାସତ୍ତ୍ୱେ କାମ ଅସମ୍ପୂର୍ଣ୍ଣ ରହିଛି । ଏସମ୍ପର୍କରେ ବାମରା ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ସଙ୍କେତ ନାୟକଙ୍କୁ ପଚାରିବାରୁ ପ୍ରକଳ୍ପଟି ଏନଆରଇଜିଏସ୍‌ରେ ଚାଲିଥିଲା । ବର୍ତ୍ତମାନ ବାମରା ବିଜ୍ଞାପିତ ଅଞ୍ଚଳ ଅଧୀନକୁ ଚାଲି ଯାଇଥିବାରୁ ଏନଆରଇଜିଏସ୍‌ରେ ଆଉ କାମ ହୋଇପାରିବ ନାହିଁ । ଅନ୍ୟ ପାଣ୍ଠି ମିଳିଲେ କାମ ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ ।

# ଜମନକିରାରେ ‘ଓଡ଼ିଶା ବନ୍ଦ’ ସମ୍ପୂର୍ଣ୍ଣ ସଫଳ

ଜମନକିରା,(ସବ୍ୟୁ): ସାମ୍ବିଧାନିକ ଗଣତନ୍ତ୍ରର ସୁରକ୍ଷା ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ପ୍ରତିବାଦରେ ଜମନକିରା ବ୍ଲକ କଂଗ୍ରେସ ପକ୍ଷରୁ ଆହୂତ ଗୁରୁବାର ‘ଓଡ଼ିଶା ବନ୍ଦ’ ଡାକରାକୁ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ଅଭୂତପୂର୍ବ ସମର୍ଥନ ମିଳିଛି । ବ୍ଲକ କଂଗ୍ରେସ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଳୀୟ ନେତୃବୃନ୍ଦ ଓ ଶତାଧିକ କର୍ମୀ ରାଜରାସ୍ତାକୁ ଓହ୍ଲାଇ ଜୋରଦାର ପିକେଟିଂ କରିବା ସହ ଜମନକିରା ସ୍ଥିତ ବାଇପାସ ୫୩ ନମ୍ବର ଜାତୀୟ ରାଜପଥକୁ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ବନ୍ଦ ପ୍ରଭାବରେ ଜମନକିରା ବ୍ଲକ ପ୍ରଶାସନିକ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଶିକ୍ଷା ବିଭାଗ, କୃଷି ବିଭାଗ, ତହସିଲ ଅଫିସ, ବିଭିନ୍ନ ବ୍ୟାଙ୍କ, ଡାକଘର, ସ୍କୁଲ-କଲେଜ ସମେତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସ୍ଥାନୀୟ ବ୍ୟବସାୟୀ ସଂଘ ଓ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ସହଯୋଗ କରି ଦୋକାନ ବଜାର ବନ୍ଦ ରଖିଥିଲେ। ତେବେ ଜରୁରୀକାଳୀନ ସେବା, ଆମ୍ବୁଲାନ୍ସ ଓ ପରୀକ୍ଷାର୍ଥୀଙ୍କୁ ଏହି ବନ୍ଦରୁ ସମ୍ପୂର୍ଣ୍ଣ ମୁକ୍ତ ରଖାଯାଇଥିଲା।

ବିଶାଳ ଆନ୍ଦୋଳନ ଓ ପିକେଟିଂ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କେଦାରନାଥ ବରିହା, ବ୍ଲକ କଂଗ୍ରେସ ସଭାପତି ମନୋଜ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ କିଶୋର ନାଏକ, ପିସିସି ସଭ୍ୟ ସରୋଜ ପଟ୍ଟନାୟକ, ଜିଲ୍ଲା ଉପସଭାପତି ଅଶୋକ କୁମାର ଦାନୀ ଓ ମନୋରଞ୍ଜନ ଦାଶ, ବ୍ଲକ ଉପସଭାପତି ସଂଗ୍ରାମ ନାଥ ଶର୍ମା, ବ୍ଲକ ସମ୍ପାଦକ ପଦ୍ମନ ବିଶି, ବ୍ଲକ କୋଷାଧ୍ୟକ୍ଷ ଆଶିଷ ଶର୍ମା, ସମ୍ପାଦକ ବିମଳ କାନ୍ତ ମହାନ୍ତି, ସୁଦକ୍ଷ ଭୂୟାଁ, ପଞ୍ଚାୟତ ସଭାପତି ବବଲୁ ପଟେଲ, ଦଳୀୟ ସଭ୍ୟ ଚନ୍ଦ୍ରକାନ୍ତ ପ୍ରଧାନ ଓ ପ୍ରମୋଦ ପ୍ରଧାନଙ୍କ ସମେତ ବ୍ଲକ ଅଞ୍ଚଳର ବହୁ ବରିଷ୍ଠ ନେତା, ଯୁବ କର୍ମୀ ତଥା ସମର୍ଥକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହ ଏହାକୁ ସମ୍ପୂର୍ଣ୍ଣ ସଫଳ କରିଥିଲେ।

# ଗୋବିନ୍ଦପୁର ଥାନାରେ ଶାନ୍ତି କମିଟି ବୈଠକ

ସମ୍ବଲପୁର, (ସବ୍ୟୁ): ଆଗାମୀ ଦଶହରା ଓ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଗୋବିନ୍ଦପୁର ଥାନାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମାଳୟା ସାହୁ ଅଧକ୍ଷତା କରିଥିଲେ। ପାର୍ବଣ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଡିଜେ ନିଷେଧ ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାର୍ବଣ କାର୍ଯଯକ୍ରମ, ଶୋଭାଯାତ୍ରା ଓ ବିସର୍ଜନ ଆଦି ସମୟରେ ଡିଜେ ବଯବହାର କରାଯିବ ନାହିଁ। ଡିଜେ ବଯବହାର ଯୋଗୁଁ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବା ସହ ଶାନ୍ତିଶୃଙ୍ଖଳା ବଯାହତ ହେବାର ଆଶଙ୍କା ଥିବାରୁ ଏହା ଉପରେ କଡ଼ା ନଜର ରହିବ। ରାବଣ ପୋଡ଼ି ଓ ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ, ଆଲୋକ ବଯବସ୍ଥା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା, ସ୍ୱେଚ୍ଛାସେବୀ ମୁତୟନ, ସ୍ୱଚ୍ଛତା ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବଯାରିକେଡିଂ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଅଗ୍ନିଶମ ଅଧିକାରୀ ପାଉଲୁ ରଞ୍ଜନ ମିଞ୍ଜ, ସୌରଭ ପଟେଲ, ଡାକ୍ତର ପ୍ରଭୁପାଦ ମିଶ୍ର ଯୋଗଦେଇ ପାର୍ବଣ ସମୟରେ ନିଜ ନିଜ ବିଭାଗର ଦାୟିତ୍ୱ ଓ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଏଥିରେ ଏସ୍ଆଇ ମନୋଜ ବେହେରା ଓ କେଶବ ହାସଦା, ଏଏସଆଇ ସୋମନାଥ ବିଶ୍ୱାଳଙ୍କ ସମେତ ବିଭିନ୍ନ ଦୁର୍ଗାପୂଜା ଓ ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଏଏସ୍ଆଇ ସଂକଳ୍ପ ସାହୁ ଧନଯବାଦ ଅର୍ପଣ କରିଥିଲେ ।

# ଆମପାଣି ଜୋନସ୍ତରୀୟ ଡମ୍ବ ସମାଜର ନୂଆଁଖାଇ ଭେଟଘାଟ

କୋକସରା,(ସବ୍ୟୁ): କୋକସରା ବ୍ଲକ ଆମପାଣି ଯୋନର ୮ ପଞ୍ଚାୟତକୁ ନେଇ ଗଠିତ ଆମପାଣି ଯୋନ ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଡୁଡୁକାଠେଙ୍ଗା ଗ୍ରାମ ପଂଚାୟତ ଧାନମଣ୍ଡି ପରିସରରେ ଆଞ୍ଚଳିକ ଡମ୍ବ ସମାଜର କର୍ମକର୍ତ୍ତା ରଘୁନାଥ ଖମାରିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆମପାଣି ଆଞ୍ଚଳିକ ଡମ୍ବ ସମାଜର ଯୋନ ସ୍ତରୀୟ ସଭାପତି ବନମାଳୀ ବାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ବୈଚନ୍ଦ୍ର ବେଶ୍ରା ଯୋଗଦେଇ ନୂଆଁଖାଇ ଗଣପର୍ବ ଆମ ସମାଜ ମଧ୍ୟରେ ରହିଥିବା ଭାଇଚାରା ଓ ନିବିଡ଼ ସମ୍ପର୍କକୁ ଆହୁରି ନିକଟତର କରିଥାଏ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଆଇନଜୀବୀ ପଞ୍ଚାନନ ବେଶ୍ରା, ସମାଜସେବି ମନୁ ଖମାରି, ସମ୍ମାନିତ ଅତିଥି ଭାବେ ଆମପାଣି ଯୋନ ଉପ ସଭାପତି ବାଲେଶର ବେଶ୍ରା, ସମ୍ପାଦକ କ୍ଷେତ୍ରରାମ ପାତ୍ର, ସହ ସମ୍ପାଦକ ଯୁଗେଶ୍ୱର ବେଶ୍ରା, ଯୋନ ଅଧକ୍ଷ ଗଙ୍ଗାରାମ ନାଏକ, କୋଷାଧକ୍ଷ ନୀଳମଣି ଖମାରି, ଆମପାଣି ପଞ୍ଚାୟତ ସଭାପତି ଦୟାନିଧି ନାଏକ, ବରାଡଙ୍ଗା ପଞ୍ଚାୟତ ସଭାପତି ପିତାମ୍ବର ବିହାରୀ, କାଉଡୋଳା ସଭାପତି ଲକ୍ଷ୍ମଣ ମଙ୍ଗରାଜ, ବଡ଼ ପୋ ସଭାପତି ଧର୍ମୁ ଦୁର୍ଗା, ମହିମା ସଭାପତି ନକୁଳ ନାଏକ, ସାନ ପୋ ସଭାପତି ଧନୁର୍ଯ୍ୟ ନାଏକ ଓ ଗୋତମୁଣ୍ଡା ସଭାପତି ନିରଞ୍ଜନ ବାଗ, କାଉଡୋଳା ସରପଞ୍ଚ ଦେବିସିଂ ତାଣ୍ଡି, ସମିତି ସଭ୍ୟା ବୈଦେହୀ ବେଶ୍ରା, ସମିତି ସଭ୍ୟା ଡୁଡୁକାଠେଙ୍ଗା ପାର୍ବତୀ ନାଗ, ସରପଞ୍ଚ ସାନ ପୋ ଜୟରାମ ନାଗ ସମିତି ସଭ୍ୟ ରାଜୀବ ଖମାରି, ସମିତି ସଭ୍ୟ ବରାଡଙ୍ଗା ଗୁପ୍ତେଶର ବାଗ ପ୍ରମୁଖ ଯୋଗଦେଇ ଆଞ୍ଚଳିକ ଡମ୍ବ ସମାଜର ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ସମାଜର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।ପରେ ନୂଆଁଖାଇ ଭେଟଘାଟ ନେଇ ସମ୍ବଲପୁରୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଖଗେଶ୍ୱର ପାଣିଗ୍ରାହୀ, ତୁଳସିରାମ ବାଗ ମଞ୍ଚ ପରିଚାଳନା କରିଥିଲେ। ଆମପାଣି ଯୋନର ୮ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ଆଞ୍ଚଳିକ ଡମ୍ବ ସମାଜର କର୍ମକର୍ତ୍ତା ଓ ଜନ ସାଧାରଣ ଏହି ନୂଆଁଖାଇ ଭେଟଘାଟ ଉତ୍ସବରେ ସାମିଲ ହୋଇଥିଲେ। ଡମ୍ବ ସମାଜର ଯୁବଗୋଷ୍ଠି ସତ୍ୟ ସୁନ୍ଦର ପାଣିଗ୍ରାହୀ, ଗିରିଶ ଚନ୍ଦ୍ର ଖମାରୀ, ଉଦିତ ନାରାୟଣ ଠାକୁର, କମଳ ଲୋଚନ ଖମାରୀ, ଜିତେନ୍ଦ୍ର ନାରାୟଣ ଠାକୁର, ଅଭିରାମ ବେଶ୍ରା ପ୍ରମୁଖ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରେଢ଼ାଖୋଲରେ କଂଗ୍ରେସର ବନ୍ଦ

# କଂଗ୍ରେସ କର୍ମୀଙ୍କୁ ଉଠାଇ ନେଲା ପୋଲିସ

ରେଢ଼ାଖୋଲ,(ସବ୍ୟୁ): ଓଡ଼ିଶା ପ୍ରଦେଶ କମିଟି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଏମଡିଆରଏଫ ଆକ୍ଟର ପ୍ରତ୍ୟାହାର, ନୂତନ ଖଣି ଆଇନର ସଂଶୋଧନ ରଦ୍ଦ କରିବା , ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଇସ୍ତଫା ଓ ପାଠ୍ୟ ପୁସ୍ତକରେ ହୋଇ ଥିବା ତ୍ରୁଟି ଏବଂ ବିବାଦ କାରଣରୁ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟା ନନ୍ଦ ଗୋଣ୍ଡଙ୍କ ଇସ୍ତଫା ଆଦି ଦାବି ନେଇ ଗୁରୁବାର ରେଢ଼ାଖୋଲ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ହେବା ସହ କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ସକାଳ ୬ରୁ ଦିବା ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରା ଯାଇଥିଲା । ରେଢ଼ାଖୋଲ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ରେଢ଼ାଖୋଲ ନଗର ସଭାପତି ହରେଶ କର୍ଣ୍ଣ, ବ୍ଲକ ସଭାପତି ଅମରେଶ ପ୍ରଧାନ, ବ୍ଲକ ମହିଳା ସଭାପତି ଲିଲି ଧଳ, ଜିଲ୍ଲା ସଂପାଦକ ସୁନୀଲ କୁମାର ପ୍ରଧାନ,ଏନଏସି ଉପ ସଭାପତି ରଞ୍ଜନ ରାଉତ, କାଉନସିଲର ଅମରେଶ ନାଏକ, ନଗର ଉପ ସଭାପତି ଉମେଶ ଦେହୁରୀ, ନଗର କୋଷାଧ୍ୟକ୍ଷ ସଞ୍ଜୀବ ବିଶାଳ, ଗଗନ ବାରିକ, ଶ୍ରୀନିବାସ ଖମାରୀ ପ୍ରମୁଖ ବହୁ ଦଳୀୟ କର୍ମୀ ମାନେ ସାମିଲ ହୋଇଥିଲେ। କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ପିକେଟିଙ୍ଗ କରି ରେଢ଼ାଖୋଲରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ରାସ୍ତା ଘାଟ ଓ ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ଏପରିକି କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥକୁ ରେଢ଼ାଖୋଲ ସହର ଭୀମ ଭୋଇ ଛକ ନିକଟରେ ସକାଳ ୬ରୁ ଦିବା ୧୨ ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ସମୟ ଧରି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାସ୍ତାରେ ଶହ ଶହ ଗାଡ଼ି ମୋଟର ଅଟକି ରହି ଚଳାଚଳ ବନ୍ଦ ରହି ଥିଲା। ଗାଡ଼ି ମୋଟର ଚଳାଚଳ ବନ୍ଦ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଥିଲା।

# ଶ୍ୟାମ ପ୍ରସାଦ ଜୁନିଅର କଲେଜରେ ସଡ଼କ ସୁରକ୍ଷା ସଚେତନତା

ମାଲକାନଗିରି, (ସବ୍ୟୁ) : ମାଲକାନଗିରି ଜିଲ୍ଲା ପ୍ରଶାସନ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଏବଂ ଏମ.ଭି.-୭୯ ପୁଲିସର ମିଳିତ ସହଯୋଗରେ କାଲିମେଲା ବ୍ଲକ ଅନ୍ତର୍ଗତ ଏମ. ଭି-୭୯ ଶ୍ୟାମ ପ୍ରସାଦ ଜୁନିଅର କଲେଜ ପରିସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଡ଼ଃ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ଏବଂ ଟ୍ରାଫିକ ନିୟମ ପାଳନ ସମ୍ପର୍କରେ ସଚେତନ କରାଯାଇଥିଲା। ବିଶେଷକରି ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ ପିନ୍ଧିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନକରିବା, ନିର୍ଦ୍ଧାରିତ ବେଗରେ ଯାନ ଚଳାଇବା ଏବଂ ଟ୍ରାଫିକ ନିୟମ ମାନିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅସାବଧାନତା ଓ ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣାକୁ କିପରି ରୋକାଯାଇପାରିବ, ସେ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଇଥିଲା । ସଡ଼କରେ ଯାତାୟାତ ସମୟରେ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଦାୟିତ୍ୱବାନ ହେବାକୁ ଆହ୍ୱାନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ୟାମ ପ୍ରସାଦ ଜୁନିଅର କଲେଜର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ସହ ଟ୍ରାଫିକ ନିୟମ ପାଳନ ପ୍ରତି ଦାୟିତ୍ୱବୋଧ ବଢ଼ାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

# ମାଲକାନଗିରିରେ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ

ମାଲକାନଗିରି,(ସବ୍ୟୁ) : ‘ଭୋଟ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ, ଗଣତନ୍ତ୍ର ବଞ୍ଚାଅ’ ଅଭିଯାନ ଅଧୀନରେ ଆହୂତ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ମାଲକାନଗିରି ଜିଲ୍ଲାରେ ପଡ଼ିଛି। ଏମଏମଡିଆର ସଂଶୋଧନ ବିଲ ରଦ୍ଦ, ନିର୍ବାଚନ ପ୍ରକ୍ରିୟାକୁ ନେଇ ଉଠିଥିବା ପ୍ରଶ୍ନର ସମାଧାନ, ଶିକ୍ଷା ବିଭାଗର ପାଠ୍ୟପୁସ୍ତକରେ ତ୍ରୁଟି ଅଭିଯୋଗ ଏବଂ ବନ୍ୟା ବିପନ୍ନଙ୍କୁ ତୁରନ୍ତ ରିଲିଫ ଯୋଗାଇଦେବା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲ୍ଲାରେ ବନ୍ଦ ପାଳନ କରାଯାଇଥିଲା । ବନ୍ଦ ଯୋଗୁଁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ଅସୁବିଧାରେ ପଡ଼ିଥିଲେ। ଖାଦ୍ୟ ଦୋକାନଗୁଡ଼ିକ ବନ୍ଦ ଥିବାରୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ଖାଦ୍ୟ ପାଇଁ ହଇରାଣ ହେଉଥିବା ଦେଖାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ ଶତାଧିକ କର୍ମୀ ବନ୍ଦରେ ସାମିଲ ହୋଇଥିଲେ। କଂଗ୍ରେସ ନେତାମାନେ କହିଛନ୍ତି ଯେ, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଦଳ ଆଗାମୀ ଦିନରେ ମଧ୍ୟ ଆନ୍ଦୋଳନ ଜାରି ରଖିବ। ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ସମ୍ମୁଖୀନ ଲୋକଙ୍କୁ ତୁରନ୍ତ ରିଲିଫ ଯୋଗାଇବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

# ବଲାଙ୍ଗିରରେ ବନ୍ଦର ପ୍ରଭାବ, ଜନଜୀବନ ଠପ୍






ବଲାଙ୍ଗିର,(ସବ୍ୟୁ): ଓଡ଼ିଶା ବନ୍ଦର ପ୍ରଭାବ ବଲାଙ୍ଗିରରେ ଦେଖିବାକୁ ମିଳିଛି । ସକାଳୁ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ କଂଗ୍ରେସ କର୍ମୀ । ଖୋଲା ଥିବା ଦୋକାନ ବଜାରକୁ ବନ୍ଦ କରିବା ସହ ବିଭିନ୍ନ ସ୍ଥାନରେ ନାରାବାଜି କରିଥିଲେ ବନ୍ଦକୁ ସମର୍ଥନ କରୁଥିବା ବିଭିନ୍ନ ସଂଗଠନର କର୍ମୀମାନେ ମଧ୍ୟ ପିକେଟିଂରେ ସାମିଲ ହୋଇଥିଲେ ।

ସକାଳୁ ବଲାଙ୍ଗିର ଡେଲି ମାର୍କେଟରୁ ଆରମ୍ଭ ହୋଇଥିଲା ପିକେଟିଂ । କେବଳ ବଲାଙ୍ଗିର ସହର ନୁହେଁ, ପାଟଣାଗଡ଼, ଟିଟିଲାଗଡ଼, କଣ୍ଟାବାଞ୍ଜି ସମେତ ଜିଲ୍ଲାର ବିଭିନ୍ନ ସହରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଥାନରେ କଂଗ୍ରେସ ଓ ବନ୍ଦକୁ ସମର୍ଥନ କରୁଥିବା ସଂଗଠନର କର୍ମୀମାନେ ପିକେଟିଂ କରିଥିଲେ । ଫଳରେ ସକାଳୁ ହିଁ ଅନେକ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିଲା । ବନ୍ଦର ପ୍ରଭାବରୁ ବାଦ ପଡ଼ିନଥିଲା ବ୍ୟାଙ୍କ । ବଲାଙ୍ଗିର କୋଶଳ ଛକ ନିକଟରେ ଥିବା ଏକ ଘରୋଇ ବ୍ୟାଙ୍କ ଖୋଲା ଥିବା ଦେଖି ସେଠାରେ ପହଞ୍ଚିଥିଲେ ଆନ୍ଦୋଳନକାରୀ । ବ୍ୟାଙ୍କ ଭିତରକୁ ପଶି ବନ୍ଦ କରିବାକୁ କହିବା ସହ କିଛି ସମୟ ଧରି ହୋହଲ୍ଲା କରିଥିଲେ । ପରେ ବ୍ୟାଙ୍କ ବନ୍ଦ ହୋଇଥିଲା । ସେହିପରି ଆଉ ଏକ ଘରୋଇ ବ୍ୟାଙ୍କରେ ପିକେଟିଂ ସମୟରେ ବ୍ୟାଙ୍କର ସାଇରନ ବାଜିଥିଲା । ସାଇରନ ବାଜିବା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାର ବାତାବରଣ ଦେଖାଦେଇଥିଲା । ପରେ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କ ବନ୍ଦ କରିଥିଲେ । ସେହିପରି ଶିକ୍ଷାନୁଷ୍ଠାନ ଉପରେ ମଧ୍ୟ ପଡ଼ିଥିଲା ବନ୍ଦର ପ୍ରଭାବ । ଖୋଲା ଥିବା ଓମେନ୍ସ କଲେଜରେ ପହଞ୍ଚିଥିଲେ କଂଗ୍ରେସ କର୍ମୀ । କଲେଜ ପରିସରରେ ପିକେଟିଂ କରିବା ସହ କଲେଜ ବନ୍ଦ କରିଥିଲେ ଆନ୍ଦୋଳନକାରୀ । ଏହାସହ ସହରର ବିଭିନ୍ନ ସ୍କୁଲରେ ମଧ୍ୟ ପିକେଟିଂ କରାଯାଇଥିଲା । ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା । ଏପଟେ ବନ୍ଦର ପ୍ରଭାବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ବନ୍ଦର ସବୁଠୁ ଅଧିକ ପ୍ରଭାବ ପଡ଼ିଥିଲା ଯାତାୟାତ ବ୍ୟବସ୍ଥା ଉପରେ । ସରକାରୀ ଓ ଘରୋଇ ବସ ଚଳାଚଳ ବନ୍ଦ ରହିବାରୁ ବଲାଙ୍ଗୀର ବସ୍‌ଷ୍ଟାଣ୍ଡରେ ଅଟକି ରହିଥିଲେ ଶହ ଶହ ଯାତ୍ରୀ । ବସ ଚଳାଚଳ ନକରିବାରୁ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିନଥିଲେ ଅନେକ ଲୋକ । ଦୀର୍ଘ ସମୟ ଧରି ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରି ହଇରାଣ ହୋଇଥିଲେ ଯାତ୍ରୀ ।

ସେହିପରି ଓଡ଼ିଶା ବନ୍ଦ ଡାକରା ଅବସରରେ ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ସମ୍ପୂର୍ଣ୍ଣ ସଫଳ ହୋଇଛି। ଏହି ବନ୍ଦ ଯୋଗୁଁ ସମଗ୍ର ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପୁଇଁନ୍ତଲା ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସମେତ ମଲମଣ୍ଡା, ରଣ୍ଡା, ଇରାସର ଏବଂ ସମ୍ବଲପୁର ମୁଖ୍ୟ ରାସ୍ତାର ଛତାମଖନା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ ଓ କଲେଜ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଆନ୍ଦୋଳନକାରୀଙ୍କ ଦ୍ୱାରା ରାସ୍ତାରୋକ କରାଯିବା ଫଳରେ ଗାଡ଼ିମୋଟରର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୋଇ ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା । ଏହି ବନ୍ଦ ଡାକରା କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ କୁମାର ମେଶ୍ୱା, କିଷାନ ସେଲ ସଭାପତି ସାନନ୍ଦ ମିଶ୍ର, ଦଳିତ ନେତା ଜ୍ୟୋତିଷ ମୁର୍ଗ୍ରି, ସୀତାରାମ କୁମ୍ଭାର, ବରିଷ୍ଠ କଂଗ୍ରେସ ନେତା ଉମାକାନ୍ତ ସାହୁ ଏବଂ କଂଗ୍ରେସ ନେତା ଓମ ପ୍ରକାଶ କୁମ୍ଭାରଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ସାମିଲ ଥିଲେ ।

## ଇଣ୍ଡିଆ ବ୍ଲକ୍ ପକ୍ଷରୁ ଓଡ଼ିଶା ବନ୍ଦ

# ବରଗଡ଼ରେ ଜନଜୀବନ ଅଚଳ



ବରଗଡ଼,(ସବ୍ୟୁ) : ପ୍ରଦେଶ କଂଗ୍ରେସ କମିଟି ସହିତ ଇଣ୍ଡିଆ ବ୍ଲକର ସହଯୋଗୀ ଦଳଗୁଡ଼ିକ ପକ୍ଷରୁ ରାଜ୍ୟବ୍ୟାପୀ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଚାରି ଦଫା ପ୍ରମୁଖ ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା। ବନ୍ଦ ଡାକରାର ପ୍ରଭାବ ବରଗଡ଼ ଜିଲ୍ଲାରେ ବ୍ୟାପକ ଦେଖିବାକୁ ମିଳିଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶୁଭେନ୍ଦୁ ସାହୁଙ୍କ ନେତୃତ୍ୱରେ ଓଡ଼ିଶା ବନ୍ଦ ଓ କଳା ଦିବସ ଇଣ୍ଡିଆ ବ୍ଲକର ସଦସ୍ୟଙ୍କୁ ନେଇ ଶହ ଶହ କଂଗ୍ରେସ କର୍ମୀ ସକାଳୁ ବରଗଡ ସହରର ବିଭିନ୍ନ ଛକ, ବସଷ୍ଟାଣ୍ଡ, ସରକାରୀ ଅଫିସ ସମ୍ମୁଖ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ଓ ପିକେଟିଂ ଆରମ୍ଭ କରିଥିଲେ ।

## ଓଡ଼ିଶାର ବରପୁତ୍ର



ଉତ୍କଳମଣି ଗୋପବନ୍ଧୁ ଦାସ
ଜନ୍ମ– ୯ ଅକ୍ଟୋବର ୧୮୭୭
ମୃତ୍ୟୁ– ୧୭ ଜୁନ ୧୯୨୮

## ସମ୍ପାଦକୀୟ

# ବନ୍ଦ ପାଳନର ପ୍ରଭାବ କେତେ ?

ଓଡ଼ିଶାରେ କଂଗ୍ରେସ ଦଳ ପକ୍ଷରୁ ଅକ୍ଟୋବର ୮ (ଗୁରୁବାର) ଯେଉଁ ବନ୍ଦ ଡାକରା ଦିଆ ଯାଇଥିଲା, ତାହାର ପ୍ରଭାବ ଓଡ଼ିଶାବାସୀଙ୍କ ଉପରେ କେତେଦୂର ଫଳପ୍ରଦ ହେବ ? ଅତୀତରେ ଏହିପରି ଅନେକ 'ବନ୍ଦ' ପାଳନ କରାଯାଇଛି ଓଡ଼ିଶାରେ । ହିଂସାକାଣ୍ଡ ଯୋଗୁଁ ଅନେକ ପ୍ରାଣ ହରାଇଥିବା ବେଳେ ଅନେକ ଅକର୍ମଣ୍ୟ ବି ହୋଇଛନ୍ତି । ଏ ଲେଖକ ଜଣେ ସାମ୍ବାଦିକ ଭାବେ କଟକର ବସଷ୍ଟାଣ୍ଡ ଅଞ୍ଚଳର ବାଦାମବାଡିରେ ପୋଲିସ ଲାଠି ମାଡ଼ର ଶିକାର ହୋଇ ୧୯୮୦ ଡିସେମ୍ବର ୫ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକଲ କଲେଜର ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲା । ଡାହାଣ ହାତଟି ଭାଙ୍ଗି ଯାଇଥିଲା । ଜଣେ ଛାତ୍ର ସେତେବେଳେ ପୋଲିସର ଲାଠି ମାଡ଼ରେ ସମ୍ଭବତଃ ମୃତ୍ୟୁବରଣ କରିଥିଲା । ସେତେବେଳେ କଟକର ଜିଲ୍ଲାପାଳ ଥିଲେ ବରିଷ୍ଠ ଆଇ.ଏ.ଏସ ଅଧିକାରୀ ପ୍ରସନ୍ନ କୁମାର ହୋତା ଓ ଏସ୍.ପି ଥିଲେ ପୂର୍ଣ୍ଣେନ୍ଦୁ ମୋହନ ସେନାପତି (ଏବେ ସେ ସ୍ୱର୍ଗରେ) । ସେମାନେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତରଖାନାରେ ମୋର ଚିକିତ୍ସା କଥା ବୁଝି ସରକାରଙ୍କୁ ରିପୋର୍ଟ ଦେଉଥିଲେ । କାରଣ ସି.ପି.ଆଇ. ପ୍ରଭୃତି ବିରୋଧୀ ଦଳର ଜାତୀୟସ୍ତରର ନେତା ରାଜେଶ୍ୱର ରାଓ ମଧ୍ୟ ମୋତେ ଦେଖିବାକୁ ଡାକ୍ତରଖାନାକୁ ଯାଇଥିଲେ । ଏବେ ସେ ଆମ ଗହଣରେ ନାହାନ୍ତି । ସେତେବେଳେ ଏ ଲେଖକ ଇଂରାଜୀ ସାପ୍ତାହିକ 'ଇଷ୍ଟର୍ଣ୍ଣ ଟାଇମସ୍'ର ସହଯୋଗୀ ସମ୍ପାଦକ ଥାଏ । ସ୍ୱର୍ଗୀୟ ଆଡଭୋକେଟ ଓ ଇଂରାଜୀ ଭାଷାର ସୁଲେଖକ ଜୟନ୍ତ ଦାସ ଥିଲେ ତାହାର ସମ୍ପାଦକ ଓ ଏବର ସାଂସଦ ଭର୍ତ୍ତୃହରି ମହତାବ ଥିଲେ ପରିଚାଳନା ସମ୍ପାଦକ । ଏପରିକି ଡଃ ହରେକୃଷ୍ଣ ମହତାବ ମଧ୍ୟ ମୋତେ ଦେଖିବାକୁ ଡାକ୍ତରଖାନା ଆସିଥିଲେ । ଜଣେ ସାମ୍ବାଦିକ ଉପରେ ପୋଲିସ ଅତ୍ୟାଚାର ଘଟଣା ସେତେବେଳେ ଓଡ଼ିଶା ଓ ଭାରତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ବିଧାନସଭାରେ ମଧ୍ୟ ବିରୋଧୀଦଳ ପକ୍ଷରୁ ସେ ବିଷୟରେ ଖୁବ୍ ଆଲୋଚନା ହୋଇଥିଲା । ଜଣେ ଓ.ଏ.ଏସ୍ ଅଫିସର ଯିଏ କି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ ଓ ଲାଠିମାଡ଼ ପାଇଁ ପୋଲିସକୁ ଆଦେଶ ଦେଇଥିଲେ ସେ ଦିନ, ତାଙ୍କୁ ଖରାପ ଲାଗିବାରୁ ସେ ସମ୍ଭବତଃ ଡକ୍ଟର ମହତାବଙ୍କ ନିକଟକୁ ଆସି ଘଟଣା ପାଇଁ ଅନୁତପ୍ତ ହୋଇଥିଲେ ।

**ଅବଶ୍ୟ ହାଇକୋର୍ଟଙ୍କସମେତ ନିମ୍ନ ଅଦାଲତର ବିଚାରପତି ଓ ମାଜିଷ୍ଟ୍ରେଟମାନେ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଆସି ଅଦାଲତ କାର୍ଯ୍ୟ ଚଳାଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ସୁରକ୍ଷା ବଳୟ ମଧ୍ୟରେ ଲୋକସେବା ଭବନକୁ ଓ ଆଉ ଜଣେ ମନ୍ତ୍ରୀ ଖାରବେଳ ଭବନକୁ ଆସିଥିଲେ । ତେବେ ଏ ସବୁ 'ବନ୍ଦ' ପାଳନ ପ୍ରତୀକାତ୍ମକ ବୋଲି କୁହାଗଲେ ମଧ୍ୟ ଏପରି ପାଳନ ବନ୍ଦ କରାଯିବା ଉଚିତ । ସ୍ୱାଧୀନତାର ୮୦ ବର୍ଷରେ ଆମେ ପାଦ ରଖିବା ପରେ ଏପରି 'ବନ୍ଦ'ର ମୂଲ୍ୟ କେତେ, ପ୍ରଭାବ ବି କେତେ ?**

ଏ ଘଟଣା ପରେ ଓଡ଼ିଶାରେ ଅନେକ ଥର ବନ୍ଦ ପାଳନ ହୋଇଥିଲା ବିରୋଧୀ ଦଳଙ୍କ ଦ୍ୱାରା । ମାତ୍ର ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଥିବା କଂଗ୍ରେସ ଦଳ ପ୍ରାୟ ପାଞ୍ଚ ବର୍ଷ କାଳ ଶାସନରେ ରହି, ସ୍ଥିର ସରକାର ବୋଲି ପ୍ରତିପାଦିତ କରିଥିଲା । ତେଣୁ ଏପରି ବାରଘଣ୍ଟିଆ ବନ୍ଦର ପ୍ରଭାବ କ'ଣ ବୋଲି ଭାବିଲେ, 'କିଛି ନୁହେଁ' ବୋଲି ସାଧାରଣତଃ ମନେ ହୋଇଥାଏ ।

ବନ୍ଦ ଯୋଗୁଁ, ଅନେକ ରୋଗୀ ଜରୁରୀ ଚିକିତ୍ସା ପାଇଁ ଡାକ୍ତରଖାନାରେ ପହଞ୍ଚି ପାରନ୍ତି ନାହିଁ । ଅନେକ ରୋଗୀ କଲବଲ ହୋଇଥାନ୍ତି । ଅନେକ ଦିନ ମଜୁରିଆ ହୋଟେଲ ବା ଦୋକାନରୁ ଖାଇ ନପାରି ଭୋକରେ ରହିଥା'ନ୍ତି । କାରଣ ଦୋକାନ ବଜାର ସବୁ ବନ୍ଦ ହୋଇ ଯାଇଥାଏ । ଜରୁରୀ କାମରେ ଆସିବାକୁ ଥିବା ଯାତ୍ରୀମାନେ ବସ୍, ଟ୍ରେନ ବା ପ୍ଲେନରେ ଯିବା ଓ ଆସିବା କରି ପାରନ୍ତି ନାହିଁ । ଘୋର ଅସୁବିଧାର ସେମାନେ ସମ୍ମୁଖୀନ ହୁଅନ୍ତି । 'ବନ୍ଦ' ପାଳନ ହେଉଛି ବୋଲି ଅନେକଙ୍କର ଧାରଣା ନଥାଏ କି ପୂର୍ବ ସୂଚନା ଅନେକ ମଧ୍ୟ ପାଇ ନଥାନ୍ତି । ପିଲାମାନେ ସ୍କୁଲ କଲେଜକୁ ଯାଇ ନ ପାରିବାରୁ, ସେମାନଙ୍କ ପାଠପଢ଼ା ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଯଦିଓ ସରକାରୀ ଅଫିସ ସବୁ ବିରୋଧୀଙ୍କ ବନ୍ଦ ଡାକରା ଯୋଗୁଁ ଜିଦିରେ ଖୋଲା ଯାଇଥାଏ, ତଥାପି ଉପସ୍ଥାନ ସଂଖ୍ୟା ଖୁବ୍ କମ୍ ଥାଏ । ଭୁବନେଶ୍ୱରର ବିଭିନ୍ନ ବିଭାଗର ମୁଖ୍ୟ ଦପ୍ତର ବା ଲୋକସେବା ଭବନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ ଅବଶ୍ୟ ସକାଳୁ ଅଫିସକୁ ଚାଲି ଆସନ୍ତି ଓ ସନ୍ଧ୍ୟା ପରେ ଘରକୁ ଫେରନ୍ତି । ମାତ୍ର କଟକ, ପୁରୀ, ଖୋର୍ଦ୍ଧା ବା ଦୂରସ୍ଥାନରୁ ଆସୁଥିବା କର୍ମଚାରୀମାନେ ଗାଡ଼ିମାନଙ୍କରେ ଆସି ପାରନ୍ତି ନାହିଁ । ପୁଣି ରାସ୍ତାରେ ଦୁଇଚକିଆ ବା ତିନିଚକିଆ ଯାନରେ ଆସୁଥିବା ଯାତ୍ରୀଙ୍କୁ ମାରଧର କରାଯାଏ । ଯାନଗୁଡ଼ିକ ମଧ୍ୟ ବନ୍ଦ ପାଳନକାରୀମାନେ ଭାଙ୍ଗିରୁଜି ଦିଅନ୍ତି । ଏଥିପାଇଁ ଗାଡ଼ିମୋଟରସବୁ ବୀମାଭୁକ୍ତ ହୋଇଥିଲେ ମଧ୍ୟ କ୍ଷତିପୂରଣ ମିଳେ ନାହିଁ ।

ଅବଶ୍ୟ ହାଇକୋର୍ଟଙ୍କସମେତ ନିମ୍ନ ଅଦାଲତର ବିଚାରପତି ଓ ମାଜିଷ୍ଟ୍ରେଟମାନେ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଆସି ଅଦାଲତ କାର୍ଯ୍ୟ ଚଳାଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ସୁରକ୍ଷା ବଳୟ ମଧ୍ୟରେ ଲୋକସେବା ଭବନକୁ ଓ ଅନ୍ୟ ଜଣେ ମନ୍ତ୍ରୀ ଖାରବେଳ ଭବନକୁ ଆସିଥିଲେ । ତେବେ ଏ ସବୁ 'ବନ୍ଦ' ପାଳନ ପ୍ରତୀକାତ୍ମକ ବୋଲି କୁହାଗଲେ ମଧ୍ୟ ଏପରି ପାଳନ ବନ୍ଦ କରାଯିବା ଉଚିତ । ସ୍ୱାଧୀନତାର ୮୦ ବର୍ଷରେ ଆମେ ପାଦ ରଖିବା ପରେ ଏପରି 'ବନ୍ଦ'ର ମୂଲ୍ୟ କେତେ, ପ୍ରଭାବ ବି କେତେ ?

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଭାରତୀୟ ଡାକବିଭାଗର ଅତୀତ ଓ ବର୍ତ୍ତମାନ



**ଦିଲ୍ଲୀପ ଶତପଥୀ**

ଭାରତରେ ଚିଠି, ଚିଟାଉର ଆଦାନ ପ୍ରଦାନ ବହୁ ପୁରାତନ । ଯୁଗ ଯୁଗରେ ଚିଠିର ମାହାତ୍ମ୍ୟ ଅବର୍ଣ୍ଣନୀୟ । କେତେବେଳେ ଦୂତ /ଦୂତୀ ମାଧ୍ୟମରେ ତ କେତେବେଳେ କପୋତ, କପୋତୀ, ପଶୁପକ୍ଷୀମାନଙ୍କୁ ମାଧ୍ୟମ କରି ବାର୍ତ୍ତା ପ୍ରେରଣ ହେଉଥିଲା । ଖିଲିଜି ବଂଶୀ ପ୍ରବଳ ପ୍ରତାପୀ ଆଲ୍ଲାଉଦୀନ ଖିଲଜି ୧୨୨୬ରେ ଅଶ୍ୱ ବାହକ ଏବଂ ପଦାତିକ ପତ୍ର ବାହକମାନଙ୍କୁ ରାଜ କାର୍ଯ୍ୟରେ ଲଗାଇ ଥିଲେ । ୧୩୪୧ ମସିହାରେ ପ୍ରସିଦ୍ଧ ପରିବ୍ରାଜକ ଇବାନ ବତୁତା ଯାହାଙ୍କୁ ଇସଲାମର ମାର୍କୋ ପୋଲୋ କୁହାଯାଏ, ତାଙ୍କର ଭାରତ ଭ୍ରମଣ ବର୍ଣ୍ଣନାରେ ୧୩୪୧ ଖ୍ରୀଷ୍ଟାବ୍ଦରେ ଭାରତ ଖବର ଆଦାନ ପ୍ରଦାନ ପାଇଁ ଅଶ୍ୱ ଧାବକ ଏବଂ ପଦାତିକ ଖବରଦାତାମାନଙ୍କର ବ୍ୟବହାର କଥା ଲେଖିଛନ୍ତି । ୧୫୪୧ରେ ଶେରଶାହା ପ୍ରଥମ କରି ବେଙ୍ଗଲ ଏବଂ ସିନ୍ଧ ମଧ୍ୟରେ ୨୦୦୦ ମାଇଲ ରାସ୍ତା ଅଶ୍ୱ ମାଧ୍ୟମ ରେ ଚିଠି ବିନିମୟ କରି ଥିଲେ ।

୧୮୭୪ ମସିହା ଅକ୍ଟୋବର ୯ରେ 'ୟୁନିଭରସାଲ ପୋଷ୍ଟ ୟୁନିୟନ' ଗଠନ ପାଇଁ ସ୍ୱିଜରଲାଣ୍ଡର ବର୍ନରେ ୨୨ଟି ଦେଶ ମିଶି ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ । ପ୍ରଥମ ଏସୀୟ ଦେଶ ଭାବେ ଭାରତ ୟୁନିଭରସାଲ ପୋଷ୍ଟ ୟୁନିୟନର ସଦସ୍ୟ ହୋଇଥିଲା । ଆନନ୍ଦ ମୋହନ ନରୁଲା ନାମକ ଜଣେ ଭାରତୀୟଙ୍କ ପ୍ରସ୍ତାବ କ୍ରମେ ୧୯୬୯ ମସିହାରେ ଟୋକିଓରେ ହୋଇଥିବା ଏକ ସମ୍ମିଳନୀରେ ଅକ୍ଟୋବର ୯କୁ 'ବିଶ୍ୱ ଡାକ ଦିବସ' ଭାବେ ପାଳନ କରିବାକୁ ଘୋଷଣା ହୋଇଥିଲା । ବିଶ୍ୱସ୍ତରରେ ଡାକସେବାର ପ୍ରଚାର ଓ ପ୍ରସାର ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଅକ୍ଟୋବର ୧, ୧୮୫୪ରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ସ୍ଥାପନା କରିଥିଲେ । ଦେଶରେ ୧୭୬୬ରେ ଲର୍ଡ କ୍ଲାଇବଙ୍କ ଦ୍ୱାରା ସ୍ଥାପିତ ଡାକ ବ୍ୟବସ୍ଥାର ବିକାଶ ୱାରେନ ହେଷ୍ଟିଙ୍ଗ୍ସ କରିଥିଲେ । ୧୭୭୪ରେ କୋଲକାତାରେ ସେ ଜିପିଓ ସ୍ଥାପନା କରିଥିଲେ । ଚେନ୍ନାଇ ଏବଂ ମୁମ୍ବାଇରେ ଜେନେରାଲ ପୋଷ୍ଟ ଅଫିସ୍ ୧୭୮୬ ଏବଂ ୧୭୯୪ରେ ହୋଇଥିଲା ।

୧୮୫୪ ମସିହାରେ ପୋଷ୍ଟ ଅଫିସ act XVII ତିଆରି ହେଲା । ଏହି ଦିନ ଠାରୁ ପ୍ରକୃତରେ ଭାରତୀୟ ଡାକ ବିଭାଗର ଜନ୍ମଦିନ ବୋଲି ଧରାଯାଏ । ପ୍ରଥମ ଡାକ ଟିକଟ Sir Bartle Frereଙ୍କ ଦ୍ୱାରା ୧–୦୭–୧୮୫୨ମସିହାରେ ପ୍ରଚଳିତ ହୋଇଥିଲା ଏହାର ନାମ ସିନ୍ଧ ଡକ (Scinde Dawk ) ଥିଲା । ଏହାର ମୂଲ୍ୟ ୧/୨ ଅଣା ଥିଲା । ଯଦିଓ ସ୍ୱାଧୀନ ଭାରତର ପ୍ରଥମ ଡାକ ଟିକଟ 'ଜୟ ହିନ୍ଦ' ଥିଲା, ଯାହାର ମୂଲ୍ୟ ଥିଲା ସାଢେ ତିନି ଅଣା । ପ୍ରଥମ ପୋଷ୍ଟ କାର୍ଡ ୧–୦୭–୧୮୭୯ରେ ଆସିଥିଲା, ଯାହାର ମୂଲ୍ୟ ୧/୪ ଅଣା ଥିଲା । ୧୮୮୦ରେ ପୋଷ୍ଟ କାର୍ଡକୁ ସରକାରୀ ବ୍ୟବହାରରେ ବିନିଯୋଗ କରାଗଲା ଏବଂ ପରେ ପରେ ୧୮୯୦ରେ ରିପ୍ଲାଇ ପୋଷ୍ଟ କାର୍ଡ ବାହାରିଲା । ୧୮୭୩ ମସିହାରେ Embraced Envelope ବ୍ୟବହାରକୁ ଆସିଥିଲା । **ଚିଠି ଏବଂ ପାର୍ସଲ ପ୍ରେରଣ ସୁବିଧା ପାଇଁ ୧୮୫୪ରେ ରେଳ ଡାକ ପରିବହନ ସେବା ଆରମ୍ଭ ହୋଇଥିଲା । ୧୮୮୦ରେ ଡାକ ମାଧ୍ୟମରେ ପଇସା ପଠେଇବା କାର୍ଯ୍ୟ ଆରମ୍ଭ ହେଲା 'ମନି ଅର୍ଡର' ସେବା ମାଧ୍ୟମରେ । ୧୮୮୨ ମସିହାରେ ଡାକ ବିଭାଗ ପଇସା ରଖିବା ପାଇଁ ସଞ୍ଚୟ ଖାତାର ଆରମ୍ଭ ହେଲା ।** ଲୋକମାନେ ଡାକଘରେ ନିଜ ନାମରେ ସଞ୍ଚୟ ଖାତା ଖୋଲି ପଇସା ଜମା ଏବଂ ଉଠାଣର ସୁବିଧା ପାଇଲେ । ୧୮୮୪ ମସିହାରେ ଜୀବନ ବୀମା ସେବା ପୋଷ୍ଟାଲ ଲାଇଫ ଇନସୁରାନ୍ସ ସେବା ଆରମ୍ଭ ହେଲା । ପରେ ପରେ ୧୮୮୬ରେ ରେଭିନ୍ୟୁ ଟିକଟର ପ୍ରଚଳନ କରାଗଲା । ଏହାର ପ୍ରାରମ୍ଭିକ ମୂଲ୍ୟ ଏକ ଅଣା ଥିଲା । ୧୯୩୫ ମସିହାରେ ଭାରତୀୟ ପୋଷ୍ଟାଲ ଅର୍ଡର କାର୍ଯ୍ୟକାରୀ କରାଗଲା । ପ୍ରତ୍ୟକ୍ଷ ପଇସା ବଦଳରେ ଏହାର ବ୍ୟବହାର ବ୍ୟାପକ ହେଉଥିଲା । ସମସ୍ତ ସରକାରୀ ସ୍ତରରେ ଏହା ପଇସା ଆଦାୟର ଏକ ମାଧ୍ୟମ ଥିଲା । ଭାରତୀୟ ଡାକ ବିଭାଗ ପିନକୋର୍ଡ ନମ୍ବର ଆଧାରରେ ଡାକ ବିତରଣ ବ୍ୟବସ୍ଥା କାର୍ଯ୍ୟ କରେ । ପିନ୍‌କୋଡ୍ ନମ୍ବର ଅଗଷ୍ଟ ୧୫, ୧୯୭୨ରେ ହୋଇଥିଲା । **୧୯୮୬ ମସିହାରେ 'ସ୍ପିଡ଼ ପୋଷ୍ଟ' ପ୍ରଚଳିତ ହେଲା, ଯାହା ବର୍ତ୍ତମାନ ଭାରତବର୍ଷରେ ଚିଠି ଏବଂ ପାର୍ସଲ ପ୍ରେରଣର ସର୍ବୋତ୍କୃଷ୍ଟ ମାଧ୍ୟମ । ୧୯୯୩ ପର ଠାରୁ ପୋଷ୍ଟ ଅଫିସରେ କମ୍ପୁଟର ମାଧ୍ୟମରେ କାମ ଆରମ୍ଭ ହେଲା । ୧୯୯୪ରେ 'ଏକ୍ସପ୍ରେସ ପାର୍ସଲ ପୋଷ୍ଟ' ଏବଂ VSAT ମନି ଅର୍ଡର ସେବା ଆରମ୍ଭ ହେଲା, ସାଟେଲାଇଟ ସେବା ମାଧ୍ୟମରେ କମ୍ପ୍ୟୁଟର ଉପଯୋଗ କରି କିଛି ମିନିଟ ମଧ୍ୟରେ ଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ପଇସା ପ୍ରେରଣ ସମ୍ଭବ ହେଲା । ୨୦୧୨ ମସିହାରେ ସୂଚନା ପ୍ରଯୁକ୍ତି ବିଦ୍ୟା ମାଧମରେ ଅତି ଆଧୁନିକ ସେବା ପ୍ରକଳ୍ପର ଆରମ୍ଭ ହେଲା ।**

**୧୮୭୪ ମସିହା ଅକ୍ଟୋବର ୯ରେ 'ୟୁନିଭରସାଲ ପୋଷ୍ଟ ୟୁନିୟନ' ଗଠନ ପାଇଁ ସ୍ୱିଜରଲାଣ୍ଡର ବର୍ନରେ ୨୨ଟି ଦେଶ ମିଶି ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ । ପ୍ରଥମ ଏସୀୟ ଦେଶ ଭାବେ ଭାରତ ୟୁନିଭରସାଲ ପୋଷ୍ଟ ୟୁନିୟନର ସଦସ୍ୟ ହୋଇଥିଲା । ଆନନ୍ଦ ମୋହନ ନରୁଲା ନାମକ ଜଣେ ଭାରତୀୟଙ୍କ ପ୍ରସ୍ତାବ କ୍ରମେ ୧୯୬୯ ମସିହାରେ ଟୋକିଓରେ ହୋଇଥିବା ଏକ ସମ୍ମିଳନୀରେ ଅକ୍ଟୋବର ୯କୁ 'ବିଶ୍ୱ ଡାକ ଦିବସ' ଭାବେ ପାଳନ କରିବାକୁ ଘୋଷଣା ହୋଇଥିଲା ।**

ବର୍ତ୍ତମାନ ଭାରତରେ ପ୍ରାୟ ୧୬୫୦୦୦ ପୋଷ୍ଟ ଅଫିସରେ ପୁରୁଣା ଡାକ ସେବା ସହିତ ଅନେକ ଅତ୍ୟାଧୁନିକ ସେବା ଉପଲବ୍ଧ ହେଉଛି । ୨୦୧୩–୧୪ ରେ କମ୍ପ୍ୟୁଟର ମାଧମରେ ଚାଲୁଥିବା ପୁରୁଣା ସଞ୍ଚୟ ପୋଷ୍ଟ ସେବାର ବିକଳ୍ପ ଭାବେ ପ୍ରବେଶ କଲା ଫିନାକିଲ ସଫ୍ଟୱାର ଏହାର ନିର୍ମାଣ ଭାରତୀୟ କମ୍ପାନୀ ଇନ୍ଫୋସିସ ଦ୍ୱାରା ହୋଇଥିଲା ଏବଂ ଏହା ସମ୍ପୂର୍ଣ୍ଣ ଇଣ୍ଟରନେଟଭତ୍ତିକ ସେବା ଥିଲା । ଏବେ ମଧ୍ୟ ଭାରତୀୟ ଡାକ ବିଭାଗ ସମସ୍ତ ସ୍ୱଳ୍ପ ସଂଚୟ, ସୁକନ୍ୟା, ବରିଷ୍ଠ ନାଗରିକ ସଂଚୟ ଯୋଜନା ଇତ୍ୟାଦି ଏହି ସି ବି ଏସ ସେବା ମାଧ୍ୟମରେ ଉପଲବ୍ଧ । ୨୦୧୭ରେ ପୁରୁଣା ଚିଠି ପତ୍ର, ସ୍ପିଡ଼ ପୋଷ୍ଟ, ପାର୍ସଲ, ମନି ଅର୍ଡର, ପି ଏଲ ଆଇ ଇତ୍ୟାଦି ପାଇଁ ବ୍ୟବହୃତ ସଫ୍ଟୱାରର ପରିବର୍ତ୍ତନ ଘଟି ଟାଟା କମ୍ପାନୀ ଦ୍ୱାରା ପ୍ରସ୍ତୁତ SAP ଏବଂ point of sale ସଫ୍ଟୱାର ବ୍ୟବହାର କରାଗଲା । ୨୦୨୫ ମସିହା ପର ଠାରୁ ଭାରତୀୟ ଡାକ ବିଭାଗରେ ସମ୍ପୂର୍ଣ୍ଣ ନିଜସ୍ୱ ଜ୍ଞାନ କୌଶଳରେ ତିଆରି ସଫ୍ଟୱାରେ ବ୍ୟବହାର କରି ଆସୁଛି । ସମସ୍ତ ଅତ୍ୟାଧୁନିକ ସେବା ଯେପରି ATM, ଡିଜିଟାଲ ପେମେଣ୍ଟ, କ୍ୟୁ ଆର କୋଡ଼ ଦ୍ୱାରା ପଇସା ପଇଠ, ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ, NEFT, RTGS ଦ୍ୱାରା ତତ୍କାଳ ପଇସା ପ୍ରେରଣ ଏବଂ ଏସ ଏମ ଏସ ମାଧ୍ୟମରେ ଗ୍ରାହକଙ୍କୁ ସମସ୍ତ ସେବା ପ୍ରାପ୍ତିର ଅବଗତ କରାଇବା ସମ୍ଭବ ହେଉଛି ।

ସେବା ପ୍ରଦାନ କରିବା ବଡ଼କଥା ନୁହେଁ, ଗ୍ରାହକଙ୍କ ଆସ୍ଥା ଭାଜନ ହେବା ବର୍ତ୍ତମାନ ପରିପେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ । ଇତିହାସ ସାକ୍ଷୀ ଡାକ ବିଭାଗ ବର୍ଷ ବର୍ଷ ଧରି କେବଳ ସ୍ୱଚ୍ଛ ସେବା ନୁହେଁ ନିରବଛିନ୍ନ ସେବା ଦେଇ ଆସୁଛି ଏବଂ ଆସୁଥିବ । ଯେତେବେଳେ ଲୋକଟିଏ ଚିଠି ଲେଖି ଜାଣୁ ନଥିଲା, ସେତେବେଳେ ତା'ର ମନର କଥା ଡାକ କର୍ମଚାରୀକୁ କହିଲେ ସେମାନେ କାଗଜରେ ଉତାରି ଦେଉଥିଲେ । ନ ପଢି ପାରିଲେ ସେମାନେ ପଢି ଶୁଣାଉ ଥିଲେ । ଗାଁ ଗହଳିରେ ଡାକବାଲାର ନାମ ଆଜି ବି ଶ୍ରଦ୍ଧା ସମ୍ମାନର ସହିତ ନିଆଯାଏ । ପୋଷ୍ଟ ଅଫିସକୁ ଲୋକମାନେ କାର୍ଯ୍ୟାଳୟ ନ କହି 'ଡାକ ଘର' ନାମ ଦେଇଛନ୍ତି । ଆଜିର ଡିଜିଟାଲ ଯୁଗରେ ସମସ୍ତ ଡାକ କର୍ମଚାରୀ ପ୍ରତି ଘରେ ଡାକ ସେବା ପହଞ୍ଚେଇବା ପାଇଁ ବଦ୍ଧପରିକର । ପ୍ରତିଟି ଘର ଗୋଟିଏ ଗୋଟିଏ ଡାକଘର ହେଉ ଏବଂ ପ୍ରତ୍ୟେକ ଗ୍ରାହକ ଜଣେ ଜଣେ ଈଶ୍ୱର ଏହାହିଁ ଡାକ ବିଭାଗର ଶିକ୍ଷା । ବର୍ତ୍ତମାନ ଡାକ ଘରର ଭିତର ଏବଂ ବାହାରର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ପରିଷ୍କାର ପରିଚ୍ଛନ୍ନତା ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବ, ଗ୍ରାହକଙ୍କ ଆଗମନରେ ଡାକଘର ହସିଉଠୁ । ଗ୍ରାହକ ସନ୍ତୁଷ୍ଟି ଈଶ୍ୱର ପ୍ରାପ୍ତି– ଏହାହିଁ ପ୍ରତି ଡାକଘରର ମୂଳ ମନ୍ତ୍ର ହେଉ ।

**ପୋଷ୍ଟ ମାଷ୍ଟର, ସୂର୍ଯ୍ୟନଗର ପୋଷ୍ଟ ଅଫିସ**
**ଭୁବନେଶ୍ୱର, ୭୫୧୦୦୩**
**ମୋ–୯୪୩୭୧୭୫୭୬୪**

# ଶ୍ରାଦ୍ଧ ପର୍ବର ଆବଶ୍ୟକତା

**ବୈଷ୍ଣବ ଚରଣ ଦାଶ**

'ଶ୍ରଦ୍ଧୟା ପିତୃନ୍ ଉଦିଶ୍ୟ ବିଧିନା କ୍ରିୟତେ ଯତ୍‌କର୍ମ ତତ୍ ଶ୍ରାଦ୍ଧମ୍ ।' ସ୍ୱ ପିତୃଗଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାରେ ବିଧିପୂର୍ବକ ଯେଉଁ କର୍ମ କରାଯାଏ, ତାହାକୁ ଶ୍ରାଦ୍ଧ କୁହାଯାଏ । ପୁଣି କୁହାଯାଇଛି 'ଶ୍ରଦ୍ଧାର୍ଥମିଦଂ ଶ୍ରାଦ୍ଧମ୍ ' । ଶ୍ରଦ୍ଧାରୁ ଶ୍ରାଦ୍ଧ । ଶ୍ରାଦ୍ଧ କରିବାଦ୍ୱାରା କର୍ତ୍ତାଙ୍କ ଅନେକ ଉପକାର ସାଧିତ ହୁଏ । ଶ୍ରାଦ୍ଧରେ ସନ୍ତୁଷ୍ଟ ହୋଇ ପିତୃଗଣ ଶ୍ରାଦ୍ଧକର୍ତ୍ତାଙ୍କୁ ଦୀର୍ଘ ଆୟୁ, ସନ୍ତାନ ସନ୍ତତି, ଧନ, ବିଦ୍ୟା, ରାଜ୍ୟ, ସୁଖ,ସ୍ୱର୍ଗ ଓ ମୋକ୍ଷର ଆଶୀର୍ବାଦ ପ୍ରଦାନ କରିଥାନ୍ତି । ହିନ୍ଦୁ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧ କର୍ମ କରାଯାଏ । ସେସବୁ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ କୁହାଯାଏ ।

ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା ଅମାବାସ୍ୟା । ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ କୁହାଯାଏ । ଅନ୍ୟମତେ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନକୁ ଶ୍ରାଦ୍ଧ କୁହାଯାଏ । ଶ୍ରାଦ୍ଧ ଦିବସରେ ଶୁଦ୍ଧପୂତ ଅନ୍ତରରେ ଭକ୍ତି ସହକାରେ ସ୍ନାନପୂର୍ବକ ଦେବଗଣ, ଋଷିଗଣ, ପିତୃ ତଥା ମାତୃଗଣଙ୍କୁ ତିଳ–ତଣ୍ଡୁଳ ମିଶ୍ରିତ ଜଳ ଓ ପିଣ୍ଡଦାନ କରାଯାଏ ।

ଆଶ୍ୱିନ ମାସର ଏହି ୧୫ ଦିନକୁ ପିତୃପକ୍ଷ ଏବଂ ଶ୍ରାଦ୍ଧପକ୍ଷ ମଧ୍ୟ କୁହାଯାଏ । ଧାର୍ମିକ ମାନ୍ୟତା ଅନୁଯାୟୀ, ପିତୃପକ୍ଷର ୧୫ ଦିନ ମଧ୍ୟରେ ସଭିଏଁ ନିଜ ପୂର୍ବପୁରୁଷଙ୍କୁ ସ୍ମରଣ କରିବା ସହ ତାଙ୍କର ପୂଜାର୍ଚ୍ଚନା କରିଥାଆନ୍ତି । ଏହି ସମୟରେ ପୂର୍ବପୁରୁଷଙ୍କୁ ପିଣ୍ଡଦାନ, ତର୍ପଣ, ଶ୍ରାଦ୍ଧ ସହ ବିଶେଷ ପୂଜା କର୍ମ ଆଦି କରାଯାଇଥାଏ । ଏହି ସମୟରେ ପବିତ୍ର ନଦୀମାନଙ୍କରେ ସ୍ନାନ କରାଯାଇଥାଏ ।

ଏହି ଅବସରରେ ସାରା ଦେଶରେ ହିନ୍ଦୁଧର୍ମାବଲମ୍ବୀ ସେମାନଙ୍କ ପୂର୍ବ ପୁରୁଷଙ୍କୁ ଶ୍ରାଦ୍ଧ ଦେବେ । ଯେଉଁମାନେ ଏହି ଶ୍ରାଦ୍ଧ କରନ୍ତି ନାହିଁ ସେମାନେ ଜୀବନ ବ୍ୟାପୀ ଦୁଃଖ ଭୋଗ କରନ୍ତି । ଶାସ୍ତ୍ରକାରଙ୍କ ମତରେ –

'ଶ୍ରାଦ୍ଧମ୍ ନ କୁରୁତେ ତତ୍ର ତସ୍ୟ ରକ୍ତ ପିବନ୍ତି ତେ, ସୂର୍ଯ୍ୟେ କନ୍ୟା ଗତମ୍ ଶ୍ରାଦ୍ଧମ୍ ଯେ ନ କୁର୍ଯ୍ୟାତ ଗୃହାଶ୍ରମେ । ଧନ ପୁତ୍ରା କୁତସ୍ତସ୍ୟ ପିତୃ ନିଶ୍ୱାସ ପୀଡୟା ।'

ତେବେ ପିତୃପକ୍ଷ ଶ୍ରାଦ୍ଧ ଆଜି କାଲିର ନୁହେଁ କେଉଁ ଆବାହମାନ ଯୁଗରୁ ଲୋକେ ସେମାନଙ୍କ ପିତରମାନଙ୍କୁ ଶ୍ରାଦ୍ଧ ଦାନ କରିଆସୁଛନ୍ତି । ପୌରାଣିକ ବିଶ୍ୱାସ ଅନୁଯାୟୀ, ମହାଦାନୀ କର୍ଣ୍ଣଙ୍କର ମୃତ୍ୟୁପରେ ତାଙ୍କ ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଲା, କିନ୍ତୁ ଅଭୁକ୍ତ ରଖାଗଲା, କିଛି ଖାଦ୍ୟ ଦିଆଗଲା ନାହିଁ, କାରଣ ଜୀବିତାବସ୍ଥାରେ ସେ କେବେ କୌଣସି ବ୍ୟକ୍ତିଙ୍କୁ ଅନ୍ନଦାନ ଦେଇନଥିଲେ । ସେ ଚିନ୍ତିତ ହୋଇ ଯମରାଜଙ୍କୁ ପ୍ରାର୍ଥନା କରିବାରୁ, ତାଙ୍କୁ ମାତ୍ର ପନ୍ଦର ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ପଠାଯାଇଥିଲା ।

ସେହି ପନ୍ଦରଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ଫଳସ୍ୱରୂପ ତାଙ୍କୁ ଆଉ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡ଼ି ନ ଥିଲା । ମର୍ତ୍ତ୍ୟାଲୋକରେ କର୍ଣ୍ଣ କଟାଇଥିବା ସେହି ପନ୍ଦରଦିନ ପିତୃପକ୍ଷ ଥିଲା । ବ୍ୟକ୍ତିଙ୍କ ପରିବାରର ସେହି ସବୁ ସଦସ୍ୟମାନେ ଯେଉଁମାନଙ୍କର ପରଲୋକ ହୋଇ ସାରିଥାଏ ତାଙ୍କୁ 'ପିତର' କୁହାଯାଏ । ଏଥିରେ ବୃଦ୍ଧ, ବୃଦ୍ଧା, ମହିଳା, ପୁରୁଷ ଓ ଦିବଙ୍ଗତମାନଙ୍କୁ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁ ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ସନ୍ତାନମାନେ ସେମାନଙ୍କ ପିତରଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ ଓ ଦାନ ଆଦି କରନ୍ତି ସେମାନେ ଅଖଣ୍ଡ ଶାନ୍ତିର ଅଧିକାରୀ ହୋଇଥାନ୍ତି । ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ–

**'ନ ବିପ୍ର ପାଦୌ ନ ଚ କର୍ଦ୍ଦମାନି,ନ ବେଦ ଶାସ୍ତ୍ର ଧ୍ୱନି ପୂରିତାନି, ସ୍ୱାହା ସ୍ୱଧା ଶବ୍ଦ ବିବର୍ଜିତାନି, ଶ୍ମଶାନ ତୁଲ୍ୟାନି ଗୃହାନି ତାନି ।'**

ଅର୍ଥାତ୍ ଯେଉଁ ଘରେ ଦେବ କର୍ମ ଏବଂ ପିତୃ କର୍ମ କରାଯାଏ ନାହିଁ ସେ ଗୃହ ଶ୍ମଶାନ ତୁଲ୍ୟ ଅଟେ । କେବଳ ସେତିକି ନୁହେଁ ପିତୃ ପୁରୁଷଙ୍କ ସନ୍ତୋଷରେ ଆମର ହୋଇ ପାରୁନଥିବା କାମ ବି ସହଜରେ ହୋଇଯାଏ ।

**ଯେଉଁ ଘରେ ଦେବ କର୍ମ ଏବଂ ପିତୃ କର୍ମ କରାଯାଏ ନାହିଁ ସେ ଗୃହ ଶ୍ମଶାନ ତୁଲ୍ୟ ଅଟେ । କେବଳ ସେତିକି ନୁହେଁ ପିତୃ ପୁରୁଷଙ୍କ ସନ୍ତୋଷରେ ଆମର ହୋଇ ପାରୁନଥିବା କାମ ବି ସହଜରେ ହୋଇଯାଏ । ସୂକ୍ଷ୍ମ ଶରୀରରେ ରହି ସେମାନେ ଆମର ସହାୟତା କରନ୍ତି । ଏଣୁ କୁହାଯାଏ ପିତୃପକ୍ଷରେ ପିଣ୍ଡଦାନ ସହ ସେମାନଙ୍କ ସନ୍ତୋଷ ନିମନ୍ତେ ଶ୍ରାଦ୍ଧ ଓ ତର୍ପଣ କରିବା ଉଚିତ । ତେବେ ଯେଉଁମାନେ ନିଜର ପିତରଙ୍କ ମୃତ୍ୟୁ ତିଥି ଭୁଲି ଯାଇଥାନ୍ତି ଓ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ କରିପାରନ୍ତି ନାହିଁ । ତେବେ ସେମାନେ ପିତୃମୋକ୍ଷ ଅମାବାସ୍ୟାରେ ଶ୍ରାଦ୍ଧଦାନ କଲେ ସେମାନଙ୍କର ଆତ୍ମ ସନ୍ତୋଷ ହୋଇଥାଏ ବୋଲି ଭାରତୀୟ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ରହିଛି ।**

ସୂକ୍ଷ୍ମ ଶରୀରରେ ରହି ସେମାନେ ଆମର ସହାୟତା କରନ୍ତି । ଏଣୁ କୁହାଯାଏ ପିତୃପକ୍ଷରେ ପିଣ୍ଡଦାନ ସହ ସେମାନଙ୍କ ସନ୍ତୋଷ ନିମନ୍ତେ ଶ୍ରାଦ୍ଧ ଓ ତର୍ପଣ କରିବା ଉଚିତ । ତେବେ ଯେଉଁମାନେ ନିଜର ପିତରଙ୍କ ମୃତ୍ୟୁ ତିଥି ଭୁଲି ଯାଇଥାନ୍ତି ଓ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ କରିପାରନ୍ତି ନାହିଁ ।

ତେବେ ସେମାନେ ପିତୃମୋକ୍ଷ ଅମାବାସ୍ୟାରେ ଶ୍ରାଦ୍ଧଦାନ କଲେ ସେମାନଙ୍କର ଆତ୍ମ ସନ୍ତୋଷ ହୋଇଥାଏ ବୋଲି ଭାରତୀୟ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ରହିଛି । ଶ୍ରାଦ୍ଧ ଦିବସରେ କେତେକ କର୍ମ ଆମ ପାଇଁ ନିଷିଦ୍ଧ ରହିଛି । ଶ୍ରାଦ୍ଧ କଳ୍ପଲତାରେ ବର୍ଣ୍ଣିତ ଅଛି–

**'ପୁନର୍ଭୋଜନ ମଧ୍ୱାନମ, ଭାରମାୟାସ ମୈଥୁନମ୍, ଦାନମ୍ ପ୍ରତିଗ୍ରହୋ ହୋମମ୍, ଶ୍ରାଦ୍ଧ ଭୁକ୍ତ୍ୱଷ୍ଟ ବର୍ଜୟେତ୍ ।'**

ଅର୍ଥାତ୍ ଶ୍ରାଦ୍ଧ ଦିବସରେ ଏକାଧିକ ବାର ଭୋଜନ, ମୈଥୁନ, ଭାର ବୋହିବା, ଶ୍ରାଦ୍ଧ ଛାଡ଼ି ଯାତ୍ରା କରିବା, ପରିଶ୍ରମ କରିବା, ଦାନ ଗ୍ରହଣ କରିବା, ହୋମ କରିବା, ଅନ୍ୟ ଘରେ ଭୋଜନ କରିବା ଆଦି ନିଷିଦ୍ଧ କରାଯାଇଛି ।

ପିତୃପକ୍ଷରେ ପ୍ରାୟତଃ କାଉମାନଙ୍କୁ ଭୋଜନ ଦିଆଯାଇଥାଏ, ଯାହା 'କାକବଳି' ନାମରେ ଉଲ୍ଲିଖିତ । ଶ୍ରାଦ୍ଧରେ କାଉର ଅନେକ ମହତ୍ତ୍ୱ ରହିଛି । କାଉଙ୍କୁ ସଂରକ୍ଷଣ ଦେବା କେବଳ ଧାର୍ମିକ ମହତ୍ତ୍ୱ ନା ଏହାର ବୈଜ୍ଞାନିକ ମହତ୍ତ୍ୱ ରହିଛି, ଏହା ଏକ ପର୍ଯ୍ୟାଲୋଚନାର ବିଷୟ, ଯାହା ଅନୁଯାୟୀ କାଉ, ପ୍ରକୃତି ତଥା ମାନବ ଜୀବନ ସହ ଗଭୀର ସମ୍ବନ୍ଧ ରହିଛି । ଏକ ସୂଚନା ଅନୁଯାୟୀ, କାଉ ଅଧିକାଂଶ ବର ଓ ଅଶ୍ୱତ୍ଥ ବୃକ୍ଷର ଫଳ ଖାଇଥାଏ ଏବଂ ମଳ ତ୍ୟାଗ କରେ ଯଦ୍ୱାରା ଅନେକ ଘରର ଛାତ ଓ ଭିନ୍ନ ଭିନ୍ନ ସ୍ଥାନରେ ବର ଓ ଅଶ୍ୱତ୍ଥ ବୃକ୍ଷ ସୃଷ୍ଟି ହୋଇଥାଏ । ତେଣୁ କାଉ କାରଣରୁ ହିଁ ଅଧିକାଂଶ ବର ଓ ଅଶ୍ୱତ୍ଥ ବୃକ୍ଷ ଉତ୍ପନ୍ନ ହୋଇଥାଏ ।

ବର ଓ ଅଶ୍ୱତ୍ଥକୁ ଭାରତୀୟ ଶାସ୍ତ୍ରରେ ଧାର୍ମିକ ବୃକ୍ଷର ମାନ୍ୟତା ଦିଆ ଯାଇଛି । ସେଗୁଡିକ ଏପରି ବୃକ୍ଷ ଯେଉଁଥିରୁ ୨୪ ଘଣ୍ଟା ଅମ୍ଳଜାନ ମିଳିଥାଏ ଓ ଏହା ଦୀର୍ଘସ୍ଥାୟୀ ବୃକ୍ଷ । ଏହାସହ ବର ଓ ଅଶ୍ୱତ୍ଥ ବୃକ୍ଷର ବହୁ ଔଷଧୀୟ ଗୁଣ ଥିବାରୁ ଏହି ବୃକ୍ଷର ସଂରକ୍ଷଣ ପାଇଁ କାଉ ଜୀବିତ ରହିବା ନିତାନ୍ତ ଆବଶ୍ୟକ ।

ସନାତନୀ ପରମ୍ପରାରେ ଦ୍ୱାଦଶ ପ୍ରକାରର ଶ୍ରାଦ୍ଧର ବର୍ଣ୍ଣନା ଅଛି । ସେଗୁଡିକ ହେଲା ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି, ସପିଣ୍ଡିନ, ପାର୍ବଣ, ଗୋଷ୍ଠ, ଶୁଦ୍ଧି, କର୍ମାଙ୍ଗ, ଦୈବିକ, ତୁଷ୍ଟି ଶ୍ରାଦ୍ଧ ଏବଂ ସାମ୍ବତ୍ସରିକ ଶ୍ରାଦ୍ଧ । ତେବେ କେତେକ କ୍ଷେତ୍ରରେ ଦେଖାଯାଏ ଶ୍ରାଦ୍ଧ ଦୁଇ ପ୍ରକାରର । ଗୋଟିଏ ଏକୋଦ୍ଦିଷ୍ଟ ଓ ଅନ୍ୟଟି ପାର୍ବଣ । ସାଧାରଣତଃ ଶ୍ରାଦ୍ଧରେ ସାତଗୋଟି ବିଧି ରହିଛି । ମହର୍ଷି ମନୁ କହନ୍ତି–

**'ଅଗ୍ନୌ କରଣ ଦେବସ୍ଥା ସ୍ୱର୍ଗସ୍ଥା ବିପ୍ର ଭୋଜନେ, ଅର୍ଘ୍ୟ ପାତ୍ରେ ମନୁ ସଂସ୍ଥା ଅସୁରା ଭୂରି ଭୋଜନେ । ଉର୍ଜ ବହନ୍ତି ଭୂତାନାମ ନରକସ୍ତୁ ବିସର୍ଜନେ, ପିଣ୍ଡେନ ପିତୃ ଲୋକସ୍ଥ ଶ୍ରାଦ୍ଧେ ସପ୍ତ ବିଧିୟତେ ।'**

ତେଣୁ ଆମେ ପିତୃ ଲୋକଙ୍କ ସ୍ଥାନ ନିରୂପଣ କରିପାରୁ ନଥିବାରୁ ସମସ୍ତ ବିଧି ଶ୍ରାଦ୍ଧରେ କରୁଛେଁ । ଏଣୁ ଶାସ୍ତ୍ର କୁହନ୍ତି, ଯେଉଁ ବ୍ୟକ୍ତି ଜୀବିତ ଅବସ୍ଥାରେ ନିଜର ମାତା–ପିତାଙ୍କ ଅନାଦର କରନ୍ତି ତଥା ମୃତ୍ୟୁପରେ ଶ୍ରାଦ୍ଧ–ତର୍ପଣ କରନ୍ତି ନାହିଁ ତେବେ ଆଗାମୀ ଜନ୍ମରେ ତାଙ୍କଠାରେ ପିତୃ ଦୋଷ ପରିଲକ୍ଷିତ ହୁଏ ।

ଏହି ପିତୃ ଦୋଷରୁ ଅନେକ ଅଶୁଭ ପ୍ରଭାବ ଅନୁଭୂତ ହୁଏ । ଉତ୍କଳମଣି ଗୋପବନ୍ଧୁ ଦାସ କାରାବରଣ ଅବସ୍ଥାରେ ମଧ୍ୟ ଏହି ପିତୃପକ୍ଷରେ ତର୍ପଣାଦି କାର୍ଯ୍ୟ କରୁଥିଲେ । ବିଶେଷ ଭାବେ କିଛି କରି ନ ପାରିଲେ ମଧ୍ୟ କେବଳ ଜଳ ତିଳ ତର୍ପଣ କରିଛନ୍ତି, ଯାହାକୁ ନେଇ ସେ ଏକ କବିତା 'ପିତୃପକ୍ଷ ତର୍ପଣ' ବୋଲି ରଚନା କରି କହିଛନ୍ତି–

**'ଆସିଅଛି ପିତୃପକ୍ଷ କରୁଛି ତର୍ପଣ,ମନ୍ତ୍ରପାଠ ତିଳୋଦକେ କରେ ସମର୍ପଣ । ପିତୃ ପିତାମହଗଣ ବୈଦିକ ବିଧାନେ, ଦେବଗଣେ, ଋଷିଗଣେ ପୂଜେ ଜଳଦାନେ । ଅଧିକ କରିବି କିବା ଏଥି କାରାବାସେ, ଏ ଆଶ୍ୱାସ ସଙ୍ଗେ ମନେ ସଂଶୟ ମୋ ଆସେ ।'**

ପରିଶେଷରେ ଏତିକି କୁହାଯାଇ ପାରେ ଯେଉଁ ବ୍ୟକ୍ତିମାନେ 'ମହାଳୟା' ଦିନ ଶ୍ରାଦ୍ଧ କରନ୍ତି ନାହିଁ ସେମାନଙ୍କୁ ତାହାଙ୍କ ପିତୃ ପୁରୁଷମାନେ ଅଭିଶାପ ଦେଇ ନିଜ ଲୋକକୁ ପ୍ରତ୍ୟାବର୍ତ୍ତନ କରନ୍ତି । କୂର୍ମ ପୁରାଣରେ କୁହାଯାଇଛି ଯେ–

'ଅମାବାସ୍ୟା ଦିନେ ପ୍ରାପ୍ତେ ଗୃହଦ୍ୱାରେ ସମାଶ୍ରିତା, ବାୟୁଭୂତା ପ୍ରପଶ୍ୟନ୍ତି ଶ୍ରାଦ୍ଧମ୍ ବୈ ପିତରୋ ନୃଣାମ୍ । ଯାବଦସ୍ତ ମନଂ ଭାନୋ କ୍ଷୁପିତ୍‌ପାସା ସମାକୁଳାଃ, ତତସ୍ତାସ୍ତଂ ଗତେ ଭାନୋ ନିରାଶା ଦୁଃଖ ସଂଯୁତା ।'

ଅତଏବ ପିତୃଗଣଙ୍କ ସନ୍ତୁଷ୍ଟି ପାଇଁ ତଥା ନିଜର ଏବଂ ନିଜ ପରିବାରର କଲ୍ୟାଣ ପାଇଁ ଅବଶ୍ୟ ଶ୍ରାଦ୍ଧ କରିବା ଉଚିତ । ପରିତାପର ବିଷୟ ଏହିକି ଆଜିର ଏକବିଂଶ ଶତାବ୍ଦୀରେ ମାନବ ନିଜର ସଂସ୍କୃତି, ପରମ୍ପରା, ବିଧି ଏବଂ ଧର୍ମ ଧାରାକୁ ଭୁଲିଯାଇ ଶ୍ରାଦ୍ଧ ତର୍ପଣାଦିକୁ ଭୁଲିଗଲେଣି ।

ତେଣୁ ଆଜିର ଶିକ୍ଷିତ ସମାଜକୁ ଅନୁରୋଧ ନିଜର କୌଳିକ ପରମ୍ପରା, ଶାସ୍ତ୍ରକୁ ଭୁଲି ନ ଯାଇ ଶ୍ରଦ୍ଧାର ସହ ଏହି ପିତୃପକ୍ଷ ଓ ମହାଳୟାକୁ ପାଳନ କରିବା ଆବଶ୍ୟକ ।

**ବୀରଧନଞ୍ଜୟ ପୁର, ଶାସନ**
**ବୁଗୁଡ଼ା,ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ଓଜେସି ରାଜ୍ୟ ସଭାପତି ମହମ୍ମଦ ମୋକିମ୍‌ଙ୍କ "ଚା' ଖଟି

କଟକ, (ସ୍ୱପ୍ର): ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପାର୍ଟିର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ



ମହମ୍ମଦ ମୋକିମ ଗୁରୁବାର କଟକର ଯୋବ୍ରା ଅଞ୍ଚଳରେ ଏକ ନିଆରା "ଚା' ଖଟି' କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହେବା ଏବଂ ସେମାନଙ୍କ ସୁଖ-ଦୁଃଖ ବୁଝିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଖଟିରେ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ ଓ ଯୁବପିଢ଼ି ବହୁ ସଂଖ୍ୟାରେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ଶ୍ରୀ ମୋକିମ ଉପସ୍ଥିତ ଜନସାଧାରଣଙ୍କ ସହ ରାଜ୍ୟ ତଥା ଦେଶର ସାଂପ୍ରତିକ ରାଜନୈତିକ ଓ ସାମାଜିକ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଗଣତନ୍ତ୍ରରେ ଜନସାଧାରଣ ହିଁ ପ୍ରକୃତ ଶକ୍ତି । ଲୋକଙ୍କ ମୌଳିକ ସମସ୍ୟାର ସମାଧାନ, ବେକାରୀ ଦୂରୀକରଣ ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଆମକୁ ତୃଣମୂଳ ସ୍ତରରୁ ଏକଜୁଟ ହେବାକୁ ପଡ଼ିବ । ଏହା ସହିତ ସେ ଦଳୀୟ ସଙ୍ଗଠନକୁ ଓ୍ୱାର୍ଡ ତଥା ବୁଥ୍ ସ୍ତରରେ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି "ଚା' ଖଟି' କାର୍ଯ୍ୟକ୍ରମରେ ଓଜେସି କଟକ ସହର ସଭାପତି ଗିରିବାଳା ବେହେରା ଯୋଗଦେଇ ନଗର ସମସ୍ୟା, ସ୍ଥାନୀୟ ବିକାଶ ଓ ମହିଳା ସଶକ୍ତୀକରଣ ଉପରେ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପସାୟତ, ଯୋବ୍ରା ଦୁର୍ଗାପୂଜା କମିଟି ସାଧାରଣ ସଂପାଦକ ଶ୍ରୀମତ ଦାସ, ସଂଜୀବ ବେହେରା, ବିଶ୍ୱଜିତ ବେଉରା, ବରିଷ୍ଠ ଓଜେସି ନେତା ନିକୁଞ୍ଜ ପସାୟତ, ସୌମ୍ୟକାନ୍ତ ଜେନା, ସୁରେନ୍ଦ୍ର କୁମାର ଦାସ, ରନିାକର ସାମଲ,ଶ୍ୟାମ ସୁନ୍ଦର ହୋତା, ଶଶିକାନ୍ତ ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ସରୋଜ କୁମାର ସାମଲ ପ୍ରମୁଖ ଏହି ଚା ଖଟିରେ ସାମିଲ ହୋଇଥିଲେ ।

## ଟାଟା ଷ୍ଟିଲର ଦ୍ୱିତୀୟ ତ୍ରୈମାସିକରେ ୬.୨୧ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ

ଭୁବନେଶ୍ୱର(ସବ୍ୟୁ): ଟାଟା ଷ୍ଟିଲ୍ ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଭାରତରେ ୬.୨୧ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରିଛି । ଏହା ପୂର୍ବ ତ୍ରୈମାସିକ ତୁଳନାରେ ୮% ଓ ବାର୍ଷିକ ଭିତ୍ତିରେ ୧୦% ଅଧିକ । ଏହି ସମୟରେ ମୋଟ ବିକ୍ରି ୫.୯୭ ନିୟୁତ ଟନ୍ ରହିଛି, ଯାହା ତ୍ରୈମାସିକ ଭିତ୍ତିରେ ୧୫% ଓ ବାର୍ଷିକ ଭିତ୍ତିରେ ୭% ବୃଦ୍ଧି । ଅଟୋମୋଟିଭ୍, ବ୍ରାଣ୍ଡେଡ୍ ପ୍ରଡକ୍ଟସ୍, କନଷ୍ଟ୍ରକ୍ସନ୍ ଓ ଇଞ୍ଜିନିୟରିଂ ବିଭାଗରେ ମଧ୍ୟ ଉଲ୍ଲେଖନୀୟ ବିକ୍ରି ବୃଦ୍ଧି ହୋଇଛ ।ଅନ୍ତର୍ଜାତୀୟ ବଜାରରେ ମଧ୍ୟ କମ୍ପାନିର ଉତ୍ପାଦନ ଓ ବିକ୍ରିରେ ସ୍ଥିର ପ୍ରଦର୍ଶନ ଜାରି ରହିଛି ।

# ପୁରୀରେ ସଫଳ ହେଲା ଓଡ଼ିଶା ବନ୍ଦ: କଂଗ୍ରେସ

ପୁରୀ, (ସବ୍ୟୁ): ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ପୁରୀ ସହର ଓ ପୁରୀ ସଦର ଅଞ୍ଚଳରେ ପ୍ରଭାବ ପରିଲକ୍ଷିତ ହୋଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନବଜାର, ଘରୋଇ ବସ୍ ଓ ଅଟୋ ଚଳାଚଳ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟାଙ୍କ ବନ୍ଦ ରହିଥିବା ଦେଖା ଯାଇଛି । ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫ, ପାଠ୍ୟ ପୁସ୍ତକରେ ତ୍ରୁଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଏବଂ ବନ୍ୟାପୀଡ଼ିତଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦକୁ ରାଜ୍ୟ ଅଟୋ ମହାସଂଘ ସମର୍ଥନ କରିବା ସହ ପୁରୀରେ ଅଟୋ ଚଳାଚଳ ବନ୍ଦ ରହିଥିଲା । ଘରୋଇ ବସ୍ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟରେ ଅସହଯୋଗ କରାଯାଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି । ଜିଲ୍ଲା କଂଗ୍ରେସ



ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ କଚେରି ଛକରେ ଦଳୀୟ ନେତା ଓ କର୍ମୀମାନେ ରାସ୍ତାରୋକ କରି ଧାରଣା ଦେଇଥିଲେ । ଏହାପରେ ଶତାଧିକ କର୍ମୀ ବିଭିନ୍ନ ଦଳରେ ବିଭକ୍ତ ହୋଇ ରେଳ ଷ୍ଟେସନ, ବସଷ୍ଟାଣ୍ଡ, ବଡ଼ଦାଣ୍ଡ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ପହଞ୍ଚି ବନ୍ଦ ପାଳନ ପାଇଁ ଅନୁରୋଧ କରିଥିଲେ । ପୁରୀ-୧ ଓ ପୁରୀ-୨ ଅଞ୍ଚଳରେ ପୃଥକ ଶୋଭାଯାତ୍ରା କରାଯାଇଥିଲା । ପୁରୀ-୨ ଶୋଭାଯାତ୍ରାରେ ବିଦ୍ୟୁଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ଅଶ୍ୱିନୀ ବଳବନ୍ତରାୟ, ଅମୀୟ ମହାପାତ୍ର, ଆଶୁତୋଷ ମିଶ୍ର, କୁଶ ସେଠୀଙ୍କ ସମେତ ବହୁ ନେତା ଯୋଗଦେଇଥିଲେ । ସେହିପରି ପୁରୀ-୧ ଶୋଭାଯାତ୍ରାରେ ଆର୍ତ୍ତତ୍ରାଣ ସାହୁ, ସୁଜିତ ମହାପାତ୍ର, ବିଶ୍ୱନାଥ ଦାଶ, ବିଶ୍ୱରଞ୍ଜନ ମହାପାତ୍ର ଓ ଆଦର୍ଶ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ । କଚେରି ଛକରୁ ଆରମ୍ଭ ହୋଇଥିବା ବିକ୍ଷୋଭ ଓ ନାରାବାଜି ପରେ ବନ୍ଦ ସମର୍ଥକମାନେ ଅଠରନଳା ଠାରେ ଏକତ୍ରିତ ହୋଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ରଙ୍କ ନେତୃତ୍ୱରେ ସେଠାରେ ବନ୍ଦ ପାଳନ କରାଯାଇ ଥିଲା । ସେହିପରି ଇଣ୍ଡିଆ ମେଣ୍ଟର ସମର୍ଥକ ଦଳ ଭାରତ ମାର୍କସବାଦି କମ୍ୟୁନିଷ୍ଟ ପାର୍ଟି ଏମ୍ ଏଲ ପକ୍ଷରୁ ମଧ୍ୟ ସହର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିବା ଦେଖା ଯାଇଛି । ସିପିଆଇଏମ୍ ନେତା ଶରତ ଚନ୍ଦ୍ର ରାଏଗୁରୁ , ସମେତ ବହୁ ବରିଷ୍ଠ ନେତାମାନେ ଯୋଗଦାନ କରିଥିଲେ ।

# ଛାତ୍ର ସଂସଦ ନିର୍ବାଚନରେ ପକ୍ଷପାତିତା କରୁଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଛାତ୍ର ସଂସଦ ନିର୍ବାଚନରେ ଲିଙ୍ଗ୍‌ଡୋ କମିଶନଙ୍କ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଛି । କ୍ୟାମ୍ପସ ରାଜନୀତିରେ ବିଜେପି ନେତା ହସ୍ତକ୍ଷେପ କରୁଛନ୍ତି । ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିବାକୁ ରାଜନୈତିକ ଚାପ ପକାଯାଉଛି । ଶାସକ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ଜିତେଇବାକୁ ପ୍ରୟାସ କରାଯାଉଥିବାରୁ କଡ଼ା ନିନ୍ଦା କରିଛି ବିଜେଡି । ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ବିଧାୟକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସିତା ସାହୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ।

ଶ୍ରୀ ଘଡ଼େଇ କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନ ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ନୀତିନିୟମକୁ ଉଲ୍ଲଂଘନ କରାଯାଇ ଏବିଭିପି ସପକ୍ଷରେ ନିର୍ବାଚନ ଫଳାଫଳକୁ ନେବା ପାଇଁ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି । ଛାତ୍ର ସଂସଦ ନିର୍ବାଚନ ଜରିଆରେ ଜେନ ଜି ମାନେ ଏକ ବଡ଼ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି । ଭବିଷ୍ୟତ ପିଢ଼ି ଜେନ ଜି ମାନଙ୍କ ଅଧିକାରକୁ କ୍ଷୁଣ୍ଣ କରାଯାଉଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି । ଷଡ଼ଯନ୍ତ୍ର କରି ଅନୈତିକ ଉପାୟରେ ଛାତ୍ର ସଂସଦ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବିଜେପି ।

ଶ୍ରୀ ବ୍ୟୋମକେଶ ରାୟ କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନ ଲିଙ୍ଗ୍‌ଡୋ କମିଶନଙ୍କ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଚଳିତ ବର୍ଷ ବିଜେପି ସରକାର କମିଶନଙ୍କ ନିୟମକୁ ଅବମାନନା କରି ଛାତ୍ର ସଂସଦ ନିର୍ବାଚନ କରୁଛନ୍ତି । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ ରହିବା କଥା, ନଚେତ ପାର୍ଥୀପତ୍ର ନାକଚ ହୋଇଯିବ । କିନ୍ତୁ ଅନେକ ସ୍ଥାନରେ ବିଜେପି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ରକୁ ସୁରକ୍ଷିତ ରଖିବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ନଥିବା ବେଳେ ତାହାକୁ ବଦଳାଇ ଦିଆଯାଉଛି । ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିବା ପାଇଁ ରାଜନୈତିକ ଚାପ ପ୍ରୟୋଗ କରାଯାଉଛି । ଯଦି ଅନ୍ୟାୟ ଭାବେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରାଯିବ, ତେବେ ବିଜେଡି ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯିବ । ବିଜେଡି ସର୍ବଦା ସ୍ୱଚ୍ଛ ନିର୍ବାଚନ କରାଇବା ଉପରେ ଗୁରୁତ୍ୱ ଦିଏ । ଯଦି ଷଡ଼ଯନ୍ତ୍ର କରି କୌଣସି ବେନିୟମ କାର୍ଯ୍ୟ କରାଯିବ, ତେବେ ବିଜେଡି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇ ଦୃଢ଼ ଜବାବ ଦିଆଯିବ । ଇପ୍‌ସିତା ସାହୁ ଓ ଚିନ୍ମୟ ସାହୁ ମଧ୍ୟ କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନରେ କୁଳପତି, ଅଧ୍ୟକ୍ଷ, ପ୍ରଫେସର ଓ ଅନ୍ୟାନ୍ୟ କର୍ମଚାରୀ ମାନେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟ କରାଇବାକୁ କାର୍ଯ୍ୟ କରୁଛନ୍ତି । ଏହିପରି ପକ୍ଷପାତିତା କାର୍ଯ୍ୟରୁ ସରକାର ନିବୃତ୍ତ ରୁହନ୍ତୁ, ନଚେତ ବିଜେଡି ପକ୍ଷରୁ ଘୋର ବିରୋଧ କରାଯିବ ।

# କଟକରେ ସେଡ୍ରା ଫିଲ୍‌ର 'ଶ୍ରୀବସ୍ତ୍ରମ୍' ନୂତନ ଉତ୍ପାଦନ ୟୁନିଟ୍

କଟକ, (ସ୍ୱପ୍ର): ଓଡ଼ିଶାର ନିଜସ୍ୱ ପରିଚୟ ଓ ଦକ୍ଷ ଓଡ଼ିଆ ପ୍ରତିଭାଙ୍କୁ ଆଗକୁନେବା ଦିଗରେ ଆଉ




ଏକ ପଦକ୍ଷେପ ନେଇ କଟକର ଶ୍ରୀରାମନଗର ମଧୁପାଟଣା ଠାରେ ସେଡ୍ରାଫିଲ୍‌ର ଶ୍ରୀବସ୍ତ୍ରମ୍ ନୂତନ ଉପିାଦନୟୁନିଟ୍ ଶୁଭାରମ୍ଭ ହୋଇଛି । ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏହି ନୂତନୟୁନିଟ୍‌ର ଉଦଘାଟନ କରିଥିଲେ । ଏହି ଅବସରରେକମ୍ପାନୀର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ କୁମାର ନାୟକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଋତୁରାଜ ଶକ୍ତ୍ୱାତ୍ ଓ ନିର୍ଦ୍ଦେଶକ ବିଜୟ କୁମାର ମହାନ୍ତଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । କଟକରେ ଆରମ୍ଭ ହୋଇଥିବା ଏହି ନୂତନ ଉପିାଦନୟୁନିଟ୍‌କୁ ଓଡ଼ିଶାରେ ସ୍ପୋର୍ଟସ୍‌ୱେୟାର୍ ଓ ଟି-ସାର୍ଟ ଉପିାଦନ କ୍ଷେତ୍ରରେ ଏକ ନୂଆ ପଦକ୍ଷେପ ଭାବେ ବିବେଚନା କରାଯାଉଛି । ଏଠାରେ ବିଭିନ୍ନ ପ୍ରକାରର ଟି-ସାର୍ଟ, ଜର୍ସି, କ୍ୟାପ୍ ଓ ଅନ୍ୟାନ୍ୟ ସ୍ପୋର୍ଟସ୍ ୱେୟାର୍ ଉପଲବ୍ଧ ହେବ । ଓଡ଼ିଶାର ମାଟିରୁ ଓଡ଼ିଶାର ପ୍ରତିଭାକୁ ନେଇ ଏକ ନୂଆ ବ୍ରାଣ୍ଡକୁ ଜାତୀୟ ସ୍ତରରେ ପରିଚିତ କରାଇବାର ଆଶା ଓ ସଂକଳ୍ପ ସହ ସେଡ୍ରାଫିଲ୍ ଏକ ନୂଆ ପରିଚୟ ତିଆରି କରିଛି ।

## 'ସ୍ପ୍ରାଇଟ ଟ୍ରୁଥ ଆଣ୍ଡ ସ୍ପାଇସ' ସହ ସ୍ପ୍ରାଇଟ ଉତ୍ସାହକୁ ବଢ଼ାଇଲା

ଭୁବନେଶ୍ୱର (ସବ୍ୟୁ): କୋକା-କୋଲା କମ୍ପାନୀର ବିଲିୟନ-ଡ଼ଲାର ମୂଲ୍ୟର ଲେମ୍ବୁ-ସୋଡ଼ାର ସ୍ୱାଦଯୁକ୍ତ ପାନୀୟ ବ୍ରାଣ୍ଡ ସ୍ପ୍ରାଇଟ, 'ସ୍ପ୍ରାଇଟ ଟ୍ରୁଥ ଆଣ୍ଡ ସ୍ପାଇସ'ର ଶୁଭାରମ୍ଭ ବିଷୟରେ ଆଜି ଘୋଷଣା କରିଛି- ଯାହାକି ଆଠଟି-ଅଧ୍ୟାୟ ବିଶିଷ୍ଟ ଏକ ଡ଼ିଜିଟାଲ ମନୋରଞ୍ଜନ ଶୃଙ୍ଖଳ, ଯାହା ଭାରତୀୟ ମାନଙ୍କର ରାଗ / ମସଲାଯୁକ୍ତ ଖାଦ୍ୟ ପ୍ରତି ଭଲ ପାଇବା ଏବଂ ମନଖୋଲା କଥାବାର୍ତ୍ତା ଉପରେ ଏହା ଆଧାରିତ । ଆଜିର ଡ଼ିଜିଟାଲ ଫ୍ରେଣ୍ଡଲି ଦର୍ଶକଙ୍କ ପାଇଁ ପ୍ରସ୍ତୁତ ଏହି ଶୃଙ୍ଖଳରେ ବିଭିନ୍ନ ସେଲିବ୍ରିଟିମାନେ ଯୋଡ଼ି ହୋଇ ମଜାଦାର ଆହ୍ୱାନ, ଖୋଲାଖୋଲି ଆଲୋଚନା ଏବଂ ଅପ୍ରତ୍ୟାଶିତ ମୁହୂର୍ତ୍ତ ଗୁଡ଼ିକ ମାଧ୍ୟମରେ ପ୍ରସିଦ୍ଧ ମସଲାଯୁକ୍ତ ଖାଦ୍ୟର ମଜା ନେଉଥିବାର ଦେଖିବାକୁ ମିଳିବ, ଯାହା ସାଧାରଣ ମସଲାଯୁକ୍ତ ଅନୁଭୂତିକୁ ଏକ ନୂଆ ପପ୍ ସଂସ୍କୃତିର ଆକାର ଦେଉଛୁ । ଏହି ଶୃଙ୍ଖଳରେ ବିଭିନ୍ନ କ୍ଷେତ୍ରର ପ୍ରସିଦ୍ଧ ବ୍ୟକ୍ତିବିଶେଷମାନେ ନଜରକୁ ଆସିବେ ଯେଉଁମାନଙ୍କ ମଧ୍ୟରେ ରହିଛନ୍ତି: ହାସ୍ୟାଭିନେତା ଆଦିତ୍ୟ କୁଲଶେଷ୍ଠ (କୁଲ୍ଲୁ) ଏବଂ ଯାତ୍ରା ସ୍ରଷ୍ଟିକାରୀ ଲାରିସା ଡ଼ି'ସା; ଡ଼ିଜିଟାଲ କ୍ରିଏଟର ଶ୍ରେୟା କାଲରା (ଲକ ଅପ ଶୃଙ୍ଖଳ ଦୁଇର ବିଜେତା)ଙ୍କ ସହିତ ରିଷଭ ଜୈସୱାଲ୍; ଭାରତୀୟ କ୍ରିକେଟର ଅର୍ଶଦୀପ ସିଂହ ଏବଂ ସମରିନ୍ କୌର; ସଙ୍ଗୀତ ପ୍ରଯୋଜକ ତଥା ସଙ୍ଗୀତକାର-ସଙ୍ଗୀତ ଲେଖକ ଗର୍ଭ ତାନେଜା ଏବଂ ନନ୍ଦିନୀ ନାୟଲ (ଗିନି); ଅଭିନେତା ଏବଂ ନୃତ୍ୟକାର ଶାନ୍ତନୁ ମାହେଶ୍ୱରୀ ଏବଂ ଶ୍ରୁତି ସିହ୍ନା; ବରୁଣ ସୁଦ୍ ଏବଂ ବିହାନ ସାମଟ୍; ଦୃଶ୍ୟମାନ ହାସ୍ୟାଭିନେତା ସ୍ୱାତୀ ସଚଦେବା ଏବଂ ଗୁରଲିନ୍ ପାନ୍ନୁ ଏବଂ ନୟନୀ ପାବନୀ ଓ ମେହବୁବ୍ ଦିଲ ସେ ।

# ଜଟଣୀ ସହରରେ ଓଡ଼ିଶା ବନ୍ଦ୍‌ର ପ୍ରଭାବ ଅନୁଭୂତ

ଜଟଣୀ, (ସବ୍ୟୁ) : ଇଣ୍ଡିଆ ମେଣ୍ଟ ,ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି,ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୋଟ ଚୋରି ପ୍ରସଙ୍ଗକୁ, ଓଡ଼ିଶାର ଗଣ ଶିକ୍ଷା ମନ୍ତ୍ରୀ, ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ସହ, ବନ୍ୟା ବିପନ୍ନ ଅଞ୍ଚଳ ମାନଙ୍କରେ ରିଲିଫ୍,ସହ ବାସଗୃହ ସହ ଚାଷୀ ମାନଙ୍କୁ ସାହାଯ୍ୟ ଦେବାରେ ବିଫଳ ପ୍ରତିବାଦରେ ଇଣ୍ଡିମେଣ୍ଟ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ ଅବସରରେ ପିସିସି ସମ୍ପାଦକ ଅଶୋକ ମଙ୍ଗରାଜଙ୍କ ନେତୃତ୍ୱରେ ଜଟଣୀ ସହରରେ ଓଡ଼ିଶା ବନ୍ଦ୍‌ର ପ୍ରଭାବ ଅନୁଭୂତ ହୋଇଛି । କଂଗ୍ରେସ କର୍ମୀ ଓ ସିପିଆଇଏମ ର କର୍ମୀ ମାନେ ସକାଳ ୭ ଘଟିକା ସମୟରେ ସୀତାରାମ ଛକ ଠାରେ ଏକତ୍ରିତ ହୋଇ ପୂର୍ବଦିନରୁ ଜନସାଧାରଣ ମାନଙ୍କୁ କରାଯାଇଥିବା ଅନୁରୋଧ ଓ ଘୋଷଣା ଅନୁସାରେ ପିକେଟିଂ କରିବା ସହିତ ରାସ୍ତା ଅବରୋଧ କରିଥିଲେ । ଫଳରେ ଦୋକାନ ବଜାର ରହିଥିବା ବେଳେ , କେବଳ ଅତ୍ୟାବଶ୍ୟକ ପରିବହନ, ସ୍କୁଲ ଓ ମେଡିକାଲ କେଶରେ ଯାଉଥିବା ଗାଡ଼ି ମଟର ଗୁଡିକୁ ବିନା କୌଣସି ବାଧକରେ ଛାଡିଦିଆଯାଉଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଶିବ ପ୍ରସାଦ ଦାସ, ସିପିଆଇଏମ ନେତା ନିରଞ୍ଜନ ବେହେରା, ମନ୍ମଥ କୁମାର ଡାକୁଆ, ସିଦ୍ଧାର୍ଥ ରାଉତରାୟ, ଶୁଭ୍ରାଂଶୁ ପଟ୍ଟନାୟକ, ଦିଲ୍ଲୀପ ପ୍ରଧାନ,ଜିମା ସାହାଣୀ,କେଲୁ ଚରଣ ଦାସ, ହାପି ପଟ୍ଟନାୟକ, ଶାହାଜାଦ ଅଲି ଖାନ୍,ମୁସ୍ତାକ ଖାନ୍ ,ବେଣୁଧର ନାଏକ,ସାରଙ୍ଗ ଧର ବେହେରା,ପ୍ରଭାକର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

# ଇଣ୍ଡିଆନ ସ୍କୁଲ ଅଫ୍ ବିଜିନେସ୍‌ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଛାତ୍ର ବୃତ୍ତି ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଫାଇନାନ୍ସିଆଲ ଟାଇମ୍ସ ଗ୍ଲୋବାଲ ଏମବିଏ ର୍ୟାଙ୍କିଙ୍ଗ ୨୦୨୬ରେ ଭାରତରେ ୧ ଏବଂ ବିଶ୍ୱସ୍ତରରେ ୧୨ ସ୍ଥାନରେ ଥିବା ଇଣ୍ଡିଆନ୍ ସ୍କୁଲ୍‌ଅଫ୍ ବିଜନେସ୍ (ଆଇଏସ୍‌ବି) ଏହାର୨୫ ତମ ବାର୍ଷିକୀ ପାଳନ କରିଛି । ମ୍ୟାନେଜମେଂଟ ଶିକ୍ଷାର ପ୍ରବେଶକୁ ବ୍ୟାପକ କରିବା ଏବଂ ଭାରତର ଅନୁସନ୍ଧାନ ଏବଂ ଶିକ୍ଷାଦାନ କ୍ଷମତାକୁ ମଜବୁତ କରିବା ପାଇଁ ଦୀର୍ଘକାଳୀନ ଅନୁଷ୍ଠାନିକ ପ୍ରତିବଦ୍ଧତାର ଏକ ସେଟ୍ ଆଇଏସ୍‌ବି ୨୫ ଘୋଷଣା କରିଛି । ଆଇଏସ୍‌ବି ୨୫ ସ୍କଲାର୍ସ ପ୍ରୋଗ୍ରାମ ଅଧୀନରେ, ଆଇଏସ୍‌ବି ଏହାର ଫ୍ଲାଗସିପ୍ ପୋଷ୍ଟ ଗ୍ରାଜୁଏଟ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଂଟ (ପିଜିପି) ଏବଂ ପିଜିପି ଇନ୍ ମ୍ୟାନେଜମେଂଟ ଫର୍ ୟଙ୍ଗ ଲିଡର୍ସ (ପିଜିପି ୱାଏଲ୍) ରେ ପ୍ରତିବର୍ଷ ୨୫୦ ଛାତ୍ରବୃତ୍ତି ପ୍ରଦାନ କରିବ, ଯେଉଁଥିରେ ମେରିଟ୍-ଆବଶ୍ୟକତା ଆଧାରରେ ୧୦୦%, ୫୦%, ୩୦% ଏବଂ ୨୫% ଟ୍ୟୁସନ୍-ଫି ଛାଡ଼ ହେବ । ଏହି କାର୍ଯ୍ୟକ୍ରମ ଆଇଏସ୍‌ବି ରେ ପ୍ରତିଭାର ପୁଲକୁ ବିସ୍ତାର କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା ବିଭିନ୍ନ ଅର୍ଥନୈତିକ, ଭୌଗୋଳିକ ଏବଂ ବୃତିଗତ ପୃଷ୍ଠଭୂମିରୁ ଉଚ୍ଚ-ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ବିଶ୍ୱ ସ୍ତରୀୟ ପରିଚାଳନା ଶିକ୍ଷା ପାଇବାକୁ ସୁନିଶ୍ଚିତ କରିବ । ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସର ଡିନ୍ ପ୍ରଫେସର ମଦନ ପିଲୁଟଲା କହିଛନ୍ତି ଯେ, 'ଆଇଏସ୍‌ବିଅ୨୫ କେବଳ ଆମର ଯାତ୍ରାକୁ ପାଳନ କରିବା ପାଇଁ ନୁହେଁ, ବରଂ ଭବିଷ୍ୟତ ପାଇଁ ଆମର ପ୍ରତିବଦ୍ଧତାକୁ ବ୍ୟାଖ୍ୟା କରିବା ପାଇଁ ଏକ ସୁଯୋଗ । ଆମର ପ୍ରତିଶ୍ରୁତି ହେଉଛି ଉତ୍କର୍ଷତାକୁ ଅଧିକ ସୁଗମ କରିବା, ଜ୍ଞାନକୁ ଅଧିକ ଅଂଶୀଦାର କରିବା ଏବଂ ଗବେଷଣାକୁ ସାରା ଦେଶରେ ଅନୁଷ୍ଠାନ ଏବଂ ବିଦ୍ୱାନମାନଙ୍କ ପାଇଁ ଅଧିକ ବ୍ୟବହାରଯୋଗ୍ୟ କରିବା ।'

## ନୂଆଦିଲ୍ଲୀରେ ଦୁଇଦିନିଆ ବିଭାଗୀୟ ସମ୍ମିଳନୀ

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଦୁଇଦିନିଆ ବିଭାଗୀୟ ସମ୍ମିଳନୀରେ




ଯୋଗଦେଇଛନ୍ତି । ଏହି ଅବସରରେ ସେ କେନ୍ଦ୍ରୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦରସ୍ୱାଲ ମଧ୍ୟ ଏହି ଦୁଇଦିନିଆ ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ଅକ୍ଟୋବର ୮ ଓ ୯ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ସହ ଜଡ଼ିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି । ବିଶେଷକରି ପୋଷଣ, ପ୍ରାରମ୍ଭିକ ଶିଶୁ ଶିକ୍ଷା, ଶିଶୁ ସୁରକ୍ଷା, ମହିଳା ସୁରକ୍ଷା ଓ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ।

ଏହି ସମ୍ମିଳନୀରେ ଓଡ଼ିଶାର ଅଭିନବ ପଦକ୍ଷେପ, ସଫଳ ମଡେଲ୍ ଓ ଶ୍ରେଷ୍ଠ ପ୍ରଥାଗୁଡ଼ିକୁ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ବାଣ୍ଟିବା ସହିତ, ଅନ୍ୟ ରାଜ୍ୟଗୁଡ଼ିକର ସଫଳ ଅଭିଜ୍ଞତାରୁ ଶିଖିବାର ସୁଯୋଗ ମିଳୁଛି ଏବଂ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ଏଭଳି ଅଭିଜ୍ଞତା ଓ ଜ୍ଞାନର ଆଦାନ-ପ୍ରଦାନ ମାଧ୍ୟମରେ ଅଧିକ ଫଳପ୍ରଦ ଓ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ରହିଛି, ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି । ମହିଳା ଓ ଶିଶୁଙ୍କ ସୁରକ୍ଷା, ପୋଷଣ, ଶିକ୍ଷା ଓ ସଶକ୍ତିକରଣକୁ ଅଧିକ ପ୍ରଭାବଶାଳୀ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ନିରନ୍ତର ସହଯୋଗ ଏବଂ ସମନ୍ୱୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ସରକାର ମହିଳା ଓ ଶିଶୁଙ୍କ ସର୍ବାଙ୍ଗୀଣ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ନବସୃଜନ, ଅଭିଜ୍ଞତା ବିନିମୟ ଓ ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି କ୍ଷେତ୍ରରେ ଅଧିକ ଦୃଶ୍ୟମାନ ଓ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ପ୍ରତିବଦ୍ଧ ।

## ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ଛଅ ମାସରେ

# ପୂର୍ବତଟ ରେଳପଥର ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ପଣ୍ୟ ବୋଝେଇ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୂର୍ବ ତଟ ରେଳପଥ ୧୨୦.୭୬ ମିଲିୟନ ଟନ୍(ଏମ୍‌ଟି) ପଣ୍ୟ ବୋଝେଇ କରିଛି । ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୧୧୬.୭୮ ମିଲିୟନ ଟନ୍ ଥିବାବେଳେ, ଚଳିତ ବର୍ଷ ପଣ୍ୟ ବୋଝେଇରେ ୩.୪% ଅଭିବୃଦ୍ଧି ହାସଲ ହୋଇଛି । ପୂର୍ବତଟ ରେଳପଥ ଦ୍ୱାରା ନିରନ୍ତର ଏବଂ ସମନ୍ୱିତ ପ୍ରଚେଷ୍ଟା, ଦକ୍ଷ ପଣ୍ୟ ପରିବହନ ପରିଚାଳନା ଏବଂ ପଣ୍ୟ ବୋଝେଇ କାର୍ଯ୍ୟର ନିରବଚ୍ଛିନ୍ନତା ସୁନିଶ୍ଚିତ କରିବା ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି । ପ୍ରଭାବଶାଳୀ ଯୋଜନା, ବିଭିନ୍ନ ହିତଧାରୀଙ୍କ ସହ ଘନିଷ୍ଠ ସମନ୍ୱୟ ଏବଂ ମଣ୍ଡଳଗୁଡ଼ିକରେ ପଣ୍ୟ ପରିବହନ କାର୍ଯ୍ୟର ସୁଦକ୍ଷ ପରିଚାଳନା ମାଧ୍ୟମରେ ପୂର୍ବତଟ ରେଳପଥ ପଣ୍ୟ ବୋଝେଇ ଓ ପରିବହନକୁ ସ୍ଥିର ରଖିବା ସହ ସାମଗ୍ରିକ ପଣ୍ୟ ପରିବହନ ପ୍ରଦର୍ଶନରେ ଅଭିବୃଦ୍ଧି ହାସଲ କରିଛି । ତିନୋଟି ମଣ୍ଡଳ ମଧ୍ୟରୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳ



ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ୮୭.୬୪ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ଗତବର୍ଷ ତୁଳନାରେ ୧.୭% ଅଭିବୃଦ୍ଧି ହାସଲ କରିଛି । ରାୟଗଡ଼ା ମଣ୍ଡଳ ୧୯.୯୭ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୮.୮% ଅଭିବୃଦ୍ଧି ହାସଲ କରିଥିବାବେଳେ, ସମ୍ବଲପୁର ମଣ୍ଡଳ ୧୩.୧୫ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୭.୩% ଅଭିବୃଦ୍ଧି ହାସଲ କରିଛି । ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ କୋଇଲା ପ୍ରମୁଖ ଯୋଗଦାନକାରୀ ଭାବେ ରହିଛି । ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ କୋଇଲା ବୋଝେଇ ୭୧.୦୧ ମିଲିୟନ ଟନ୍ ହୋଇଛି । ଗତବର୍ଷର ସମାନ ଅବଧିରେ ୬୮.୪୬ ମିଲିୟନ ଟନ୍ କୋଇଲା ବୋଝେଇ ହୋଇଥିବାବେଳେ, ଚଳିତ ବର୍ଷ ଏଥିରେ ୩.୭% ଅଭିବୃଦ୍ଧି ହୋଇଛି ।

ଲୌହପଥର ବୋଝେଇରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି । ଲୌହପଥର ବୋଝେଇ ୧୭.୧୯ ମିଲିୟନ ଟନ ବୃଦ୍ଧି ପାଇ ୧୯.୬୦ ମିଲିୟନ ଟନରେ ପହଞ୍ଚିଛି, ଯାହା ୧୪.୦% ଅଭିବୃଦ୍ଧି ଦର୍ଶାଉଛି । କଣ୍ଟେନର ବୋଝେଇରେ ମଧ୍ୟ ୭.୮% ଅଭିବୃଦ୍ଧି ହୋଇ ୨.୧୦ ମିଲିୟନ ଟନରେ ପହଞ୍ଚିଛି । ଲୌହ ଓ ଇସ୍ପାତ ବୋଝେଇରେ ୦.୩% ସାମାନ୍ୟ ଅଭିବୃଦ୍ଧି ହୋଇଛି । ଲୌହପଥର ବୋଝେଇରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ ହୋଇଛି । ଲୌହପଥର ବୋଝେଇ ଗତବର୍ଷର ୧୭.୧୯ ମିଲିୟନ ଟନ୍ ତୁଳନାରେ ବୃଦ୍ଧି ପାଇ ୧୯.୬୦ ମିଲିୟନ ଟନରେ ପହଞ୍ଚିଛି, ଯାହା ୧୪.୦% ଅଭିବୃଦ୍ଧି ଦର୍ଶାଉଛି । ସେହିପରି, କଣ୍ଟେନର ବୋଝେଇରେ ୭.୮% ଅଭିବୃଦ୍ଧି ହୋଇ ଏହା ୨.୧୦ ମିଲିୟନ ଟନରେ ପହଞ୍ଚିଛି । ଲୌହ ଓ ଇସ୍ପାତ ବୋଝେଇରେ ମଧ୍ୟ ୦.୩% ଅଭିବୃଦ୍ଧି ରେକର୍ଡ ହୋଇଛି । ଚଳିତ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ଅନ୍‌ଲୋଡିଂ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି । ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ପୂର୍ବ ତଟ ରେଳପଥ ୧୦୯.୬୬ ମିଲିୟନ ଟନ୍ ମାଲ ଅନ୍‌ଲୋଡ୍ କରିଛି । ଗତବର୍ଷର ସମାନ ଅବଧିରେ ୧୦୦.୧୧ ମିଲିୟନ ଟନ୍ ତୁଳନାରେ ଏହା ୧୦% ଅଭିବୃଦ୍ଧି ହୋଇଛି । ମଣ୍ଡଳଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ସର୍ବାଧିକ ୭୮.୩୩ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୧୧% ଅଭିବୃଦ୍ଧି ହାସଲ କରିଛି । ସମ୍ବଲପୁର ମଣ୍ଡଳ ୨୨.୮୪ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୬% ଅଭିବୃଦ୍ଧି ହାସଲ କରିଥିବାବେଳେ, ରାୟଗଡ଼ା ମଣ୍ଡଳ ୮.୪୯ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୩% ଅଭିବୃଦ୍ଧି ହାସଲ କରିଛି ।

## ନାନା ପାଟେକରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

# ଚଳଚ୍ଚିତ୍ର ଜଗତରେ ନାନାଙ୍କ ଜୀବନ୍ତ ଅଭିନୟ, ସଂଳାପ ପରିବେଷଣ ଚିରସ୍ମରଣୀୟ ରହିବ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ସିନେମା ଜଗତର ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ୭୫ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ପାଟେକରଙ୍କ ଦେହାନ୍ତରେ ଏକ ଯୁଗର ଅନ୍ତ ହୋଇଛି । ସେ ଜଣେ ଯୁଗଜନ୍ମା କଳାକାର ଭାବେ ଅନେକ ଚଳଚ୍ଚିତ୍ରରେ ନିପୁଣ ଅଭିନୟ କରି ଶ୍ରେଷ୍ଠ ପୁରସ୍କାରପ୍ରାପ୍ତ କରିବା ସହ ଅନେକ ସୁନାମ ଅର୍ଜନ କରିଥିଲେ । ଫିଲ୍ମଫେୟାର୍ ପୁରସ୍କାର ଇତିହାସରେ ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ସହ-ଅଭିନେତା ଏବଂ ଶ୍ରେଷ୍ଠ ଖଳନାୟକ ଭଳି ୩ ବର୍ଗରେ ପୁରସ୍କାର ଜିତି ଏକମାତ୍ର



ଭାରତୀୟ ଅଭିନେତା ଭାବେ ରେକର୍ଡ ସୃଷ୍ଟି କରିଛନ୍ତି । ଜୀବନ୍ତ ଅଭିନୟ ଓ ଶକ୍ତିଶାଳୀ ସଂଳାପ ପରିବେଷଣ ମାଧ୍ୟମରେ ନାନା ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି ଯାହା ଚିରସ୍ମରଣୀୟ ହୋଇରହିବ । ବଲିଉଡ୍‌ରେ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନର ଏକ ଖୋରାକ୍ ଯୋଗାଇଥିଲା ତାଙ୍କ ଅଭିନୟ । ସ୍ୱର୍ଗତଃ ପାଟେକରଙ୍କ ବିୟୋଗ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ସାମଲ କହିଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ନାନା ପାଟେକରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଶ୍ରୀ ସାମଲ ସମବେଦନା ଜ୍ଞାପନ କରିଛନ୍ତି ।

# 'ଆ ଗୟେ ମେରୀ ମୌତ କା ତମାଶା ଦେଖନେ'ରୁ 'ୱେଲକମ୍'





ଚିର ନିଦ୍ରାରେ ନାନା

**ମୁମ୍ବାଇ:** ଭାରତୀୟ ସିନେମାରେ କିଛି କଳାକାର ଏମିତି ଥାଆନ୍ତି, ଯେଉଁମାନଙ୍କ ପରିଚୟ କେବଳ ନାମରେ ନୁହେଁ, ସେମାନଙ୍କ ସ୍ୱର, ଅଭିନୟ ଓ ସଂଳାପରେ ବଞ୍ଚିରହେ। ନାନା ପାଟେକର ସେହି ତାଲିକାର ଜଣେ ବରିଷ୍ଠ ଅଭିନେତା। ତାଙ୍କ ବିୟୋଗର ଖବର ପରେ ଆଜି ପୁଣି ଥରେ ଦର୍ଶକଙ୍କ ମନରେ ଭାସିଉଠିଛି ତାଙ୍କର ଅନେକ ଚରିତ୍ର ଓ ସେହି ଅମର ସଂଳାପ। ୧୯୯୪ରେ ଆସିଥିବା 'କ୍ରାନ୍ତିବୀର' ନାନାଙ୍କ ଅଭିନୟ ଜୀବନର ଏକ ବିଶେଷ ଅଧ୍ୟାୟ। ଫିଲ୍ମରେ ପ୍ରତାପ ନାରାୟଣ ତିଲକ ଭୂମିକାରେ ତାଙ୍କ ତୀବ୍ର ଅଭିନୟ ଦର୍ଶକଙ୍କୁ ଆନ୍ଦୋଳିତ କରିଥିଲା। ଫିଲ୍ମର କ୍ଲାଇମାକ୍ସରେ ତାଙ୍କ ମୁହଁରୁ ବାହାରିଥିବା "ଆ ଗୟେ ମେରୀ ମୌତ କା ତମାଶା ଦେଖନେ" ସଂଳାପ ଆଜି ବି ହିନ୍ଦୀ ସିନେମାର ସ୍ମରଣୀୟ ଡାଏଲଗ୍ ଭାବେ ଚର୍ଚ୍ଚିତ। ଏହି ସଂଳାପର ବିଶେଷତା କେବଳ ଏହାର ଶବ୍ଦରେ ନଥିଲା। ନାନାଙ୍କ ସ୍ୱରର ରାଗ, ମୁହଁର ଭାବଭଙ୍ଗୀ ଓ କଥା କହିବାର ଢଙ୍ଗ ଏହାକୁ ଏକ ଭାବପ୍ରବଣ ଦୃଶ୍ୟରେ ପରିଣତ କରିଥିଲା। 'କ୍ରାନ୍ତିବୀର'ରେ ସାମାଜିକ ଅନ୍ୟାୟ, ଦୁର୍ନୀତି ଓ ସାମ୍ପ୍ରଦାୟିକ ବିଭାଜନ ଭଳି ପ୍ରସଙ୍ଗ ମଧ୍ୟ ଉଠିଥିଲା। ତେବେ ନାନାଙ୍କ ଅଭିନୟର ରଙ୍ଗ କେବଳ ଗମ୍ଭୀର ଓ ତୀବ୍ର ଚରିତ୍ରରେ ସୀମିତ ନଥିଲା।'ୱେଲକମ୍' ସେଠି ଏହାର ଏକ ଭିନ୍ନ ଉଦାହରଣ। ଗମ୍ଭୀର ଭୂମିକାରେ ଦର୍ଶକଙ୍କୁ ନିରବ କରିଦେଉଥିବା ନାନା, ଏହି ଫିଲ୍ମରେ ନିଜର କମେଡି ଟାଇମିଂ ଓ ସଂଳାପରେ ଦର୍ଶକଙ୍କୁ ହସାଇଥିଲେ। 'ୟଶୱନ୍ତ'ରେ ତାଙ୍କ ପୁଲିସ୍ ଚରିତ୍ର ମଧ୍ୟ ନାନାଙ୍କ ଅଭିନୟର ଅନ୍ୟ ଏକ ଶକ୍ତିଶାଳୀ ଦିଗ ଦେଖାଇଥିଲା। "ଏକ ମଚ୍ଛର" ଭଳି ସଂଳାପ ତାଙ୍କ ସ୍ୱତନ୍ତ୍ର ଡାଏଲଗ୍ ପାଇଁ ଦର୍ଶକଙ୍କ ମନରେ ରହିଯାଇଛି। ସେହିପରି 'ପରିନ୍ଦା'ରେ ଆନ୍ନା ଚରିତ୍ରରେ ତାଙ୍କ ଅଭିନୟ ତାଙ୍କୁ ଅପରାଧଭିତ୍ତିକ ସିନେମାର ଏକ ସ୍ମରଣୀୟ ଚରିତ୍ର ଦେଇଥିଲା। ନାନା ପାଟେକରଙ୍କ ଅଭିନୟର ସବୁଠୁ ବଡ଼ ଶକ୍ତି ଥିଲା। ସେ ସଂଳାପକୁ କେବଳ କହୁନଥିଲେ, ତାହାକୁ ନିଜ ଚରିତ୍ରର ଭାବନାରେ ପରିଣତ କରିଦେଉଥିଲେ। ତାଙ୍କ ସ୍ୱରର ଉତ୍ଥାନ-ପତନ, ବିରତି ଓ ଆଖିର ଭାବ ଅନେକ ସମୟରେ ଶବ୍ଦଠାରୁ ଅଧିକ କଥା କହୁଥିଲା। ଏହି କାରଣରୁ ତାଙ୍କ ଅନେକ ଡାଏଲଗ୍ ଫିଲ୍ମ ସରିବା ପରେ ମଧ୍ୟ ଦର୍ଶକଙ୍କ ମନରେ ରହିଯାଇଛି।ଆଜି ନାନା ପାଟେକରଙ୍କୁ ମନେ ପକାଇଲେ ହୁଏତ ଅନେକ ଦର୍ଶକଙ୍କ କାନରେ ପୁଣି ଗୁଞ୍ଜିଉଠିବ "ଆ ଗୟେ ମେରୀ ମୌତ କା ତମାଶା ଦେଖନେ"। ଏହା କେବଳ ଏକ ଫିଲ୍ମର ସଂଳାପ ନୁହେଁ, ଏହା ନାନାଙ୍କ ଅଭିନୟର ସେହି ତୀବ୍ରତାର ଏକ ସ୍ମୃତି, ଯାହା ଦଶନ୍ଧି ପରେ ମଧ୍ୟ ସିନେପ୍ରେମୀଙ୍କ ମନରେ ଜୀବନ୍ତ ରହିଛି।

# ଆନ୍ନେ କାର୍ସନଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର



**ଟରୋଣ୍ଟୋ:** କାନାଡାର କବି ତଥା ଲେଖିକା ଆନେ କାର୍ସନଙ୍କୁ ମିଳିବ ନୋବେଲ ପୁରସ୍କାର। ୨୦୨୬ ବର୍ଷ ପାଇଁ କାର୍ସନଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରାଚୀନ ପରମ୍ପରା ସହ ସୃଜନଶୀଳ ସଂଳାପ ମାଧ୍ୟମରେ ସମକାଳୀନ ସାହିତ୍ୟକୁ ନୂଆ ରୂପରେ ସୃଷ୍ଟି କରିଥିବା ତାଙ୍କର ସାହସୀ ଓ ଅଭିନବ ସାହିତ୍ୟକୃତି ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି।୧୯୫୦ ମସିହାରେ ଟୋରଣ୍ଟୋରେ ଜନ୍ମ ନେଇଥିବା କାର୍ସନ ପ୍ରାଚୀନ ଗ୍ରୀକ୍ ଭାଷା ଅଧ୍ୟୟନ କରିଛନ୍ତି। ପରେ ସେ ଟୋରଣ୍ଟୋ ବିଶ୍ୱବିଦ୍ୟାଳୟରୁ ପ୍ରାଚୀନ ସାହିତ୍ୟ ଅଧ୍ୟୟନରେ ପିଏଚ୍ଡି ହାସଲ କରିଥିଲେ।କବି,ପ୍ରବନ୍ଧକାର, ଅନୁବାଦିକା ଓ ଗବେଷକ ଭାବେ ସେ କାମ କରି ଅନେକ ସଫଳତା ସାଉଁଟିଛନ୍ତି। ତାଙ୍କ ଲେଖାରେ ପ୍ରାଚୀନ ଗ୍ରୀସ ସାହିତ୍ୟ ଓ ପୁରାଣର ଗଭୀର ପ୍ରଭାବ ଦେଖିବାକୁ ମିଳିଥାଏ। କାର୍ସନଙ୍କ ସବୁଠାରୁ ପରିଚିତ ଲେଖା ମଧ୍ୟରୁ ଗୋଟିଏହେଉଛି୧୯୯୮ରେପ୍ରକାଶିତ 'ଅଟୋବାୟୋଗ୍ରାଫି ଅଫ ରେଡ୍। ଏହା ଏକ କବିତା ଆକାରର ଉପନ୍ୟାସ। ପ୍ରାଚୀନ ଗ୍ରୀକ୍ ପୁରାଣର ଲାଲ ପକ୍ଷଯୁକ୍ତ ରାକ୍ଷସ ଗେରିଅନ କାହାଣୀରୁ ପ୍ରୋତ୍ସାହିତ ହୋଇ ସେ ଏହାକୁ ନିଜ ଶୈଳୀରେ ଅଧିକ ଆକର୍ଷଣୀୟ ଢଙ୍ଗରେ ଲେଖିଥିଲେ।କାର୍ସନ ଏହି ପୁରାଣକୁ ଏକ ନୂଆ ରୂପ ଦେଇଥିଲେ। ତାଙ୍କ କାହାଣୀରେ ଗେରିଅନ ଜଣେ ସମ୍ବେଦନଶୀଳ କିଶୋର ଭାବେ ସାମ୍ନାକୁ ଆସିଥିଲେ। ପ୍ରାଚୀନ ସାହିତ୍ୟ ଓ ପୁରାଣର ବିଷୟବସ୍ତୁକୁ ଆଧୁନିକ ଅନୁଭୂତି ସହ କେମିତି ଯୋଡ଼ାଯାଇପାରେ ଅଟୋବାୟୋଗ୍ରାଫି ଅଫ ରେଡ୍ ତା'ର ଜ୍ୱଳନ୍ତ ଉଦାହରଣ। ସେ ଇଲେକ୍ଟ୍ରା ଓ କବି ସାଫୋଙ୍କ ବିଭିନ୍ନ କବିତାର ମଧ୍ୟ ଅନୁବାଦ କରିଛନ୍ତି। ଏହି ଅନୁବାଦ ଜରିଆରେ ସେ ପ୍ରାଚୀନ ସାହିତ୍ୟ ଉପରେ ରଖିଥିବା ଗଭୀର ଜ୍ଞାନକୁ ପ୍ରଦର୍ଶିତ କରିଛନ୍ତି। ୨୦୨୬ର ନୋବେଲ ସାହିତ୍ୟ ପୁରସ୍କାର ଦୌଡ଼ରେ କାର୍ସନଙ୍କୁ ଆରମ୍ଭରୁ ଜଣେ ପ୍ରମୁଖ ଦାବିଦାର ଭାବେ ଦେଖାଯାଉଥିଲା। ଲାଡ୍ବ୍ରୋକ୍ସର ତାଲିକାରେ ସେ ଚାଇନାର ଲେଖିକା କାନ୍ ଶୁଏଙ୍କୁ ଜୋରଦାର ଟକ୍କର ଦେଇଥିଲେ।

# ଇଣ୍ଡି ମେଣ୍ଟର ଜ୍ଞାନେଶ ବିରୋଧୀ ଆନ୍ଦୋଳନ ତୀବ୍ର

ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ କମିଶନ(ସିଇସି)ଙ୍କ ବିରୋଧରେ ଇଣ୍ଡିଆ ବ୍ଲକ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯାଉଛି । ଆଜି ନୂଆଦିଲ୍ଲୀରେ ବି ତୃତୀୟ ଦିନରେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳର ସାଂସଦମାନେ ପ୍ରତିବାଦ କରିଛନ୍ତି । ରାଜଘାଟ ଠାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ ହୋଇଛି । ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ, ସେମାନଙ୍କୁ ପ୍ରତିବାଦ କରିବାକୁ ଅନୁମତି ଦିଆଯାଉନାହିଁ ।

ଗତକାଲି ଭଳି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ବିରୋଧୀ ମେଣ୍ଟର ସାଂସଦମାନଙ୍କୁ କନ୍ନଟ ପ୍ଲେସ ଠାରେ ମଧ୍ୟାହ୍ନ ଭୋଜରେ ଆପ୍ୟାୟିତ କରିଥିଲେ । ବିରୋଧୀ ସାଂସଦମାନେ ବସରେ ଯାଇ ସେଠାରେ ଥିବା ରେଷ୍ଟୁରାଣ୍ଟରେ ପହଞ୍ଚିଥିଲେ । ମଧ୍ୟାହ୍ନ ଭୋଜନ ପରେ ଲୋକସଭା ଓ ରାଜ୍ୟସଭାରେ ୩ଶହ ସାଂସଦ ପ୍ରତିବାଦ କରିଥିଲେ । ରାହୁଲ କହିଥିଲେ ଯେ, ଗତ ଦୁଇଦିନ ଧରି ଆମେ ଆନ୍ଦୋଳନ କରୁଛି, ମାତ୍ର ଆମକୁ ପ୍ରତିବାଦ ପାଇଁ ଅନୁମତି ଦିଆଯାଉନାହିଁ । ପ୍ରଥମ ଦିନ ଆମକୁ ନିର୍ବାଚନ କମିଶନଙ୍କ ଅଫିସ ସମ୍ମୁଖରେ ଅଟକାଗଲା । ଏହାପରେ ଆମେ ଜନ୍ତରମନ୍ତରରେ ପ୍ରତିବାଦ କରିବାକୁ ଯିବାବେଳେ ବାଟରେ ଅଟକାଗଲା ଓ ଲୋକଙ୍କୁ ମାଡ ମରାଗଲା । ମାତ୍ର ଆମେ ନ୍ୟାୟ ପାଇଁ ଲଢେଇ କରିବୁ ଓ ପାଇବୁ । ଶୁକ୍ରବାର ଦିନ ବିରୋଧୀ ସାଂସଦମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ । ପ୍ରାୟ ୧୫ ସାଂସଦଙ୍କ ଏକ ପ୍ରତିନିଧି ରାଷ୍ଟ୍ରପତି ଭବନ ଯିବେ ।ଏମାନଙ୍କ ମଧ୍ୟରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ସମାଜପାର୍ଟିର ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ, ତୃଣମୂଳ ମୁଖ୍ୟ ମମତା ବାନାର୍ଜୀ ଏହି ପ୍ରତିନିଧି ଦଳରେ ସାମିଲ ହେବେ । ତେବେ ଇତି ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଓ ଘରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇଦିଆଯାଇଛି । ୨୪ ଘଣ୍ଟା ସେଠାରେ ପୋଲିସ ମୁତୟନ ଅଛନ୍ତି ।



# ନାନା ପାଟେକରଙ୍କ ବିୟୋଗରେ ଶୋକ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ନାନା ପାଟେକରଙ୍କ ଭଳି ଗଭୀରତା, ଅନନ୍ୟତା ଏବଂ କମାଣ୍ଡିଙ୍ଗ୍ ଉପସ୍ଥିତି ବହୁତ କମ୍ ଅଭିନେତାଙ୍କ ପାଖରେ ରହିଥାଏ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ନାନା ପାଟେକର ପ୍ରତ୍ୟେକ ଭୂମିକାରେ ଆଶ୍ଚର୍ଯ୍ୟଜନକ ବିବିଧତା ଏବଂ ସୃଜନଶୀଳତା ପ୍ରଦର୍ଶନ କରିଛନ୍ତି। ସେ ଚରିତ୍ରଗୁଡ଼ିକୁ ଚିତ୍ରଣ ଏପରି କରିଛନ୍ତି ଯାହା ପିଢ଼ି ପରେ ପିଢ଼ି ମନେ ରହିବ। ନାନା ସ୍ପଷ୍ଟବାଦୀ ଏବଂ ସ୍ପଷ୍ଟ ମତାମତ ପାଇଁ ଜଣାଶୁଣା ଥିଲେ। ସେ ହିନ୍ଦୀ ଏବଂ ମରାଠୀ ସିନେମାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ଏବଂ ତାଙ୍କ ବିୟୋଗରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ନାନା ପାଟେକରଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହିତ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରଧାନମନ୍ତ୍ରୀ ପ୍ରାର୍ଥନା କରିଛନ୍ତି।

**ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ପ୍ରବୀଣ ଅଭିନେତା ନାନା ପାଟେକରଙ୍କ ଦେହାନ୍ତ ଭାରତୀୟ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ସେ ଲେଖିଛନ୍ତି, ବହୁତ କମ୍ ଅଭିନେତାଙ୍କ ପାଖରେ ତାଙ୍କ ଭଳି ଅସାଧାରଣ ବହୁମୁଖୀ ପ୍ରତିଭା ଥିଲା। ସେ ତାଙ୍କର ନିଖୁଣ ହାସ୍ୟରସ ସମୟ ସହିତ ଦର୍ଶକଙ୍କୁ ହସାଇ ପାରିଥିଲେ, କିନ୍ତୁ 'ଅଙ୍କୁଶ', 'ପ୍ରହାର' ଏବଂ 'କ୍ରାନ୍ତିବୀର' ଭଳି ଚଳଚ୍ଚିତ୍ରରେ ସେ ଏକ ଗମ୍ଭୀର ଚରିତ୍ର ପ୍ରଦର୍ଶନ କରିଥିଲେ ଯାହା ତାଙ୍କୁ ସ୍ମରଣୀୟ କରିଥିଲା।

ତାଙ୍କ ସ୍ୱର, ତାଙ୍କର ଉପସ୍ଥିତି ଏବଂ ନିଜକୁ ସମ୍ପୂର୍ଣ୍ଣ ଭିନ୍ନ ଚରିତ୍ରରେ ରୂପାନ୍ତରିତ କରିବାର କ୍ଷମତା ତାଙ୍କୁ ପ୍ରକୃତରେ ଅନନ୍ୟ କରିଥିଲା। ରାଜନାଥ ସିଂହ କହିଛନ୍ତି, ନାନା ପାଟେକର କେବଳ ଜଣେ ଅଭିନେତା ନଥିଲେ, ବରଂ ନିଜେ ଏକ ପ୍ରତିଷ୍ଠାନ ଥିଲେ। ଭାରତୀୟ ସିନେମା ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପିଢ଼ି ପିଢ଼ିକୁ ପ୍ରେରଣା ଯୋଗାଇବ। ତାଙ୍କ ପରିବାର, ବନ୍ଧୁ ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ମୋର ଗଭୀର ସମବେଦନା। ତାଙ୍କ ଆତ୍ମାକୁ ଶାନ୍ତି ମିଳୁ।

**କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ନାନା ପାଟେକରଙ୍କ ଦେହାନ୍ତ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ପାଞ୍ଚ ଦଶନ୍ଧି ଧରି, ସେ ତାଙ୍କର ଅନାୟାସ ଅଭିନୟ ଶୈଳୀ ଏବଂ ଶକ୍ତିଶାଳୀ ସଂଳାପ ପରିବେଷଣ ଦ୍ୱାରା ଦର୍ଶକଙ୍କ ଉପରେ ଏକ ଅମିଟ ଛାପ ଛାଡିଯାଇଛନ୍ତି। ଏହା ଗମ୍ଭୀର ସାମାଜିକ ପ୍ରସଙ୍ଗ ହେଉ କିମ୍ବା ହାସ୍ୟରସ ଏବଂ ବ୍ୟଙ୍ଗ, ସେ ତାଙ୍କ ଅଭିନୀତ ପ୍ରତ୍ୟେକ ଚରିତ୍ରକୁ ଜୀବନ୍ତ କରିପାରୁଥିଲେ। ଶାହ କହିଛନ୍ତି ଯେ ନାମ ଫାଉଣ୍ଡେସନ ମାଧ୍ୟମରେ ମରୁଡ଼ି ପ୍ରଭାବିତ ଚାଷୀ ପରିବାରର ସେବା କରିବା ହେଉ କିମ୍ବା ସୈନିକଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସୀମା ପରିଦର୍ଶନ କରିବା ହେଉ, ଖ୍ୟାତିର ଶିଖରରେ ପହଞ୍ଚିବା ସତ୍ତ୍ୱେ, ସେ ତାଙ୍କ ମୂଳ ଅଭିନୟ ସହିତ ଗଭୀର ଭାବରେ ଜଡିତ ଥିଲେ। ମୁଁ ଯେତେବେଳେ ବି ତାଙ୍କୁ ଭେଟୁଥିଲି, ତାଙ୍କର ସରଳତା ଏବଂ ସ୍ପଷ୍ଟବାଦୀତା ସର୍ବଦା ମୋ ଉପରେ ଗଭୀର ପ୍ରଭାବ ପକାଉଥିଲା। ଈଶ୍ୱର ଶୋକସନ୍ତପ୍ତ ପରିବାର ଏବଂ ପ୍ରଶଂସକମାନଙ୍କୁ ଏହି କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ ଏବଂ ସ୍ୱର୍ଗତ ଆତ୍ମାକୁ ଶାନ୍ତି ଦିଅନ୍ତୁ।

# ଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣା: ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି

**ନୂଆଦିଲ୍ଲୀ:** ଉତ୍ତର-ପୂର୍ବ ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ଏକ ଚାରିମହଲା କୋଠା ଭୁଶୁଡ଼ି ପଡ଼ିବା ଘଟଣାରେ ଗୁରୁବାର ଆଉ ଦୁଇଜଣଙ୍କ ଶବ ଉଦ୍ଧାର ହେବା ପରେ ମୋଟ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ପାଇଛି। ବୁଧବାର ଅପରାହ୍ନ ପ୍ରାୟ ୩:୩୦ ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ଜଣେ ୪ ମାସର ଗର୍ଭବତୀ ମହିଳା ଓ ଦୁଇଜଣ ଶିଶୁ ସାମିଲ ଅଛନ୍ତି। ପୁଲିସ, ଏନଡିଆରଏଫ, ଫାୟାର ବ୍ରିଗେଡ୍ ଓ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ମିଳିତ ଟିମ୍ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ପ୍ରାୟ ୭୫ ପ୍ରତିଶତ ଭଗ୍ନାବଶେଷ ହଟାସରିଛି। ତରବରିଆ ଭାବେ ଧ୍ୱଂସାବଶେଷ ତଳେ ଆଉ କେହି ଚାପି ହୋଇ ରହିଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଛି। ଅପରପକ୍ଷରେ କୋଠାର ମାଲିକ ଅନୱାର୍ ଘଟଣାପରଠାରୁ ଫେରାର୍ ଥିବାରୁ ତାକୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି।ଜିଲ୍ଲା ମାଜିଷ୍ଟ୍ରେଟ୍ ଅଜୟ କୁମାରଙ୍କ ଦ୍ୱାରା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମାତ୍ର ୨୫ ବର୍ଗଫୁଟ ଜମିରେ ନିର୍ମିତ ଏହି କୋଠାର ପାର୍ଶ୍ୱବର୍ତ୍ତୀ ବିଲ୍ଡିଂରେ ଚାଲିଥିବା ବେଆଇନ୍ ନିର୍ମାଣ ହଟାଇବା ପ୍ରକ୍ରିୟା ହିଁ ଏହି ବିପର୍ଯ୍ୟୟର ମୁଖ୍ୟ କାରଣ।

# ଅପରେସନ୍ ସିନ୍ଦୂର' ଥିଲା ବାୟୁସେନାର ଦ୍ରୁତ ଆକ୍ରମଣ ଶକ୍ତି



**ହିଣ୍ଡନ:** ଜାତୀୟ ସୁରକ୍ଷାରେ ବାୟୁଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ଗୁରୁବାର ଦିନ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ପ୍ରକାଶ କରିଛନ୍ତି ଯେ 'ଅପରେସନ୍ ସିନ୍ଦୂର'ଅଧୀନରେ ଗତବର୍ଷ ପାକିସ୍ତାନ ବିପକ୍ଷରେ ହୋଇଥିବା ଚାରିଦିନିଆ ସାମରିକ ସଂଘର୍ଷରେ ଭାରତୀୟ ବାୟୁସେନା କେତେ ଦ୍ରୁତଗତିରେ ରଣାଙ୍ଗନକୁ ଓହ୍ଲାଇପାରେ ତାହା ସମଗ୍ର ବିଶ୍ୱ ପ୍ରତ୍ୟକ୍ଷ କରିସାରିଛି। ହିଣ୍ଡନ ବାୟୁସେନା ଘାଟିରେ ଆୟୋଜିତ ବାୟୁସେନା ଦିବସ ସମାରୋହରେ ନିଜର ଅଭିଭାଷଣ ଦେଇ ସେ କହିଛନ୍ତି ଯେ ବିଶ୍ୱବ୍ୟାପୀ ଜଟିଳ ଭୂ-ରାଜନୈତିକ ଆହ୍ୱାନ ମଧ୍ୟରେ ବାୟୁସେନା ସଦାସର୍ବଦା ସତର୍କ ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।ବାୟୁସେନା ମୁଖ୍ୟ ଆହୁରି କହିଛନ୍ତି ଯେ ବାୟୁସେନାର ପ୍ରକୃତ ଶକ୍ତି କେବଳ ଆଧୁନିକ ବିମାନ ଉପରେ ନୁହେଁ, ବରଂ ଜରୁରୀ ପରିସ୍ଥିତିରେ ଯବାନମାନଙ୍କ କାର୍ଯ୍ୟାନୁଷ୍ଠାନର ଦ୍ରୁତତା ଓ ଆତ୍ମବିଶ୍ୱାସ ଉପରେ ନିର୍ଭର କରେ। ବର୍ତ୍ତମାନ ବାୟୁସେନା "ତରଙ୍ଗ ଶକ୍ତି" ଭଳି ବହୁପାକ୍ଷିକ ଯୁଦ୍ଧାଭ୍ୟାସ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ତେଜସ୍, ଅସ୍ତ୍ର ଓ ବ୍ରହ୍ମୋସ ଭଳି ସ୍ୱଦେଶୀ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ "ଆତ୍ମନିର୍ଭର ଭାରତ" ସହ ନିଜର ଯୁଦ୍ଧ ପ୍ରସ୍ତୁତିକୁ ଅଧିକ ଶାଣିତ କରୁଛି।ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ମେ ୭ରୁ ୧୦ ତାରିଖ ମଧ୍ୟରେ ଅପରେସନ୍ ସିନ୍ଦୂର ଅଧୀନରେ ଭାରତୀୟ ବାୟୁସେନା ଓ ସେନା ପାକିସ୍ତାନର ବାହାୱଲପୁର, ମୁରିଦକେ, ସିଆଲକୋଟ, ସ୍କାର୍ଦୁ, ସରଗୋଧା ଏବଂ କରାଚୀ ସମେତ ଏକାଧିକ ଆତଙ୍କବାଦୀ ଘାଟି ଓ ସାମରିକ ଠିକଣା ଉପରେ ଆକ୍ରମଣ କରି ଶକ୍ତ ପ୍ରହାର କରିଥିଲେ।



ପାରାଦୀପ ତଟରକ୍ଷୀ ବାହିନୀର ଚିତ୍ତାକର୍ଷକ ପ୍ରଦର୍ଶନ

# ସିଇସିଙ୍କ ସପକ୍ଷରେ ୪୨ ଜଣ ଜଜ୍ଙ୍କ ଖୋଲା ଚିଠି



**ନୂଆଦିଲ୍ଲୀ:** ସାଧାରଣ ନିର୍ବାଚନ ଆୟୋଗ, ନ୍ୟାୟପାଳିକା ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ବିରୋଧରେ ଚାଲିଥିବା କ୍ରମାଗତ ଅପପ୍ରଚାରକୁ ନେଇ ୪୨ ଜଣ ପୂର୍ବତନ ବିଚାରପତି ଏବଂ ବରିଷ୍ଠ ଆଇନଜ୍ଞ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏକ ଖୋଲା ଚିଠି ମାଧ୍ୟମରେ ସେମାନେ ସ୍ପଷ୍ଟ କରିଛନ୍ତି ଯେ, ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକ ଉପରେ ରାଜନୈତିକ ସ୍ୱାର୍ଥ ରଖି ଆକ୍ରମଣ କରାଯାଉଛି। ଆମର ନୀରବତା କୌଣସି ନିରପେକ୍ଷ ବିକଳ୍ପ ନୁହେଁ ବୋଲି ଦର୍ଶାଇ ସେମାନେ ନିର୍ବାଚନ ଆୟୋଗକୁ ସର୍ବସାଧାରଣରେ 'ଚୋର' କିମ୍ବା 'କାଠ କଣ୍ଢେଇ' କହି ସମ୍ବୋଧନ କରିବା ଏବଂ କୌଣସି ପ୍ରମାଣ ନଥାଇ ଭୋଟ୍ ଚୋରି ଭଳି ସଙ୍ଗୀନ୍ ଅଭିଯୋଗ ଆଣିବା ଗଣତନ୍ତ୍ର ପ୍ରତି ବିପଜ୍ଜନକ ବୋଲି ଚେତାବନୀ ଦେଇଛନ୍ତି।ସେହିପରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଆଇନସଙ୍ଗତ ଦର୍ଶାଇ ସେମାନେ କହିଛନ୍ତି ଯେ, ୧୯୫୦ ମସିହାର ଜନପ୍ରତିନିଧିତ୍ୱ ଆଇନର ଧାରା ୨୧(୩) ଅନୁଯାୟୀ ଭୋଟର ତାଲିକା ସଂଶୋଧନ କରିବା ନିର୍ବାଚନ ଆୟୋଗର ସାମ୍ବିଧାନିକ ଅଧିକାର। ମୃତ ଭୋଟର, ନକଲି ନାମ ଏବଂ ସ୍ଥାନାନ୍ତରିତ ଲୋକଙ୍କ ନାମ ବାଦ୍ ଦେଇ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବା ଏହି ପ୍ରକ୍ରିୟାର ମୂଳ ଲକ୍ଷ୍ୟ। ଚିଠିରେ ଦର୍ଶାଯାଇଛି ଯେ, ଗଣତନ୍ତ୍ରରେ ଆକ୍ରୋଶମୂଳକ ଆକ୍ରମଣ ପରିବର୍ତ୍ତେ ଆଇନଗତ ପ୍ରମାଣ ଓ କୋର୍ଟ ମାଧ୍ୟମରେ ଅଭିଯୋଗର ସମାଧାନ କରାଯିବା ଉଚିତ୍। ଏହାସହ ଗଣମାଧ୍ୟମ ଏବଂ ସାଧାରଣ ନାଗରିକଙ୍କୁ ଗୁଜବର ଶିକାର ନହୋଇ ସତ୍ୟତା ଯାଞ୍ଚ କରିବାକୁ ଏବଂ ଆମର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଗରିମା ରକ୍ଷା କରିବାକୁ ସେମାନେ ନିବେଦନ କରିଛନ୍ତି।

# ରୁଷରୁ କମ୍ ତେଲ କିଣିବ ଭାରତ



**ନୂଆଦିଲ୍ଲୀ:**ରୁଷରୁ ମଗାଯାଉଥିବା ଅଶୋଧିତ ତୈଳ ମହଙ୍ଗା ହେବା ପରେ ତାହା କିଣିବାକୁ ନେଇ ଭାରତୀୟ ବିଶୋଧନାଗାରଗୁଡ଼ିକ ଚିନ୍ତା କରିବା ଆରମ୍ଭ କରିଛନ୍ତି। ଚୀନ ବିପୁଳ ପରିମାଣର ତେଲ କିଣିବା ପରେ ରୁଷ ତେଲ ମହଙ୍ଗା ହୋଇଛି। ତେଣୁ ଭାରତୀୟ କମ୍ପାନିଗୁଡ଼ିକ ନଭେମ୍ବର ମାସ ପାଇଁ ଦେଇଥିବା ବରାଦ କମ୍ କରିଛନ୍ତି। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟରୁ ତେଲ ଯୋଗାଣ ଧୀରେ ଧୀରେ ସ୍ୱାଭାବିକ ହେଉଥିବାରୁ ଭାରତ ସେହି ଅଞ୍ଚଳରୁ ଅଧିକ ତେଲ ଆଣିବା ଉପରେ ବିଚାର କରୁଛି।୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ବଡ଼ ରିହାତି ସହ ରୁଷ୍ ତେଲ ମିଳୁଥିଲା। ଏବେ କିନ୍ତୁ ସେହି ସୁବିଧା ଆଉ ନାହିଁ। ରିହାତି ହଟିଯିବା ପରେ ରୁଷ ଓ ମଧ୍ୟପ୍ରାଚ୍ୟ ତେଲ ଦର ପ୍ରାୟ ସମାନ ସ୍ତରକୁ ଚାଲିଆସିଛି। ଏମିତିରେ ରୁଷ ତେଲ ଉପରେ ଆମେରିକା ସରକାର କଠୋର କଟକଣା ଲଗାଇଥିବାରୁ ସେଠାରୁ ତେଲ ମଗାଇବା କଷ୍ଟକର ହେଉଛି ଓ ଦଣ୍ଡ ଭୋଗିବାର ମଧ୍ୟ ଆଶଙ୍କା ରହିଛି। ଭାରତ ପର୍ଯ୍ୟାୟକ୍ରମେ ରୁଷରୁ ତେଲ କିଣା କମ୍ କରୁଛି। ଗତ ଜୁଲାଇରେ ଭାରତ ୫୬ ପ୍ରତିଶତ ତେଲ ରୁଷରୁ ମଗାଇଥିଲା। ସେପ୍ଟେମ୍ବର ସୁଦ୍ଧା ସେହି ଭାଗ ୩୫ ପ୍ରତିଶତକୁ ଖସିଆସିଛି। ଅକ୍ଟୋବର ମାସରେ ଦୈନିକ ମାତ୍ର ୩,୧୦,୦୦୦ ବ୍ୟାରେଲ୍ ରୁଷ୍ ତେଲ ମଗାଯାଇଥିଲା ଯାହା ୨୦୨୨ ମାର୍ଚ୍ଚ ପରଠାରୁ ସର୍ବନିମ୍ନ ଅଟେ।ରୁଷଠାରୁ ଭାରତ ଓ ଚୀନ ଅଧିକ ତେଲ ମଗାଉଛନ୍ତି। ତେବେ ସେଠାରୁ ତେଲ ଜାହାଜ ବାହାରିବା ପରେ କେଉଁଠାରେ ପହଞ୍ଚିବ ତାହା ପୂର୍ବରୁ ଆକଳନ କରାଯାଇପାରୁନାହିଁ। ଅନେକ ମାମଲାରେ ଭାରତ ଆସିବାକୁ ଥିବା ଜାହାଜ ମାର୍ଗ ବଦଳାଇ ଚୀନ ଚାଲିଯାଉଛି। ସମୁଦ୍ର ମଝିରେ କଟକଣା ଲାଗିଥିବା ଜାହାଜରୁ ତେଲ ବାହାର କରି ଅନ୍ୟ ଜାହାଜରେ ଆଣିବାକୁ ପଡୁଛି। ଯେହେତୁ ପୂର୍ବରୁ ମିଳୁଥିବା ରିହାତିର ଲାଭ ନାହିଁ, ତେଣୁ ଏବେ କଷ୍ଟକର ରୁଷରୁ ଅଧିକ ତେଲ ମଗାଇବାକୁ ଭାରତ ଚାହୁନାହିଁ। କିନ୍ତୁ ଏହା ସେହି ତେଲ କିଣା ସମ୍ପୂର୍ଣ୍ଣ ବନ୍ଦ କରିବନାହିଁ। ଯୋଗାଣରେ ବିବିଧତା ବଜାୟ ରଖିବାକୁ ଭାରତ ବିଭିନ୍ନ ଦେଶରୁ ତେଲ ମଗାଇବା ଜାରି ରଖିବ।

# ଏସିଆନ୍ ଗେମ୍ସ ପ୍ରଦର୍ଶନର ସମୀକ୍ଷା କରିବ କ୍ରୀଡ଼ା ମନ୍ତ୍ରଣାଳୟ

## ୧୩ରେ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସହ ବୈଠକ



ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଆଇଚି-ନାଗୋୟା ଏସିଆନ୍ ଗେମ୍ସରେ ଭାରତର ପ୍ରଦର୍ଶନକୁ ନେଇ କ୍ରୀଡ଼ା ମନ୍ତ୍ରଣାଳୟ ଏବେ ବିସ୍ତୃତ ସମୀକ୍ଷା କରିବ। ଅକ୍ଟୋବର ୧୩ରେ ମନ୍ତ୍ରଣାଳୟର ଅଧିକାରୀ ଏବଂ ବିଭିନ୍ନ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍ଏସ୍ଏଫ୍) ମଧ୍ୟରେ ଏକଦିନିଆ ବୈଠକରେ ଭାରତୀୟ ଦଳର ପ୍ରଦର୍ଶନ, ବିଫଳତାର କାରଣ ଏବଂ ଆଗାମୀ ପ୍ରସ୍ତୁତି ନେଇ ଆଲୋଚନା ହେବ। ଆଇଚି-ନାଗୋୟାରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଥିଲା। ତେବେ ୨୦୨୨ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ଜିତିଥିବା ୧୦୬ ପଦକ ତୁଳନାରେ ଏଥର ପଦକ ସଂଖ୍ୟା ୨୧ଟି କମିଛି। ସେହିପରି ସ୍ୱର୍ଣ୍ଣ ସଂଖ୍ୟା ମଧ୍ୟ ୨୮ରୁ ୨୧କୁ ହ୍ରାସ ପାଇଛି। ବିଶେଷକରି ବ୍ୟାଡମିଣ୍ଟନ୍, ଶୁଟିଂ ଓ ଆଥଲେଟିକ୍ସର କେତେକ ବିଭାଗର ପ୍ରଦର୍ଶନ ମନ୍ତ୍ରଣାଳୟର ନଜରରେ ରହିବ। ବ୍ୟାଡମିଣ୍ଟନ୍ରୁ ଭାରତକୁ ମାତ୍ର ଗୋଟିଏ କାଂସ୍ୟ ପଦକ ମିଳିଥିବାବେଳେ ଶୁଟିଂରେ ମୋଟ ୧୫ ପଦକ ମିଳିଥିଲେ ମଧ୍ୟ ପୂର୍ବ ସଂସ୍କରଣ ତୁଳନାରେ ପ୍ରଦର୍ଶନରେ ଅବନତି ଦେଖାଯାଇଛି। ସମୀକ୍ଷାରେ ଅଭିଜ୍ଞ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଗୁରୁତ୍ୱ ପାଇବ। ମନ୍ତ୍ରଣାଳୟ ସୂତ୍ର ଅନୁସାରେ, ଅନେକ ଅଭିଜ୍ଞ ଖେଳାଳିଙ୍କ ଉପରେ ପ୍ରସ୍ତୁତି ସମୟରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ସେମାନେ ପଦକ ଜିତିପାରିନାହାନ୍ତି। ଏହା ସହ ଏସିଆନ୍ ଗେମ୍ସରେ ପହଞ୍ଚିବା ପରେ କେତେକ ଖେଳାଳି ଆହତ ହୋଇ ପ୍ରତିଯୋଗିତାରୁ ଓହରିଯିବା ଘଟଣାକୁ ମଧ୍ୟ ଯାଞ୍ଚ କରାଯିବ। ସରକାରଙ୍କ ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ (ଟପ୍ସ) ଅଧୀନରେ ଦିଆଯାଇଥିବା ଅର୍ଥ ଏବଂ ଏହାର ପ୍ରଭାବଶୀଳତା ମଧ୍ୟ ସମୀକ୍ଷାର ଅନ୍ୟତମ ପ୍ରମୁଖ ବିଷୟ ହେବ। ଆଇଚି-ନାଗୋୟା ଅଭିଯାନ ପାଇଁ ତିନିବର୍ଷର ପ୍ରସ୍ତୁତି ଚକ୍ରରେ କ୍ରୀଡ଼ା ମନ୍ତ୍ରଣାଳୟ ୭୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ସମୀକ୍ଷାର ମୁଖ୍ୟ ଲକ୍ଷ୍ୟ ହେଉଛି ଆଇଚି-ନାଗୋୟାରେ ଭାରତୀୟ ଦଳର ପ୍ରଦର୍ଶନର ଦୁର୍ବଳତା ଚିହ୍ନଟ କରିବା ସହ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା। ମନ୍ତ୍ରଣାଳୟ ଓ କ୍ରୀଡ଼ା ମହାସଂଘଗୁଡ଼ିକ ମିଳିତ ଭାବେ ଖେଳାଳି ଚୟନ, ପ୍ରଶିକ୍ଷଣ, ଆହତ ସମସ୍ୟା ଓ ଅର୍ଥ ବିନିଯୋଗର ଫଳାଫଳ ଉପରେ ଗୁରୁତ୍ୱ ଦେବେ।

# ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଉପରେ ନଜର




ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ଏସିଆନ୍ ଗେମ୍ସରେ ଲଗାତାର ଦ୍ୱିତୀୟ ଥର ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଭାରତୀୟ ପୁରୁଷ ହକି ଦଳର ନଜର ଏବେ ପରବର୍ତ୍ତୀ ବଡ଼ ଚ୍ୟାଲେଞ୍ଜ ଉପରେ। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଜଳନ୍ଧର ଓ ମୋହାଲିରେ ଆୟୋଜିତ ହେବାକୁ ଥିବା ହିରୋ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପଞ୍ଜାବ ୨୦୨୬ରେ ଭାରତ ନିଜ ଦମ୍ଭ ଦେଖାଇବାକୁ ପ୍ରସ୍ତୁତ। ଜାପାନର ଆଇଚି-ନାଗୋୟା ଏସିଆନ୍ ଗେମ୍ସରେ ଭାରତ ଲଗାତାର ଦ୍ୱିତୀୟ ଥର ସ୍ୱର୍ଣ୍ଣ ଜିତି ନୂଆ ଇତିହାସ ସୃଷ୍ଟି କରିଛି। ଏସିଆନ୍ ଗେମ୍ସ ହକି ଇତିହାସରେ ପ୍ରଥମ ଥର ପାଇଁ ଭାରତ ନିଜ ଟାଇଟଲ୍କୁ ସଫଳତାର ସହ ରକ୍ଷା କରିଛି। ଏହି ସଫଳତାର ଆତ୍ମବିଶ୍ୱାସ ସହ ଘରୋଇ ମାଟିରେ ଏବେ ଏସିଆର ଶ୍ରେଷ୍ଠ ଦଳଗୁଡ଼ିକୁ ମୁକାବିଲା କରିବ ଭାରତ। ଏହି ପ୍ରତିଷ୍ଠିତ ପ୍ରତିଯୋଗିତାରେ ଭାରତ ସହ ଜାପାନ, ଚୀନ୍, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ଅଂଶଗ୍ରହଣ କରିବେ। ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି, ଏସିଆନ୍ ଗେମ୍ସର ସଫଳତା ଏହି ଦଳ ପାଇଁ ବିଶେଷ ଥିଲା। କିନ୍ତୁ ଏବେ ଉତ୍ସବ ପଛରେ ଛାଡ଼ି ନୂଆ ଚ୍ୟାଲେଞ୍ଜ ଉପରେ ଧ୍ୟାନ ଦେବାର ସମୟ। ଘରୋଇ ପରିବେଶରେ ପ୍ରତ୍ୟେକ ମ୍ୟାଚ୍ରେ ସମାନ ଭୋକ, ଶୃଙ୍ଖଳା ଓ ତୀବ୍ରତା ସହ ଖେଳିବାକୁ ଦଳ ପ୍ରସ୍ତୁତ ହେବ। ଦୀର୍ଘ ବ୍ୟବଧାନ ପରେ ପଞ୍ଜାବରେ ଅନ୍ତର୍ଜାତୀୟ ହକି ଫେରିବା ମଧ୍ୟ ଏହି ପ୍ରତିଯୋଗିତାର ଅନ୍ୟତମ ବିଶେଷତ୍ୱ। ପଞ୍ଜାବର ହକି ପରମ୍ପରା ଓ ଭାରତୀୟ ହକି ପ୍ରତି ଅବଦାନକୁ ଦୃଷ୍ଟିରେ ରଖି ଏହି ଆୟୋଜନକୁ ନେଇ ଉତ୍ସାହ ବଢ଼ିଛି। ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଜଳନ୍ଧରସ୍ଥିତ ଅଲିମ୍ପିଆନ୍ ସୁରଜିତ ସିଂହ ହକି ଷ୍ଟାଡିୟମ୍ରେ ଖେଳାଯିବ। ତେବେ ସେମିଫାଇନାଲ ଓ ଫାଇନାଲ ସମେତ ନିର୍ଣ୍ଣାୟକ ମ୍ୟାଚଗୁଡ଼ିକ ମୋହାଲିର ଅଲିମ୍ପିଆନ୍ ବଲବୀର ସିଂହ ସିନିୟର ଇଣ୍ଟରନ୍ୟାସନାଲ ହକି ଷ୍ଟାଡିୟମ୍ରେ ଅନୁଷ୍ଠିତ ହେବ। ୨୦୧୧ରେ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବା ପରଠାରୁ ଭାରତ ଚାରିଥର ଚାମ୍ପିଅନ୍ ହୋଇଛି। ୨୦୧୮ ରେ ମସ୍କାଟ୍ରେ ବର୍ଷା ଯୋଗୁଁ ଫାଇନାଲ ଖେଳ ହୋଇନପାରିବାରୁ ପାକିସ୍ତାନ ସହ ଟ୍ରଫି ବାଣ୍ଟିଥିଲା ଭାରତ। ଏବେ ଘରୋଇ ମାଟିରେ ଆଉ ଏକ ଟ୍ରଫି ଜିତି ନିଜ ସଫଳତାର ଧାରା ଜାରି ରଖିବା ଲକ୍ଷ୍ୟରେ ରହିଛି ଭାରତ।

# ତ୍ରିରଙ୍ଗା ସହ ଦେଶର ଆଶା, ସ୍ୱପ୍ନକୁ ସାଙ୍ଗରେ ନେଇ ଚାଲିବାକୁ ପଡ଼େ: ପ୍ରମୋଦ

ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଏସିଆନ୍ ପାରା ଗେମ୍ସର ଉଦ୍‌ଘାଟନୀ ସମାରୋହରେ ଭାରତର ତ୍ରିରଙ୍ଗା ଧରି ଦେଶର ନେତୃତ୍ୱ ନେବାର ଗୌରବ ପାଇବେ ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତ। ଭାରତର ଫ୍ଲାଗ୍ ବିୟରର ଭାବେ ଚୟନ ହେବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଭାବପ୍ରବଣ ମୁହୂର୍ତ୍ତ ବୋଲି ପ୍ରମୋଦ କହିଛନ୍ତି। ସେ ଭାବିନା ପଟେଲଙ୍କ ସହ ଏହି ଦାୟିତ୍ୱ ତୁଲାଇବେ। ପ୍ରମୋଦ କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ଉଦ୍‌ଘାଟନୀ ସମାରୋହରେ ତ୍ରିରଙ୍ଗା ଧରିବା ତାଙ୍କ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ। ତ୍ରିରଙ୍ଗା ହାତରେ ଧରିବା ସମୟରେ ସମଗ୍ର ଦେଶର ଆଶା ଓ ସ୍ୱପ୍ନକୁ ସାଙ୍ଗରେ ନେଇ ଚାଲିବାକୁ ପଡ଼େ ବୋଲି ସେ କହିଛନ୍ତି। ଭାବିନାଙ୍କ ସହ ଏହି ଗୌରବମୟ ମୁହୂର୍ତ୍ତ ବାଣ୍ଟିବା ନେଇ ମଧ୍ୟ ସେ ଖୁସି ପ୍ରକାଶ କରିଛନ୍ତି। ଅକ୍ଟୋବର ୮ରେ ନୂଆଦିଲ୍ଲୀସ୍ଥିତ ଆଇଟିସି ମୌର୍ଯ୍ୟରେ ଭାରତୀୟ ଦଳର ବିଦାୟ ସମାରୋହ ଆୟୋଜିତ ହେବ। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (PCI) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ଏଚି-ନାଗୋୟା ୨୦୨୬ ଏସିଆନ୍ ପାରା ଗେମ୍ସ ପାଇଁ ଟିମ୍ ଇଣ୍ଡିଆର ଅଧିକାରିକ ଜର୍ସି ମଧ୍ୟ ଉନ୍ମୋଚନ କରାଯିବ। ପଦକ ବିଜୟରୁ ଆରମ୍ଭ କରି ଏବେ ଦେଶର ତ୍ରିରଙ୍ଗା ଧରିବା ପର୍ଯ୍ୟନ୍ତ ପ୍ରମୋଦ ଭଗତଙ୍କ ଯାତ୍ରା ଦୃଢ଼ ସଂକଳ୍ପ, ନିରନ୍ତର ପରିଶ୍ରମ ଓ କ୍ରୀଡ଼ା ଦକ୍ଷତାର ଉଦାହରଣ। ଏସିଆନ୍ ପାରା ଗେମ୍ସର ଉଦ୍ଘାଟନୀ ସମାରୋହରେ ତ୍ରିରଙ୍ଗା ଧରି ସେ ନିଜ ଗୌରବମୟ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ଅଧ୍ୟାୟ ଯୋଡ଼ିବାକୁ ଯାଉଛନ୍ତି।

# ରଣଜୀ ଅଭିଯାନ ପାଇଁ ଗୁଜରାଟ ଗଲା ଓଡ଼ିଶା ଦଳ

## ୧୧ରୁ ଘରୋଇ ଦଳ ବିପକ୍ଷରେ ପ୍ରଥମ ମ୍ୟାଚ୍



ଭୁବନେଶ୍ୱର,୮ ।୧୦(ସବ୍ୟୁ): ବିସିସିଆଇ ଘରୋଇ କ୍ରିକେଟ୍ ଋତୁ ୨୦୨୬-୨୭ର ରଣଜୀ ଟ୍ରଫି ଅଭିଯାନ ପାଇଁ ଓଡ଼ିଶା ସିନିୟର ପୁରୁଷ ଦଳ ଗୁଜରାଟ ଗସ୍ତ କରିଛି। ଅକ୍ଟୋବର ୧୧ରୁ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ 'ବି' ଗ୍ରାଉଣ୍ଡରେ ଘରୋଇ ଗୁଜରାଟ ବିପକ୍ଷରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍ ଖେଳିବ। ସୁବ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ୧୭ ଜଣିଆ ଓଡ଼ିଶା ଦଳ ଏଥର ରଣଜୀ ଅଭିଯାନ ଆରମ୍ଭ କରିବ। ଦଳରେ ସ୍ୱସ୍ତିକ ସାମଲ, ସୁବ୍ରାଂଶୁ ସେନାପତି, ଓମ୍ ଟି. ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କ ଭଳି ବ୍ୟାଟର୍ ରହିଛନ୍ତି। ୱିକେଟକିପର୍ ଭାବେ ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ ଦଳରେ ସାମିଲ ହୋଇଛନ୍ତି। ଅଲରାଉଣ୍ଡର ନିନାଦ ରାଠୱା ଓ ସମ୍ବିତ ବେଜାଙ୍କ ସହ ଦ୍ରୁତ ବୋଲିଂ ବିଭାଗରେ ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା ଓ ସୌମ୍ୟ ଲେଙ୍କା ରହିଛନ୍ତି। ସେହିପରି ବାମହାତୀ ସ୍ପିନର ସୟଦ ତୁଫୈଲ ଅହମଦ ଓ ବାଦଲ ବିଶ୍ୱାଳଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଓଡ଼ିଶା ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ପ୍ରବଞ୍ଜନ ମଲ୍ଲିକ ଦାୟିତ୍ୱ ତୁଲାଇବେ। ପ୍ରୀତମଜିତ ଦାସ ସହକାରୀ ପ୍ରଶିକ୍ଷକ ଥିବାବେଳେ ସତବୀର ସିଂହ ରିଆର ପ୍ରଶାସନିକ ପରିଚାଳକ, ନଟରାଜ ବେହେରା ପର୍ଯ୍ୟବେକ୍ଷକ, ରୋନି ଛାଟର୍ଜୀ ଫିଜିଓ, ସଞ୍ଜୀବ ଦାସ ଏସ୍ଆଣ୍ଡସି କୋଚ୍, ଶାରଦା ବିଶ୍ୱାଳ ଭିଡିଓ ଆନାଲିଷ୍ଟ, ଶ୍ରୁତି ସାଗର ପରିଡ଼ା ସାଇଡ୍ଆର୍ମ ଥ୍ରୋୟର ଓ କପିଳ ବୁଣ୍ଡେଲା ମାସ୍ୟୁର ଭାବେ ଦଳ ସହ ରହିଛନ୍ତି। ଗୁଜରାଟ ବିପକ୍ଷ ମ୍ୟାଚ୍ ପରେ ଓଡ଼ିଶା ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଥିରୁବନନ୍ତପୁରମର ସ୍ପୋର୍ଟ୍ସ ହବ୍ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ କେରଳକୁ ଭେଟିବ। ଅକ୍ଟୋବର ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କିଟ୍ ଷ୍ଟାଡିୟମରେ ସର୍ଭିସେସ୍ ଏବଂ ନଭେମ୍ବର ୨ରୁ ୫ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ ଓଡ଼ିଶା। ଏହାପରେ ଜାନୁଆରୀ ୧୭ରୁ ୨୦ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଦିଲ୍ଲୀ, ଜାନୁଆରୀ ୨୪ରୁ ୨୭ ପର୍ଯ୍ୟନ୍ତ ଗହୁଞ୍ଜେରେ ମହାରାଷ୍ଟ୍ର ଏବଂ ଫେବ୍ରୁଆରୀ ୧ରୁ ୪ ପର୍ଯ୍ୟନ୍ତ କୋଲକାତାର ଇଡେନ୍ ଗାର୍ଡେନ୍ସରେ ବେଙ୍ଗଲ ବିପକ୍ଷରେ ଓଡ଼ିଶା ଲିଗ୍ ପର୍ଯ୍ୟାୟର ଶେଷ ତିନିଟି ମ୍ୟାଚ୍ ଖେଳିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଦଳକୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ରଣଜୀ ଅଭିଯାନରେ ସଫଳତା କାମନା କରିଛନ୍ତି।

# ପ୍ରଶାସନିକ ତ୍ରୁଟି ପାଇଁ ଏଚ୍ଏଓକୁ ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୮।୧୦(ସବ୍ୟୁ): ପ୍ରଶାସନିକ କାର୍ଯ୍ୟରେ ଗୁରୁତର ତ୍ରୁଟି ଅଭିଯୋଗରେ ହକି ଇଣ୍ଡିଆ, ହକି ଆସୋସିଏସନ ଅଫ୍ ଓଡ଼ିଶା (ଏଚ୍ଏଓ)କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରି ଏହାର ପାହ୍ୟା ସ୍ଥାୟୀ ସଦସ୍ୟତାରୁ ସହଯୋଗୀ ସଦସ୍ୟତାକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ଦେଇଛି । ଭୋଟର ତାଲିକା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜଣେ ନିର୍ବାଚନ ଅଧିକାରୀ ଆପତ୍ତି ଉଠାଇବା ପରେ ଅକ୍ଟୋବର ୩ ତାରିଖରେ ହେବାକୁ ଥିବା ଏଚ୍ଏଓର ନିର୍ବାଚନ ସ୍ଥଗିତ ରହିଥିଲା, ଯାହା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଚ୍ଏଓ ଅଧୀନରେ ଥିବା ୩୦ଟି ଜିଲ୍ଲା ଶାଖାରେ ନିୟମ ଉଲ୍ଲଂଘନ ହୋଇଥିବା ନେଇ ଏହି ଶୀର୍ଷ ସଂସ୍ଥା ଆଠଟି ମୁଖ୍ୟ କାରଣ ଦର୍ଶାଇଛି । ବିଶେଷ ଭାବରେ ସଭାପତି ଓ ସମ୍ପାଦକ ଭଳି ମୁଖ୍ୟ ପଦବୀଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ବଦଳରେ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳଙ୍କ ଭଳି ପ୍ରଶାସନିକ ଅଧିକାରୀମାନେ ନିଜ ପଦବୀ ଭିତ୍ତିରେ ରହିଛନ୍ତି । ଏହା ବ୍ୟତୀତ, କେବେ ନିର୍ବାଚନ ହୋଇଥିଲା ତାର ପ୍ରମାଣ ସ୍ୱରୂପ କୌଣସି ରେକର୍ଡ, ନୋଟିସ କିମ୍ବା ବୈଠକ ବିବରଣୀ ମଧ୍ୟ ୩୦ଟି ଜିଲ୍ଲା ସଂସ୍ଥା ମଧ୍ୟରୁ କେହି ଦେଖାଇପାରି ନାହାନ୍ତି । ବୈଧ ନିର୍ବାଚନ ରେକର୍ଡ ଏବଂ କାଗଜପତ୍ର ଦାଖଲ କରିବା ପାଇଁ ହକି ଇଣ୍ଡିଆ ଏଚ୍ଏଓକୁ ଦୁଇ ସପ୍ତାହ ସମୟ ଦେଇଛି । ଅନ୍ୟପକ୍ଷରେ, ଏହି ଯାଞ୍ଚ ପ୍ରକ୍ରିୟାକୁ ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ସ୍ୱାଗତ କରିବା ସହ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ରାଜ୍ୟର ହକି ପ୍ରଶାସନରେ ସ୍ୱଚ୍ଛତା ଫେରାଇ ଆଣିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ଗୁରୁଜଙ୍ଗ ପ୍ରିମିୟର ଲିଗ ଉଦଘାଟିତ : ଯଦୁପୁର ବ୍ଲାଷ୍ଟର ବିଜୟୀ



ଖୋର୍ଦ୍ଧା,୮।୧୦(ସବ୍ୟୁ): ଖୋର୍ଦ୍ଧା ଉପଖଣ୍ଡ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ପ୍ରିମିୟର ଲିଗ ର ଉଦ୍ଘାଟନୀ ମ୍ୟାଚ ରେ ବାଲୁଙ୍କେଶ୍ୱର ୱାରୀୟର୍ସ, ଟମାଣ୍ଡୋ ଦଳ କୁ ଯଦୁପୁର ବ୍ଲାଷ୍ଟର୍ସ ଦଳ ୩୫ ରନ ରେ ପରାସ୍ତ କରିଛି।ପ୍ରଥମେ ଟସ ରେ ଜିତି ଯଦୁପୁର ଦଳ ସମସ୍ତ ୱିକେଟ ହରାଇ ୧୫୪ ରନ କରିଥିଲେ। ଏମ ଡ଼ି ତବରେଜ ସର୍ବାଧିକ ୩୩ରନ କରିଥିଲେ। ଟମାଣ୍ଡୋ ଦଳର ସିପୁନ ପଟ୍ଟନାୟକ ୩ ଟି ୱିକେଟ ନେଇଥିଲେ । ଜବାବରେ ଟମାଣ୍ଡୋ ଦଳ ସୁଶାନ୍ତ ପରିଡା ଙ୍କ ୩୨ ରନ ସହାୟତା ରେ ୧୧୯ ରନ ରେ ସୀମିତ ରହି ଏହି ମ୍ୟାଚ କୁ ୩୫ ରନ ରେ ପରାସ୍ତ ହୋଇଛି।ଆଜି ଉଦ୍ଘାଟନୀ ମ୍ୟାଚ ରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, କ୍ୟାପଟେନ ମନ୍ମଥ ରାଉତରାୟ, କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ଅଭିଷେକ ସିଂସାମନ୍ତ, ଖୋର୍ଦ୍ଧା ଛାତ୍ର ବିଜେଡି ସଭାପତି ଅମିତ କୁମାର ଦାସ, ୟୁଟ୍ୟୁବର ପ୍ରିୟଙ୍କା ଶତପଥି, ସ୍ୱରୂପ ମିଶ୍ର, ମଳୟେଶ ପ୍ରଧାନ, ବଦ୍ରିନାରାୟଣ ସାହୁ, ରବି ନାରାୟଣ ଜେନା, ବିକାଶ ଜେନା, ରାଜେଶ ପ୍ରଧାନ,ଏମ ଡି ତବରେଜ, ସୁକାନ୍ତ ପାତ୍ର, କାଜଲ ବଳିୟାରସିଂ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।ଶ୍ରେଷ୍ଠ ଖେଳାଳୀ ଭାବେ ଏମ ଡ଼ି ତବରେଜ ଙ୍କୁ ବରିଷ୍ଠ ଖେଳାଳୀ ରବିନାରାୟଣ ରାଉତରାୟ ଓ ରଞ୍ଜନ ନନ୍ଦ ପୁରସ୍କୃତ କରିଥିଲେ। ଆଜିର ମ୍ୟାଚ କୁ ସାନୁଜ ବିଶ୍ୱାଳ, ଜୟନ୍ତ ମାର୍ଥା, ପ୍ରକାଶ କୁମାର ସାହୁ, ସୂର୍ଯ୍ୟକାନ୍ତ ଗୁମାନସିଂ ପ୍ରମୁଖ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ରାଜେନ୍ଦ୍ର କୁମାର ବେହେରା ଦାଇତ୍ୱ ନେଇଥିଲେ। ମ୍ୟାଚ କୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସୁଜିତ ପରିଡା ସଂଯୋଜନା କରିଥିଲେ।

# ଡିଏଭି ସ୍କୁଲ ଜୋନ୍‌ସ୍ତରୀୟ ସନ୍ତରଣ ପ୍ରତିଯୋଗିତା

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଡିଏଭି ପବ୍ଲିକ ସ୍କୁଲ କ୍ଲଷ୍ଟର ଓ ଜୋନାଲସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି । ଡିଏଭି ଏସସିବି ମେଡିକାଲ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଏହି ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ଉଭୟ ବାଳକ ଓ ବାଳିକା ବର୍ଗରେ ୫୦ରୁ ଉର୍ଦ୍ଧ୍ୱର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ୧୭ବର୍ଷରୁ କମ୍ (ବାଳକ) ବର୍ଗରେ ଡିଏଭି, ପୁରୀ ଚମ୍ପିଅନ୍ ଆଖ୍ୟା ଅର୍ଜନ କରିଥିବାବେଳେ ଇଫ୍କୋ, ପାରାଦୀପ ରନର୍ସସପ୍, ୧୪ବର୍ଷରୁ କମ୍ (ବାଳକ) ବର୍ଗରେ ଆଇଟିପିଏସ୍, ବନହରପଲ୍ଲୀ ଚାମ୍ପିଅନ୍ ଓ ଡିଏଭି, ପୁରୀ ରନର୍ସସପ୍ ହୋଇଥିଲେ । ସେହିପରି ୧୪ବର୍ଷରୁ କମ୍ ( ବାଳିକା) ବର୍ଗରେ ଡିଏଭି, ପୁରୀ ଚମ୍ପିୟନ୍ ଓ ଡିଏଭି ,ୟୁନିଟ୍ -୮ ଭୁବନେଶ୍ୱର ଏବଂ ଆଇଟିପିଏସ୍, ବନହରପଲ୍ଲୀ ଯୁଗ୍ମ ରନର୍ସସପ୍ ଟ୍ରଫି ହାସଲ କରିଥିଲେ । ଉଭୟ ବାଳକ ଓ ବାଳିକା ବର୍ଗରେ ଡିଏଭି, ପୁରୀ ଚମ୍ପିୟନ୍ ହେବାର ଗୌରବ ହାସଲ କରିଥିଲେ । ଡିଏଭି ଏସ୍‌ସିବି ମେଡିକାଲ ସ୍କୁଲ ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା ଓ ରନର୍ସସପ୍‌ଙ୍କୁ ଟ୍ରଫି ପ୍ରଦାନ କରି




ବିଭିନ୍ନ କ୍ଷେତ୍ରରେ ଡିଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ କୃତିତ୍ୱ ପ୍ରଶଂସନୀୟ ବୋଲି କହିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କ୍ରୀଡା ନିର୍ଦ୍ଦେଶକ ଡ. ନବକିଶୋର ମିଶ୍ର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।

# ପାରା କ୍ରୀଡ଼ାବିତଙ୍କ ବିକାଶରେ 'ପାରାସିଙ୍କ'




ଭୁବନେଶ୍ୱର,୮।୧୦(ସବ୍ୟୁ): ପାରା କ୍ରୀଡ଼ାବିତଙ୍କ ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଓ ବିକାଶ କ୍ଷେତ୍ରରେ ପ୍ରଯୁକ୍ତିର ନୂଆ ବ୍ୟବହାର ଆଣିବାକୁ ଉଦ୍ୟମ କରିଛନ୍ତି ଓଡ଼ିଶାର ଦୁଇ ଯୁବକ। ୨୧ ବର୍ଷୀୟ ଭଟାଲା ହାରିକା ଓ ୨୦ ବର୍ଷୀୟ ରିତେଶ ରାଉତରାୟଙ୍କ ଉଦ୍ଭାବନ 'ପାରାସିଙ୍କ' ଏବେ 'ସାମସଙ୍ଗ ସଲ୍ଭ ଫର୍ ଟୁମୋରୋ-୨୦୨୬'ର ଶ୍ରେଷ୍ଠ ୨୦ଟି ଉଦ୍ଭାବନ ମଧ୍ୟରେ ସ୍ଥାନ ପାଇଛି। ପାରା କ୍ରୀଡ଼ାବିତଙ୍କ ପାଇଁ ଏହି ଏଆଇ-ଚାଳିତ ପ୍ଲାଟଫର୍ମକୁ ଏକ ସମ୍ଭାବ୍ୟ ଡିଜିଟାଲ୍ ସହାୟକ ବ୍ୟବସ୍ଥା ଭାବେ ବିକଶିତ କରାଯାଉଛି। ସୁନ୍ଦରଗଡ଼ର ସମାନ କଲେଜରେ ପଢୁଥିବା ହାରିକା ଓ ରିତେଶ ପୂର୍ବରୁ ବନ୍ଧୁ ଥିଲେ। ଏକ ଯାତ୍ରା ସମୟରେ ପାରା କ୍ରୀଡ଼ାବିତମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ନେଇ ଦୁହେଁ ଆଲୋଚନା କରିଥିଲେ। ସେହି ଆଲୋଚନାରୁ ହିଁ ଏକ ପ୍ରଯୁକ୍ତିଭିତ୍ତିକ ସମାଧାନର ଚିନ୍ତାଧାରା ଜନ୍ମ ନେଇଥିଲା। ପରେ ଏହି ବିଚାରକୁ ରୂପ ଦେଇ ସେମାନେ 'ଟିମ୍ କୋଡ୍ ବ୍ଲଡେଡ୍' ମାଧ୍ୟମରେ 'ପାରାସିଙ୍କ' ପ୍ରସ୍ତୁତ କରିଛନ୍ତି। 'ପାରାସିଙ୍କ' ହେଉଛି ଏକ ଏଆଇ-ପରିଚାଳିତ ପ୍ଲାଟଫର୍ମ, ଯାହା ପାରା କ୍ରୀଡ଼ାବିତଙ୍କ ପ୍ରତିଭା ଚିହ୍ନଟ ଓ ସେମାନଙ୍କୁ ଉପଯୁକ୍ତ ସହଯୋଗ ସହ ଯୋଡ଼ିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଛି। ଏଥିରେ ଜଣେ ପାରା କ୍ରୀଡ଼ାବିତ ନିଜ ସ୍ମାର୍ଟଫୋନ୍ରେ ନିଜର କ୍ରୀଡ଼ା ପ୍ରଦର୍ଶନର ୧୦ରୁ ୨୦ ମିନିଟ୍ର ଭିଡିଓ ରେକର୍ଡ କରି ଅପ୍ଲୋଡ୍ କରିପାରିବେ। ଏହି ଭିଡିଓକୁ ପ୍ଲାଟଫର୍ମର କମ୍ପ୍ୟୁଟର ଭିଜନ୍ ସିଷ୍ଟମ୍ ବିଶ୍ଳେଷଣ କରିବ। କ୍ରୀଡ଼ା ପ୍ରଦର୍ଶନର ବିଭିନ୍ନ ଦିଗ ସହ ଶାରୀରିକ ଚଳନ ଓ ମେକାନିକ୍ସକୁ ଅନୁଧ୍ୟାନ କରି ତଥ୍ୟ ପ୍ରସ୍ତୁତ କରିବା ଏହି ବ୍ୟବସ୍ଥାର ଅଂଶ। ଏହା ମାଧ୍ୟମରେ ଉଦୀୟମାନ ପାରା କ୍ରୀଡ଼ାବିତଙ୍କୁ ଜାତୀୟସ୍ତରୀୟ ପ୍ରତିଭା ଅନ୍ୱେଷଣକାରୀ ବା ଟାଲେଣ୍ଟ ସ୍କାଉଟ୍ଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ 'ପାରାସିଙ୍କ'ରେ ବ୍ୟକ୍ତିଗତ ୱାର୍ମଅପ୍ ରୁଟିନ୍, ସ୍ୱୟଂଚାଳିତ ପ୍ରଗତି ଟ୍ରାକିଂ ଏବଂ କ୍ରୀଡ଼ାବିତଙ୍କ ରେକର୍ଡ ସୁରକ୍ଷିତ ରଖିବା ଭଳି ବ୍ୟବସ୍ଥାର ଯୋଜନା ରହିଛି। ଏହି ତଥ୍ୟ ଭବିଷ୍ୟତରେ କ୍ରୀଡ଼ାବିତଙ୍କ ମେଡିକାଲ୍ ସ୍କ୍ରିନିଂ ଓ ବିକାଶ ପ୍ରକ୍ରିୟାରେ ସହାୟକ ହୋଇପାରେ। ଏହି ପ୍ରକଳ୍ପ ସମ୍ପର୍କରେ ଭଟାଲା ହାରିକା କହିଛନ୍ତି, ପାରା କ୍ରୀଡ଼ାବିତଙ୍କ ସମ୍ମୁଖୀନ ହେଉଥିବା ବାସ୍ତବ ସମସ୍ୟାର ସମାଧାନ ଖୋଜିବା ହିଁ ସେମାନଙ୍କର ମୂଳ ଉଦ୍ଦେଶ୍ୟ ଥିଲା। ବଜାରରେ ବିଭିନ୍ନ ପ୍ରକାରର ଫିଟ୍ନେସ୍ ଓ କ୍ରୀଡ଼ା ସମ୍ପର୍କିତ ମଡେଲ୍ ଥିଲେ ମଧ୍ୟ ପାରା କ୍ରୀଡ଼ାବିତଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ନେଇ ବ୍ୟକ୍ତିଗତ ସମାଧାନର ଆବଶ୍ୟକତା ସେମାନେ ଅନୁଭବ କରିଥିଲେ। 'ସାମସଙ୍ଗ ସଲ୍ଭ ଫର୍ ଟୁମୋରୋ'ର ବୁଟ୍କ୍ୟାମ୍ପ ଏହି ଚିନ୍ତାଧାରାକୁ ଆହୁରି ବ୍ୟାପକ କରିବାରେ ସହାୟକ ହୋଇଥିଲା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି